ନବ ଉଷାର ସଙ୍ଗୀତ

ପ୍ରସାଦ

Digitized by srujanika@gmail.com

ନବ ଉଷାର ସଙ୍ଗୀତ

ପ୍ରସାଦ

ନିଉ ଲାଇଟ ସୋସାଇଟି
ମାତୃଭବନ
ଶ୍ରୀଅରବିନ୍ଦ ମାର୍ଗ, କଟକ - ୧୩

Digitized by srujanika@gmail.com

ଉତ୍ସର୍ଗ

ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଜାଣିବା ପରେ, ସେମାନଙ୍କ ନିମନ୍ତେ ସମସ୍ତ ଜୀବନ ଉତ୍ସର୍ଗ କରି କାର୍ଯ୍ୟ କରିବା ପାଇଁ ଯେଉଁ ଦୁଇଜଣ ଓଡ଼ିଶାର ଆଧାତ୍ମିକ ଆକାଶର ଉଜ୍ଜ୍ୱଳ ନକ୍ଷତ୍ର ମୋତେ ପ୍ରେରଣା ଦେଇଛନ୍ତି, ହାତଧରି ସେଇବାଟେ ଚାଲିବା ପାଇଁ ପଥ ନିର୍ଦ୍ଦେଶ କରିଯାଇଛନ୍ତି- ସେଇ ଦୁଇ ମହାମାନବ ମୋର **ପରମପୂଜ୍ୟ ବାବାଜୀ ମହାରାଜ ଶ୍ରୀ ରାମକୃଷ୍ଣ ଦାସ** ଏବଂ **ଅଧ୍ୟାପକ ପ୍ରପତ୍ତି ମହାଶୟଙ୍କ** ପବିତ୍ର ସ୍ମୃତିରେ "ନବଉଷାର ସଙ୍ଗୀତ" କୁ ମୁଁ କୃତଜ୍ଞତାର ସହ ଉତ୍ସର୍ଗ କରୁଛି ।

ପ୍ରସାଦ

ନବ ଉଷାର ସଙ୍ଗୀତ

ରଚନା — ପ୍ରସାଦ ତ୍ରିପାଠୀ

ପ୍ରକାଶକ — ନିଉ ଲାଇଟ ସୋସାଇଟି, ମାତୃଭବନ, କଟକ - ୧୩

ପ୍ରଥମ ପ୍ରକାଶନ — ଏପ୍ରିଲ ୪, ୨୦୦୬

ଦ୍ୱିତୀୟ ସଂସ୍କରଣ : ୧୦.୧୦.୨୦୧୦

ମୁଦ୍ରଣ — ଗ୍ରାଫିକ ଆର୍ଟ ଅଫସେଟ୍ ପ୍ରେସ, କଟକ

ମୂଲ୍ୟ — ୭୫ ଟଙ୍କା

Digitized by srujanika@gmail.com

ମୁଖବନ୍ଧ

ମହାଭକ୍ତ ଦେବର୍ଷି ନାରଦ ଦିନେ ଭଗବାନଙ୍କୁ ସାଶ୍ରୁଲୋଚନରେ ଜଣାଇଲେ - ନାରାୟଣ, ମୋ ଭଳି ଅଧମ ଏ ତ୍ରିଭୁବନରେ କେହି ନାହିଁ। କାରଣ ମୁଁ ସର୍ବଦା ତ୍ରିଭୁବନରେ କେବଳ ଘୁରିବୁଲୁଛି - ମୋର ଯଜ୍ଞ ନାହିଁ - ତପସ୍ୟା ନାହିଁ - ଧ୍ୟାନ ନାହିଁ - ସମାଧି ନାହିଁ - କିଛି ସାଧନା ନାହିଁ। ମୁଁ କିପରି ଆପଣଙ୍କୁ ପ୍ରାପ୍ତ ହେବି ?

ଭଗବାନ କହିଲେ, ନାରଦ ! ମୁଁ କେବେ ବୈକୁଣ୍ଠରେ ରହିପାରେନା - କି ଯୋଗୀ ମୁନିଙ୍କ ହୃଦୟରେ ରହିପାରେନା - ଯେତେବେଳେ ମୁଁ ଭକ୍ତମାନଙ୍କ କଣ୍ଠରେ ମୋର ଲୀଳା ପ୍ରସଙ୍ଗ ବା ମୋର ରୂପଗୁଣ ଓ ମହିମା କୀର୍ତ୍ତନ ବା ଗାନ ହେଉଥିବାର ଶୁଣେ ସେହି ସ୍ଥାନରେ ରହିଯାଏ। ତୁମେ ଅହରହ ମୋର ନାମ ଓ ଗୁଣ କୀର୍ତ୍ତନ କରି ଚାଲିଛ। ତେଣୁ ମୁଁ ସର୍ବଦା ସେଥିରେ ମୋହିତ ହୋଇ ତୁମ ହୃଦୟରେ ରହିଛି। ତେଣୁ ତୁମର ଅହରହ ଭ୍ରମଣ ଭିତରେ ବି ମୋତେ ହୃଦୟରେ ଧାରଣ କରି ଚାଲିଛ।

ଏହି କଥାରେ ଏକ ମହାନ୍ ସତ୍ୟ ରହିଛି। ତାହା ହେଲା- ଈଶ୍ୱରଙ୍କ ରୂପ ନାମ ବା ଗୁଣ ବା ଲୀଳା ଭଜନ କୀର୍ତ୍ତନ କଲେ ଭଗବଦ୍-ଉପଲବ୍ଧି ସହଜରେ ହୋଇଥାଏ। ଓଡ଼ିଆ ଭାଷାରେ ଆମର ପ୍ରାଚୀନ ଓ ମଧ୍ୟଯୁଗୀୟ ଭକ୍ତ କବିମାନେ ବହୁ ହୃଦୟସ୍ପର୍ଶୀ ସ୍ତୁତି, ଭଜନ, କୀର୍ତ୍ତନ ଜଣାଣମାନ ଲେଖି ଯାଇଛନ୍ତି।

ଆଧୁନିକ ଯୁଗରେ ମଧ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ନେଇ ବହୁ ଭଜନ ଲେଖାଯାଇଛି। ମାତ୍ର ସେଗୁଡ଼ିକରୁ ଅଧିକାଂଶ ଶୁଦ୍ଧ ଭକ୍ତି - ଆବେଗ ଦ୍ୱାରା ଅନୁପ୍ରେରିତ ନୁହେଁ। ତେଣୁ ଶ୍ରୋତାମାନଙ୍କ ମନରେ ତାହା ଆଦୌ ଭକ୍ତିର ସ୍ପନ୍ଦନ ସୃଷ୍ଟିକରେ ନାହିଁ, କି ଧ୍ୟାନ ସମାଧିର ସ୍ଥିର ପ୍ରଶାନ୍ତି ସୃଷ୍ଟିକରେ ନାହିଁ।

Digitized by srujanika@gmail.com

ଯୁଗାବତାର ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ନେଇ ମଧ୍ୟ କେତେ ଭଜନ ଲେଖାଯାଇଛି। କିନ୍ତୁ ସେଗୁଡ଼ିକ ଭିତରୁ ଅଧିକାଂଶ ଅତି ଗତାନୁଗତିକ ଏବଂ ଆମ ଭଜନ ପରମ୍ପରାର ବିକୃତ ଅନୁକରଣ ବୋଲି ମନେହୁଏ। ପ୍ରକାଶ ଥାଉକି - ଯେଉଁମାନେ ଶ୍ରୀମା'ଙ୍କ 'ଧ୍ୟାନ ଓ ପ୍ରାର୍ଥନା' ପଢ଼ିଥିବେ ସେମାନେ ନିଶ୍ଚୟ ବୁଝିଥିବେ ଯେ ମା'ଙ୍କର ଏଇ ଧ୍ୟାନ ପ୍ରାର୍ଥନା ଗୁଡ଼ିକରେ ଭଗବାନଙ୍କ ପ୍ରତି ପ୍ରେମଭକ୍ତିର ମହାଭାବାବେଗ ରହିଛି ଏବଂ ତା' ସହିତ ମଧ୍ୟ ରହିଛି ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନର କେତେକ ସକ୍ରିୟାତ୍ମକ ଇଙ୍ଗିତ ଏବଂ ଏକ ବିଶ୍ୱଜନୀନ ଆକୁତି।

କହିବାରେ ଦ୍ୱିଧା ନାହିଁ ଯେ, ଏହିଭଳି ଭାବ ଓ ଗୁଣ ବହନ କରୁଥିବା ଭଜନ ଆମ ଗୋଷ୍ଠିରେ ଶାନ୍ତି ମହାନ୍ତି, ରବୀନ୍ଦ୍ର କୁମାର ପାଢ଼ୀ, ଅର୍ଚ୍ଚନା ନାୟକ ଓ ପ୍ରସାଦ ତ୍ରିପାଠୀ ହିଁ ଲେଖିଛନ୍ତି। ମୁଁ ଯାହା ବୁଝିଛି - ରବି ପାଢ଼ୀ ଓ ଶାନ୍ତି ମହାନ୍ତିଙ୍କ ଭଜନଗୁଡ଼ିକରେ ଏକ ଆଧ୍ୟାତ୍ମିକ ପ୍ରେମ ଭକ୍ତିର ସ୍ରୋତ ଉଚ୍ଛଳ ହୋଇ ବହିଯାଇଛି। ଅର୍ଚ୍ଚନାଙ୍କ ଭଜନଗୁଡ଼ିକ ଶୁଣିଲେ ଶ୍ରୋତା ଆପେ ଆପେ ଧ୍ୟାନସ୍ଥ ହୋଇଯାଏ। କିନ୍ତୁ ପ୍ରସାଦଙ୍କ ଭଜନଗୁଡ଼ିକ ଆମକୁ ଶ୍ରୀଅରବିନ୍ଦଙ୍କ ଯୋଗ-ମାର୍ଗରେ ଗତି କରିବା ପାଇଁ କେବଳ ପ୍ରବର୍ତ୍ତାଏ ନାହିଁ- ଆମକୁ ମାର୍ଗ-ନିର୍ଦ୍ଦେଶ ମଧ୍ୟ ଦେଇଥାଏ। ଏ ଦୃଷ୍ଟିରୁ ପ୍ରସାଦଙ୍କ ଭଜନଗୁଡ଼ିକର ଏକ ସ୍ୱାତନ୍ତ୍ର୍ୟ ଅଛି। ଆମର ଏଇ ପଞ୍ଚଭୌତିକ ଶରୀର ଓ ତହିଁ ନିହିତ ଏକ ସାଧାରଣ ପ୍ରାଣ ଏବଂ ଏକ ସାଧାରଣ ମନକୁ କିପରି ଦିବ୍ୟ ଚେତନାରେ ରୂପାନ୍ତରିତ କରିବାକୁ ହେବ - ପ୍ରସାଦଙ୍କ ଭଜନଗୁଡ଼ିକ ଶୁଣିଲେ ତାହା ସ୍ୱତଃ ସହଜରେ ବୁଝିହୋଇଯାଏ।

ପ୍ରସାଦଙ୍କ ଲିଖିତ ମାତୃଭଜନଗୁଡ଼ିକର ଏକ ପ୍ରକାଶୋନ୍ମୁଖ ସଙ୍କଳନ "ନବଉଷାର ସଙ୍ଗୀତ"ର ପାଣ୍ଡୁଲିପି ପଢ଼ି ମୁଁ ଖୁବ୍ ପ୍ରୀତ ହୋଇଛି। "ପୁଷ୍ପାଞ୍ଜଳି" ରେ ସେ ମା'ଙ୍କ ସ୍ୱର ସହିତ ଆପଣା ସ୍ୱରର ସଙ୍ଗତି ପ୍ରାର୍ଥନା କରିଛନ୍ତି। ମା'ଙ୍କ ଦୃଷ୍ଟିରେ ଏ ସଂସାରକୁ ଓ ଜୀବନକୁ ଦେଖିବାକୁ ପ୍ରାର୍ଥନା

Digitized by srujanika@gmail.com

କରିଛନ୍ତି । କେତେବେଳେ ପୁଣି କବି ମା'ଙ୍କ ପାଖେ କୃତଜ୍ଞତା ଜଣାଇଛନ୍ତି ମା'ଙ୍କ ଶ୍ରୀଚରଣରେ ନିଜକୁ ନିବେଦିତ କରି ଦେଇଛନ୍ତି ଫୁଲଟିଏ ଭଳି ।

କେବେ ପୁଣି କବି ମା'ଙ୍କୁ ଭୁଲିଯାଇଛନ୍ତି ବୋଲି ଭାବି ଅନୁଶୋଚନା କରୁକରୁ ମା'ଙ୍କଠାରୁ ଏକ ନୀରବ ଆଶ୍ୱାସନା ବାଣୀ ଶୁଣିଛନ୍ତି - କବିଙ୍କ ମଥାକୁ ଆଉଁସି ମା' ଶବ୍ଦହୀନ ବାକ୍ୟରେ କହୁଛନ୍ତି - "କର୍ମେ ଘାରିହୋଇ ତୁ ପଛେ ଭୁଲିଯା ମୁଁ ଭୁଲିବି କେଉଁ ଭଳି- ମୁଁ ଭୁଲିଲେ ଥରେ ଏଇ ସଂସାରରେ କେହିକି ପାରିବେ ଚଳି ?"

ଆଉ କେତେବେଳେ କବି ପରମ କୃତଜ୍ଞତା ବୋଧରେ ବିଗଳିତ ହୋଇ କହୁଛନ୍ତି - "ଦୁଃଖ ଅବା ସୁଖ ଜୟ ପରାଜୟ- କରୁଣା ତୁମର କରିଛି ନିର୍ଭୟ- ଆଉ କାହିଁ କିଆଁ ଡରିବି କାହାକୁ ତୁମ ପରା ସାଥୀ ଥାଇ ?"

ମା'ଙ୍କ ଉପରେ ବା ପ୍ରଭୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ଦୃଢ଼ ହେଲେ ଯାଇ ଭକ୍ତର ହୃଦୟରୁ ନିଃସରି ଯାଏ - "ଅନ୍ଧକାର ଯେବେ ଦିଶେ ଭୟଙ୍କର- ଜାଣିଅଛି ତାହା ନୁହେଁ ଚିରକାଳ- ସବୁ ଦୁଃଖ ମୋର ପାଣି ଫାଟିଯାଏ ତୁମ ମୁଖ ଦେଲେ ଚାହିଁ- ମା ! ତୁମ ନାମ ଗାଇ ଗାଇ ।"

ଏହିପରି ଭାବେ କବି ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ନିକଟରେ ନିଜର ପ୍ରଜ୍ୱଳନ୍ତ ଅଭୀପ୍ସା, ଆକୁତି, ସମର୍ପଣ ଓ ବିଶ୍ୱାସ ଭକ୍ତି - ଅର୍ଘ୍ୟ ବାଢ଼ିଛନ୍ତି । ପ୍ରତିଟି ଭଜନ ଭିତରେ ତେଣୁ ଏକ ସାଧନାର ମାର୍ଗ ବା ପ୍ରଣାଳୀ ଛାଏଁ ଛାଏଁ ଉନ୍ମୋଚିତ ହୋଇଯାଇଛି । ଏହା ବ୍ୟତୀତ ଏହି ପୁସ୍ତକରେ ଆମ କିଶୋର ବୟସର ସାଧକ ସାଧିକା ମାନଙ୍କ ଉପଯୋଗୀ କେତେକ ସଙ୍ଗୀତ ରହିଛି । ଏଗୁଡ଼ିକ ଖୁବ୍ ଉପାଦେୟ ବୋଲି ମୋର ମନେହୁଏ । କାରଣ- ଆମର ଓଡ଼ିଶା ସାରା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ପାଇଁ ଏପରି ଭକ୍ତି ସଙ୍ଗୀତ ଆଉ କେହି ଲେଖି ନାହାନ୍ତି ।

ପୁଣି କହୁଛି- ପ୍ରସାଦଙ୍କର ଏହି ଭଜନଗୁଡ଼ିକ କେବଳ ଭକ୍ତି ବିହ୍ୱଳ ସଙ୍ଗୀତ ନୁହେଁ- ଏଗୁଡ଼ିକ ଭିତରେ ସାଧନା ପାଇଁ ପ୍ରଚୋଦନା ଅଛି ଏବଂ

Digitized by srujanika@gmail.com

ଉପାୟ ନିର୍ଦ୍ଦେଶ ମଧ୍ୟ ଅଛି। ତେଣୁ ଆମର ଓଡ଼ିଶାସାରା ପାଠଚକ୍ରଗୁଡ଼ିକ ପାଇଁ ଏହି ଭଜନଗୁଡ଼ିକର ଉପାଦେୟତା ଖୁବ୍ ବେଶୀ ବୋଲି ମୋର ମନେହୁଏ।

ପୂର୍ବରୁ କହିଛି ଯେ - ପ୍ରସାଦଙ୍କର ଏହି ଭଜନଗୁଡ଼ିକ ଭିତରୁ ଅନେକ ସାଧନା ଭିତ୍ତିକ ଭକ୍ତିମୂଳକ ଗୀତି-କବିତା ମଧ୍ୟ ରହିଛି ଏବଂ ଏହି ଗୀତି କବିତାଗୁଡ଼ିକୁ ମଧ୍ୟ ସ୍ୱର ଲୟ ଦେଇ ଗାନ କରାଯାଇପାରେ। ଏପରି କହିବାର କାରଣ ହେଲା - ପୁସ୍ତକର କେତେଗୁଡ଼ିଏ ଭଜନ ସ୍ୱର ମୂର୍ଚ୍ଛନା- ପ୍ରଧାନ ନୁହେଁ। ଅନେକ କବିତା ମଧ୍ୟ ଅର୍ଥ-ପ୍ରଧାନ ଓ ଚିନ୍ତା - ପ୍ରଧାନ। କିନ୍ତୁ ତା' ହେଲେବି, ଏ ପୁସ୍ତକର ସମସ୍ତ ଗୀତି-କବିତା ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଯୋଗ-ସାଧନାରେ ଅଗ୍ରସର ହେବା ପାଇଁ ପଥ-ନିର୍ଦ୍ଦେଶକ ହେବା ସଙ୍ଗେ ସଙ୍ଗେ ଉତ୍ସାହ ଓ ପ୍ରଚୋଦନାର ଭାବାବେଗ ସୃଷ୍ଟିକରିବାରେ ଯେ ସକ୍ଷମ ହୋଇ ପାରିଛନ୍ତି ଏଥିରେ ସନ୍ଦେହ ନାହିଁ। ପୁସ୍ତକରେ ଥିବା ଏକ ଉଲ୍ଲେଖଯୋଗ୍ୟ କବିତା ପ୍ରତି ମଧ୍ୟ ମୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ତାହା ହେଲା - ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ପର୍କରେ "ମଧୁରାଷ୍ଟକ"। ଏହାକୁ ମିଳିତଭାବେ ଗାନକଲେ ଦେହ, ପ୍ରାଣ ମନରେ ଏକ ଅପୂର୍ବ ପ୍ରେମଭକ୍ତିର ପୁଲକ ଜାତ ହୁଏ।

ମୁଁ ଆଶା କରୁଛି - ଆମର ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଗୁଡ଼ିକରେ ଓ ପାଠଚକ୍ରଗୁଡ଼ିକରେ ଏହି ଗୀତି କବିତା ଓ ଭଜନଗୁଡ଼ିକ ନିଶ୍ଚୟ ବହୁଳ ଭାବେ ଆଦୃତ ହେବ।

ଶ୍ରୀମା'ଙ୍କର ସାରସ୍ୱତ ଚେତନାରେ ପ୍ରସାଦଙ୍କ ହୃଦୟ ଏହିପରି ଭାବେ ସର୍ବଦା ଉଦ୍‌ବୁଦ୍ଧ ଥାଉ- ମୁଁ ଏତିକି କାମନା କରୁଛି।

ତା୩୧.୦୩.୦୬

ମହାପାତ୍ର ନୀଳମଣି ସାହୁ
୭୮୭- ଆକାଶ ପାତାଳ, ସହୀଦନଗର, ଭୁବନେଶ୍ୱର-୭୫୧୦୦୭

Digitized by srujanika@gmail.com

ଆତ୍ମ କଥନ

ସଙ୍ଗୀତ ସମ୍ପର୍କରେ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ। କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନଥାଇ, ଗମ୍ଭୀର ପ୍ରୟାସ ନଥାଇ, ଉଚ୍ଚ ଆକାଂକ୍ଷା ନଥାଇ ମୁଁ ସଙ୍ଗୀତ ଲେଖିଛି।

ସେ ବର୍ଷ ଏପ୍ରିଲ ସମ୍ମିଳନୀରେ ଗୋଟିଏ ମାତୃ ବନ୍ଦନା ଗାନକରିବା ପାଇଁ କଲ୍ୟାଣୀୟା ବେବୀ (ବନ୍ଦିତା ରାୟ) ଗୋଟିଏ ବନ୍ଦନା ଲେଖିଦେବା ପାଇଁ ମୋତେ ଅନୁରୋଧ କଲା। ଇଂରାଜୀରେ ସାବିତ୍ରୀ ମହାକାବ୍ୟରୁ ଆବୃତ୍ତି ହେବ ଗୋଟିଏ ଅନୁଚ୍ଛେଦ ଯେଉଁଠାରେ ସାବିତ୍ରୀଙ୍କୁ ଧରାପୃଷ୍ଠରେ ଅବତରଣ କରାଇବା ପାଇଁ ପ୍ରକୃତି ଆକୁଳ ପ୍ରାର୍ଥନା କରୁଛି। ସାବିତ୍ରୀ ଆବୃତ୍ତି ପରେ ଠିକ୍ ସେଇ ମର୍ମରେ ଗୋଟିଏ ମାତୃବନ୍ଦନା ଗାନକରିବା ଦରକାର। ତେଣୁ ମୋତେ ଦୁଇଧାଡ଼ି ଲେଖିଦେବାକୁ ହେବ। ମାତ୍ର ଦୁଇମିନିଟ୍ ମଧ୍ୟରେ ଲେଖିଥିଲି, "ମଧୁମୟୀ ମା, ଏଇ ଧରାଧାମେ ଅବତରି ଆସ ବାରେ।"

ସେଇ ଗୀତକୁ ସମ୍ମାନନୀୟ ଶ୍ରୀଯୁକ୍ତ ପ୍ରଫୁଲ୍ଲ ରାୟ ସ୍ୱର ଦେଲେ ଏବଂ ତାଙ୍କର କନ୍ୟା ବେବୀ ଗାଇଲା, ଗୀତଟି ମାତୃଭକ୍ତମାନଙ୍କ ଦ୍ୱାରା ଆଦୃତ ହେଲା। ଏ ପର୍ଯ୍ୟନ୍ତ ମଧ୍ୟ ବେବୀକୁ ସେ ଗୀତଟି ଗାଇବା ପାଇଁ ଅନେକ ଅନୁରୋଧ କରାଯାଉଛି। ମାତ୍ର ମୋତେ ତାହା ଲେଖିବା ପାଇଁ କୌଣସି ପ୍ରକାର ଉଦ୍ୟମ କରିବାକୁ ପଡ଼ିନାହିଁ।

ଏମିତି କିଛି କିଛି ଲେଖୁ ଲେଖୁ ସାକ୍ଷାତ ହୁଏ ନିରାକାର ସହ। ଏକ ଭିନ୍ନ ଉଦ୍ଦେଶ୍ୟ। ଏକ ଭିନ୍ନ ପ୍ରେରଣା। ନିରାକାରର ଅନୁରୋଧରେ ଲେଖିବାକୁ ହେଲା- "ନବକଳିକା, ନବ ପଲ୍ଲବ ଦେଖ-ଏବେ କାନନ ସାରା ଭରା ଉତ୍ସବ"।

Digitized by srujanika@gmail.com

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ପାଇଁ ଦରକାର ହେଲା ଆକସନ୍ ସଙ୍ଗ୍। ଦେଶାତ୍ମବୋଧକ ହିନ୍ଦି ଗୀତର ସ୍ୱରାରେ ଲେଖିଲି "ଆମ ଧର୍ମ ଦୁଃସାହସ, ବିପଦ ଆମର ସାଥୀ-ଆମେ ସଂଗ୍ରାମ କରିବୁ ସାରା ଦିବା ଆଉ ରାତ୍ରୀ"।

ସଙ୍ଗୀତ ଲେଖିବା ସାମର୍ଥ୍ୟ ଥିବା ସମାଜର ବିଶିଷ୍ଟ କବିମାନଙ୍କର କୃତିଗୁଡ଼ିକୁ ପଢ଼ିଲେ ମୋର ସଙ୍ଗୀତଗୁଡ଼ିକ ଯେ ଆଦୌ ତୁଳନୀୟ ନୁହେଁ - ଏଥିରେ ମୁଁ ନିଃସନ୍ଦେହ। ମାତ୍ର ତଥାପି ମୁଁ ଲେଖେ। ଭିନ୍ନ ଏକ ଉଦ୍ଦେଶ୍ୟରେ ଲେଖେ। ଜୀବନରେ ମା' ଓ ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିନେଲା ପରେ ଯେପରି ମୋର ସମସ୍ତ କିଛିକୁ ସେ ପରିଚାଳନା କରୁଥିବା ମୁଁ ଅନୁଭବ କରେ, ଠିକ୍ ସେମିତି ମୋର ସଙ୍ଗୀତ ଲେଖା ମଧ୍ୟ କେବଳ ସେଇମାନଙ୍କ ପାଇଁ।

ମାନବ ଜୀବନ ଲକ୍ଷ୍ୟହୀନ ନୁହେଁ, ଆମେ ପଥଭ୍ରଷ୍ଟ ନୋହୁଁ। ଏକ ନିର୍ଦ୍ଦିଷ୍ଟ ଆବଶ୍ୟକତାର ପରିପୂରଣ ନିମନ୍ତେ ଆମର ସମସ୍ତ ଜୀବନ ଉତ୍ସର୍ଗୀକୃତ।

ହତାଶା, ବିଷାଦ, ଅବସାଦ, ଭୟ, ଆଶଙ୍କା ପ୍ରଭୃତି ଶବ୍ଦ ଗୁଡ଼ିକ ଆମ ଅଭିଧାନର ବହିର୍ଭୂତ। ଆମ ପାଇଁ ଜୟ ପରାଜୟ, ସଫଳତା ବିଫଳତା ଇତ୍ୟାଦିର କିଛି ମାନେ ରହେନା। ଏକ ସକରାତ୍ମକ ଜୀବନଧାରା ହିଁ ଆମର ପ୍ରେରଣା। ମୋର ଚେତନ, ଅବଚେତନ, ଅଚେତନ ସମସ୍ତ ସମୟରେ ମୁଁ ଏହାହିଁ ଅନୁଭବ କରିଛି ଏବଂ ମୋର ପ୍ରତ୍ୟେକଟି ସଙ୍ଗୀତରେ ତାହାର ହିଁ ପ୍ରତିଫଳନ ଘଟିଛି।

ପ୍ରଥମରୁ ସମ୍ମାନାସ୍ପଦ ଶ୍ରୀ ପ୍ରଫୁଲ୍ଲ ରାୟ, ତାଙ୍କର ସୁଯୋଗ୍ୟା କନ୍ୟା ବନ୍ଦିତା (ବେବୀ) ତଥା ପୁତ୍ର କଲ୍ୟାଣୀୟ ପ୍ରଦୀପ (ଟୁଟୁ) ଏବଂ ପରେ ଓଡ଼ିଶାର ଶ୍ରୀମା ଶ୍ରୀଅରବିନ୍ଦଙ୍କ ଭାବଧାରା ପ୍ରସାରଣର ଅନ୍ୟତମ ସୁଯୋଗ୍ୟ ଦାୟାଦ ତଥା ଆଧ୍ୟାତ୍ମିକ ବରପୁତ୍ର କଲ୍ୟାଣୀୟ ନିରାକାର

Digitized by srujanika@gmail.com

ଏବଂ ସମସ୍ତଙ୍କର ଆଦରର କଲ୍ୟାଣୀୟ ଅମଜାଦ୍ ମୋର ସଙ୍ଗୀତ ଗୁଡ଼ିକରୁ କେତେଗୁଡ଼ିଏ ବାଛି ସେଗୁଡ଼ିକୁ ଓଡ଼ିଶାର ମାତୃସନ୍ତାନମାନଙ୍କ ନିକଟରେ କ୍ୟାସେଟ୍ ମାଧ୍ୟମରେ ପହଞ୍ଚାଇବାର ଅଭିପ୍ରାୟ ଜଣାଇଲେ। ପ୍ରସ୍ତାବ ମାମୁଙ୍କର ଅନୁମୋଦନ ପାଇବା ପରେ କ୍ୟାସେଟ୍ ତିଆରି ଆରମ୍ଭ ହେଲା। ଓଡ଼ିଶାର ଅନ୍ୟତମ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ରାଧାକାନ୍ତ ନନ୍ଦ (ହରିଭାଇ) ଏଥିରେ ସହଯୋଗ କଲେ। ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଶ୍ରୀ ସୁବାସ ଦାସ, ବେବୀ, ଅମଜାଦ୍, ରାଜଗାଙ୍ଗପୁରର ନମିତା, ନବରଙ୍ଗପୁରର ସୁରେଶ, ମାତୃଭବନର ନିବେଦିତା, ସୌମୀତ, ଶୁଭେନ୍ଦୁ, ପ୍ରିୟରଞ୍ଜନ, ପୁଷ୍ପଲତା (ମିଲି), ଢେଙ୍କାନାଳର ଆନି, ଗନାଇଲୋର ପ୍ରଣବୀ ପ୍ରଭୃତି କଣ୍ଠଶିଳ୍ପୀମାନେ ଏଇ କ୍ୟାସେଟ୍ ଗୁଡ଼ିକରେ କଣ୍ଠଦାନ କଲେ। ପ୍ରାୟ ୧୪ଟି ସମ୍ପୂର୍ଣ୍ଣ କ୍ୟାସେଟ୍ ଏବଂ ଅନ୍ୟ କେତୋଟି କ୍ୟାସେଟ୍‌ରେ ଆଂଶିକ ଭାବରେ ମୋର ଗୀତଗୁଡ଼ିକ ସ୍ଥାନ ପାଇଲା। ମାତ୍ର ନିରାକାରର ଅନୁରୋଧ "ସବୁଗୁଡ଼ିକ କ୍ୟାସେଟ୍‌ରେ ଆପଣଙ୍କ ଲିଖିତ ସଙ୍ଗୀତଗୁଡ଼ିକୁ ଏକତ୍ର କରି ଗୋଟିଏ ପୁସ୍ତକ ଆକାରରେ ପ୍ରକାଶ କରାଯିବ" ।

ନିରାକାରର ଅନୁରୋଧ ମତେ ଅଳି ଭଳି ଲାଗେ। କାରଣ ସେ କହିଦେଇ ବସିପଡ଼େନି। ସାନ ପିଲାମାନେ ଜିଦି କଲାପରି ସେ ପଛରେ ଲାଗିଥାଏ। ଏହିଭଳି ଚେଷ୍ଟା କରି ମୋ ହାତରେ ସେ ଶତାଧିକ ସଙ୍ଗୀତ ଲେଖାଇଛି। ବାସ୍ତବିକ ନିରାକାରର ଅଳିକୁ ଏଡ଼ାଇଯିବା ମୋ ପକ୍ଷରେ କେବେବି ସମ୍ଭବ ହୋଇନାହିଁ। ସେଇଥିପାଇଁ ଆଜିର ଏହି ପୁସ୍ତକ "ନବ ଉଷାର ସଙ୍ଗୀତ" । ନାମକରଣ କରିଛନ୍ତି ମାମୁ। ମୁଖବନ୍ଧ ଲେଖିଛନ୍ତି ମୋର ପରମପୂଜ୍ୟ ମଉସା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ।

Digitized by srujanika@gmail.com

ଏ ସମସ୍ତଙ୍କୁ ଏହି ପୁସ୍ତକଟିର ପ୍ରକାଶନ ଅବକାଶରେ ମୁଁ ସକୃତଜ୍ଞ ସ୍ମରଣ କରୁଛି ।

ପ୍ରସାଦ (ବାବୁଲି)

ତା.୪.୪.୨୦୦୬ ମାତୃଭବନ, କଟକ

ଦ୍ୱିତୀୟ ସଂସ୍କରଣର ଅବକାଶରେ

ଅନେକ ଦିନରୁ ପ୍ରଥମ ପ୍ରକାଶନ ଶେଷ ହୋଇଯାଇଥିଲେ ମଧ୍ୟ ସମୟ ଅଭାବରୁ ଦ୍ୱିତୀୟ ସଂସ୍କରଣ ପ୍ରକାଶନରେ ବିଳମ୍ବ ହେଲା । ଏହା ମଧ୍ୟରେ ଆଉ ପ୍ରାୟ ୧୨ଟି ଅର୍ଥାତ୍ ସମୁଦାୟ ୨୮ଟି କ୍ୟାସେଟ୍ ରେକର୍ଡ଼ିଂ ହୋଇ ସାରିଲାଣି । ଦ୍ୱିତୀୟ ସଂସ୍କରଣରେ ସେସବୁକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ୟମ କରାଯାଇଅଛି । କହିବା ବାହୁଲ୍ୟ, ବହିର ମୂଲ୍ୟ ମଧ୍ୟ ଅଧିକ କରିବାପାଇଁ ଆମେ ବାଧ୍ୟ ହୋଇଛୁ । ସଙ୍ଗୀତଗୁଡ଼ିକ ଅଧିକାଂଶ ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା/ଭାଇ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଦୃତ ହୋଇସାରିଛି । ତାହାହିଁ ଏହାର ପ୍ରାପ୍ୟ । ସମ୍ପୃକ୍ତ ସମସ୍ତଙ୍କୁ, ବିଶେଷକରି ଟିକିନା (ଢେଙ୍କାନାଳ), ପବିତ୍ର ଏବଂ ଲିଜା (କିଣ୍ଡିରା)ଙ୍କୁ ଏହି ଅବକାଶରେ ମୁଁ ଗଭୀର କୃତଜ୍ଞତା ଜଣାଉଛି ।

ବାବୁଲି ଭାଇ

ତା.୧୦.୧୦.୨୦୧୦ ମାତୃଭବନ, କଟକ

ସୂଚୀପତ୍ର

କୃତଜ୍ଞତା ୧

୧. ✦ ଜନନୀ ଗୋ ତୁମ

୨. ✦ କେହି କେବେ ମୋତେ

ପୁଷ୍ପାଞ୍ଜଳି ୩

୩. ✦ ସାରା ଭୁବନରେ ତୁମରି ବୀଣାର

୪. ✦ ଚରଣେ ତୁମରି କରୁଛି ପ୍ରଣତି

୫. ✦ ତୁମ ଚରଣେ ଦିଅ ଶରଣ

୬. ✦ ତୁମେ ମୋର ଆଶ୍ରୟଦାତା

୭. ✦ ଏ ସାରା ଜୀବନ ହେଉ ନିବେଦନ

୮. ✦ କେଉଁ ଭାବେ ତୁମେ ଆସିଲ

୯. ✦ ଏତେ ଦିନ କିଆଁ ଖୋଜିନି

୧୦. ✦ ଏଇ ସଂସାର ସାରା

ଆନନ୍ଦମୟୀ ୧୧

୧୧. ✦ ଏ ଜୀବନ ମୋର

ଶ୍ରଦ୍ଧା ୧୨

୧୨. ✦ ମଧୁମୟୀ ମା' ଏଇ ଧରାଧାମେ

୧୩. ✦ ଦରଶନ ତୁମ ପାଇବା ପାଇଁ କି

୧୪. ✦ ଦିଅ ମା' ମୋତେ ଦିଅ

୧୫. ✦ ନୟନ ମଧୁର ବଦନ ମଧୁର

୧୬. ✦ ତୁମେ ଆମ ଚିରସାଥୀ

Digitized by srujanika@gmail.com

୧୭. ✦ ସଚ୍ଚିଦାନନ୍ଦ ପ୍ରଭୁ ଶ୍ରୀଅରବିନ୍ଦ
୧୮. ✦ ଦିବ୍ୟ ଜନନୀଙ୍କର ଅପରୂପ ଶୋଭା
୧୯. ✦ ଯେଉଁ ଦିଗେ ଦେଖେ
ନବକଳିକା ୨୦
୨୦. ✦ ନବ କଳିକା ନବ ପଲ୍ଲବ
୨୧. ✦ ତୁମ ପାଇଁ ଆଜି ସବୁ ସୁନ୍ଦର
୨୨. ✦ ଆମେ କେତେ ଶୁଣିଛୁ
୨୩. ✦ କୋଟି ଜନମର ଫଳ
୨୪. ✦ ମାଗୋ ଦେଖାଉଛ ପଥ ମୋତେ
୨୫. ✦ ମଙ୍ଗଳମୟ ଧୀରେ ଧୀରେ
୨୬. ✦ ଥିରି ଥିରି ପାଦ ଚାଲି ଆସେ
୨୭. ✦ ନବ ସରଜନା ପାଇଁ
ପ୍ରଣାମ ୨୮
୨୮. ✦ ମୁଁ ଯେ ଦିବ୍ୟ ଜୀବନ ପାଇଁ
୨୯. ✦ ସରଗ ସମାନ ମମତା ଯାହାର
୩୦. ✦ ଅନ୍ତରରେ ମୋର ରହିଅଛ
୩୧. ✦ କେଉଁ କନ୍ଦରରେ ନେଲ
୩୨. ✦ ମା'ଗୋ ମହିମାମୟୀ ଚିର ପ୍ରଶାନ୍ତା
୩୩. ✦ ତୁମକୁ ସଂସାରେ ଦେଖିବା ପାଇଁକି
୩୪. ✦ ତୁମରି ହସର ପାଖୁଡ଼ାରେ ଆଜି
୩୫. ✦ ସଂସାର ବନ୍ଧନ କାରା

Digitized by srujanika@gmail.com

ସବୁଜ ଦୁନିଆଁ ୩୬

୩୬. ✦ ଶତ ଜନମର ପୁଣ୍ୟ ଫଳେ

୩୭. ✦ ଶରତ ଆକାଶେ ଦେଖ

୩୮. ✦ ମାଗିଥାଏ ଯାହା ତୁମକୁ ଜନନୀ

୩୯. ✦ ତୁମେ ମୋର ଜୀବନର

୪୦. ✦ ସବୁଜ ଦୁନିଆଁ

୪୧. ✦ ମା'ର ମମତା ଝରୁଥାଏ

୪୨. ✦ ମଧୁର ମଧୁର ବାଣୀ

୪୩. ✦ ପରଶେ କରୁଣା ତୁମର

ମମତାର ପ୍ରତିଛବି ୪୪

୪୪. ✦ ମା'ର କରୁଣା ଚିହ୍ନିବା ପାଇଁକି

୪୫. ✦ ରାତି ଗଲା ପାହି

୪୬. ✦ ସେ ଆଖିକୁ ଥରେ ଦେଲେ ଚାହିଁ

୪୭. ✦ ନ ଆସୁ ଏପରି ଦିନ

୪୮. ✦ ମା' ତୁମେ ମମତାର

୪୯. ✦ ସକଳ କଳୁଷ ଧୋଇଯାଉ

୫୦. ✦ ନିଜ ପାଇଁ କେବେ

୫୧. ✦ ତୁମଠାରୁ ଆଉ ପାଇବା ପାଇଁକି

କେବଳ ସତ୍ୟ ୫୨

୫୧. ✦ କେତେ ଶରଧାରେ କେତେ ନିବିଡ଼ରେ

୫୨. ✦ ଝଡ଼ ବତାସରେ ଶାନ୍ତ ରହି

୫୩. ✦ ମାଆଗୋ ମାଆଗୋ ପ୍ରେମର ସାଗର

Digitized by srujanika@gmail.com

୫୪. ✦ କୃପା ତୁମରି ଯାଏ ବରଷି
୫୫. ✦ କେବଳ ସତ୍ୟ
୫୬. ✦ ମନ ମର୍ମରେ ତୁମ ଛବି
୫୭. ✦ ମାଗିବା ଦରବ ତୁମେ ଦଉନ କିଛି
୫୮. ✦ ଅବତରି ଆସ ମା
ଆଶାର ଆକାଶ ୬୦
୫୯. ✦ ଆଶାର ଆକାଶ
୬୦. ✦ ଦେଖ ସମାଜ ବଦଳି ଯାଏ
୬୧. ✦ ଏବେ ଆଲୋକ ପଡୁଛି ଝରି
୬୨. ✦ ଜଗତରେ ନିରାପଦେ ଜୀବନ ବିତିବାକୁ
୬୩. ✦ ତୁମ ବିନା ନାହିଁ ମୂଲ୍ୟ
୬୪. ✦ ଅନେକ ବାର ମୁଁ ଖୋଜିଛି
୬୫. ✦ ଆଲୋକର ରାଇଜରେ
୬୬. ✦ ପାରୁଛ ଯଦି ଦିଅ
ଅଗ୍ନି ମନ୍ତ୍ର ୬୮
୬୭. ✦ ଏଇ ଜନମରେ ତୁମକୁ ପାଇଛି
୬୮. ✦ ପ୍ରଣମେ ତୁମ ଚରଣେ
୬୯. ✦ ଶ୍ରୀଅରବିନ୍ଦ ସହସ୍ର ଦିବାକର
୭୦. ✦ ରିମିଝିମି ବରଷାର ଶବଦ
୭୧. ✦ କେତେ ଯେ ଜନମ
୭୨. ✦ ତୁମକୁ ଜାଣିବି ବୋଲି

Digitized by srujanika@gmail.com

୭୩. ✦ ହେଲା କିଆଁ ଏପରି
୭୪. ✦ ଜୀବନ ଜଞ୍ଜାଳୁ ମୁକତି ପାଇଁକି
ଆକାଶର ତାରାମାନେ ୭୬
୭୫. ✦ ଆକାଶର ତାରାମାନେ
୭୬. ✦ ସବୁ ଦିନ ଯେପରି
୭୭. ✦ ବେଳେବେଳେ ଅବା କେମିତି
୭୮. ✦ ଆସଇ ସ୍ମରଣେ ତୁମରି ନୟନ
୭୯. ✦ ଦୃଷ୍ଟିରେ ଯାହା ଦେଖୁଛୁ ନିତ୍ୟ
୮୦. ✦ ରାତ୍ରୀର ସପନରେ
୮୧. ✦ ପଦ୍ମ ଫୁଟେ ପଙ୍କରେ
୮୨. ✦ ରିମ୍‌ଝିମ୍ ବର୍ଷା ପଡ଼େ ଝରି
ଦୁର୍ଜ୍ଜୟ ପଥର ଯାତ୍ରୀ ୮୪
୮୩. ✦ ସତ୍ୟର ସନ୍ଧାନୀ ଆମେ
୮୪. ✦ ଦେଲ ତୁମେ ଆମକୁ
୮୫. ✦ ଆମେରେ ମାତୃ ସନ୍ତାନ
୮୬. ✦ ପାଇବୁ ପାଇବୁ ଆମେ
୮୭. ✦ ଆମ ଧର୍ମ ଦୁଃସାହସ
୮୮. ✦ ଆସରେ ଯେତେ ଭଉଣୀ ଭାଇ
୮୯. ✦ ଗଢ଼ିଦେବାରେ ଆମେ
୯୦. ✦ ଜୀବନ ଏକ ସଂଗ୍ରାମ

Digitized by srujanika@gmail.com

ପ୍ରତିଶ୍ରୁତି ୯୬
୯୧. ✦ ପ୍ରଭୁ ହେ ଆଜି ପ୍ରଭାତେ
୯୨. ✦ କହିଅଛ ମାଆ
୯୩. ✦ ମା' ମଧୁମୟୀ ମା
୯୪. ✦ ଶିଶିର ବିନ୍ଦୁଟି
୯୫. ✦ ତୁମରି ସୌନ୍ଦର୍ଯ୍ୟ ରେଣୁ ରେଣୁ
୯୬. ✦ ଗଗନ ଭରା ମେଘ ପସରା
୯୭. ✦ ସେତିକି ବେଳେ ମୁଁ
୯୮. ✦ ସାଗରର ଭରା ଊର୍ମିରେ
ସବୁ କିଛି ସମ୍ଭବ ୧୦୪
୯୯. ✦ ଭାବୁ ଆମେ ସତେକି ଜଗତରେ ସମ୍ଭବ
୧୦୦. ✦ ତୁମ ସ୍ବର୍ଶେ ଯଦି
୧୦୧. ✦ ତୁମ ବିଜୟ ଅବାରିତ
୧୦୨. ✦ ତୁମେ ଅଛ ବୋଲି
୧୦୩. ✦ ଚାଲି ଶିଖିବା ଯାଏ ପଡୁତୁ ଆମେ
୧୦୪. ✦ ଭୁଲିପାରୁନୁ ପ୍ରଭୁ ତୁମରି ବାଣୀ
୧୦୫. ✦ ଜାଣିଚି ମା ମୋତେ କେତେ
୧୦୬. ✦ ତୁମେ ଯାହାର ଜୀବନ ସାଥୀ
ଆମେ ଆଲୋକ ସେନା ୧୧୨
୧୦୭. ✦ ଆମେ ଆଲୋକ ସେନା
୧୦୮. ✦ ନବ ସୃଷ୍ଟିର ଆମେ ସଚ୍ଚକ

Digitized by srujanika@gmail.com

୧୦୯. ✦ ଆମେରେ ଯେତେ ଭଉଣୀ ଭାଇ
୧୧୦. ✦ ଆମେରେ ବୀର ସନ୍ତାନ
୧୧୧. ✦ ଆଲୋକର ଶିଶୁ ଆମେ
୧୧୨. ✦ କରୁ ଆଗାମୀ ସୂର୍ଯ୍ୟକୁ ସ୍ୱାଗତ
୧୧୩. ✦ ଶପଥ କଲୁ ଆମେ
୧୧୪. ✦ ସତ୍ୟ ଆମର ଧର୍ମ
ଅପରୂପ ଛନ୍ଦେ ୧୨୧
୧୧୫ ✦ ଅପରୂପ ଛନ୍ଦେ
୧୧୬ ✦ କଣ୍ଠେ ମୋର ଥାଉ ସଦା
୧୧୭ ✦ ମୋ ହୃଦୟ ବେଦୀ ପରେ
୧୧୮ ✦ ଅନୁଭବ ଆଜି କେତେ ଆଲୋକିତ
୧୧୯ ✦ ଆଖି ଖୋଲିଲି ମୁଁ
୧୨୦ ✦ ସାଥି ହେବା ପାଇଁ ବନ୍ଧୁ ହେବା ପାଇଁ
୧୨୧ ✦ କଳା ବଉଦର କଳା ଛାଇ କାଟି
୧୨୨ ✦ ଅଥଳ ଦରିଆ ନୀଳାମ୍ବୁ ମଝିରେ
ଧରାରେ ଆସିଛ ୧୨୯
୧୨୩ ✦ ଧରାରେ ଆସିଛ
୧୨୪ ✦ ପ୍ରତିକ ସତ୍ୟର ଜଗତ ଆମର
୨୫ ✦ ମା' ସରଗରୁ ଉତରି ଆସି
୨୬ ✦ ବନ୍ଦେ ଯୋଗୀ ଶ୍ରୀଅରବିନ୍ଦ
୨୭ ✦ ଜନନୀ..... ପତିତପାବନୀ

Digitized by srujanika@gmail.com

୨୮ ✦ ପ୍ରେମ ହିଁ ଏକତା
୨୯ ✦ ଯୋଗ କଅଣ ମୁଁ ଜାଣିନି
୧୩୦ ✦ ପୂର୍ଣ୍ଣଯୋଗର କାରଣ
କେତେ ଜନମର ସୌଭାଗ୍ୟ ମୋର **୧୩୭**
୧୩୧ ✦ କେତେ ଜନମର ସୌଭାଗ୍ୟ ମୋର
୧୩୨ ✦ ତୁମେ ଅଛ ବୋଲି ଏଜଗତ ଆଜି
୧୩୩ ✦ ତୋର ନିଜ ଲୋକ
୧୩୪ ✦ ଭଗବାନ ଯଦି ଖେଳିବାକୁ ଯାଉ
୧୩୫ ✦ ତୁମେ ଯଦି ହୁଅ
୧୩୬ ✦ ନୂତନ ଭାବନା ନୂତନ କଳ୍ପନା
୧୩୭ ✦ ଶୀତ ଝାଡି ଦିଏ ସବୁଜ ପତର
୧୩୮ ✦ ଯେତେ ଯେତେ ଥର ଆସିଛି ସଂସାରେ
ଉତ୍ତମ ମନୋଭାବ **୧୪୫**
୧୩୯ ✦ ଉତ୍ତମ ମନୋଭାବ
୧୪୦ ✦ ଭାଗ୍ୟରେଖା ଆମ
୧୪୧ ✦ ମା' ସଦା ଆମ ପାଇ
୧୪୨ ✦ ସଙ୍ଗଠକ ଯଦି ହେବା
୧୪୩ ✦ ଆମର ମନୋଭାବ
୧୪୪ ✦ ନିରାଶାକୁ ଟିକେ ଦେଖ
୧୪୫ ✦ ଶିଶୁର ସରଳତାରେ
୧୪୬ ✦ ଅତୀତ ସହ ବାନ୍ଧି ନହୋଇ

Digitized by srujanika@gmail.com

ଆନନ୍ଦ ୧୫୩

୧୪୭ ◆ ସବୁରି ମୂଳରେ ରହିଛି ଆନନ୍ଦ

୧୪୮ ◆ ଯଦି ଆମେ ସବୁ ମା'ଙ୍କ ସନ୍ତାନ

୧୪୯ ◆ ଭାବିବାନି କେବେ ଆମେ ଏକୁଟିଆ ବୋଲି

୧୫୦ ◆ ଆମ ମନରେ ଶକ୍ତି ଦିଅ ମା'

୧୫୧ ◆ ଅରୁଣ ଧାରା ଝରିଲାରେ

୧୫୨ ◆ ସାଗର ତଳର ଗଭୀରତା କେତେ

୧୫୩ ◆ ତୁମେ ଯଦି ଅଛ ସବୁ ଅଛି ମୋର

୧୫୪ ◆ ଚାଲ ଯିବା ଆମେ ଆଜି ସେ ଆକାଶ ତଳେ

ଦିବ୍ୟସ୍ୱରୂପ ୧୬୧

୧୫୫ ◆ ବନ ଉପବନ

୧୫୬ ◆ ନୀଳ ସାଗରର

୧୫୭ ◆ ଶୁଭ୍ର ସକାଳ

୧୫୮ ◆ ଦିବ୍ୟ ଜନନୀ କୃପା ଦାୟିନୀ

୧୫୯ ◆ ଦିବ୍ୟ ସ୍ୱରୂପ ଛାଡି

୧୬୦ ◆ ତୁମରି ପ୍ରେମରୁ

୧୬୧ ◆ କରୁଣା କରି ଆଣିଅଛ

୧୬୨ ◆ ଶତ ଦଳ କମଳେ

ଆଶିଷ ୧୭୦

୧୬୩ ◆ ଗଗନ ପବନ ଆଜି

୧୬୪ ◆ ଚାଲିବା ପାଇଁକି

Digitized by srujanika@gmail.com

୧୬୫ ✦ ଝରା ବାଦଲେ ଭିଜୁଛୁ
୧୬୬ ✦ ଜନନୀ, ତୁମ ଛବି ଯିଏ
୧୬୭ ✦ ତୁମରି କୃପା କେତେ ବିଶାଳ
୧୬୮ ✦ ପ୍ରଭୁଙ୍କୁ ପାଇଛୁ
୧୬୯ ✦ ଯଦି ତୁମେ ମୋର ଅନ୍ତରରେ ଅଛ
୧୭୦ ✦ ସଞ୍ଜ ଆସିଲେ

ସବୁଜ ଧରଣୀ ୧୭୮

୧୭୧ ✦ ସବୁଜ ଧରଣୀ ସୁନିଳ ସାଗର
୧୭୨ ✦ ବରଗଛ ଛାଇ
୧୭୩ ✦ ତୁମେ ଶିଖାଇଛ
୧୭୪ ✦ କେତେ ବେଳେ କୁହ ବଡ
୧୭୫ ✦ ଗୋଲାପ ଫୁଲଟି
୧୭୬ ✦ ରାଗ ନାହିଁ ରାଗ ନାହିଁ
୧୭୭ ✦ ହୋଇଥାନ୍ତି ଯେବେ ମୁହ
୧୭୮ ✦ ବଗିଚ୍ଚର ଫୁଲ

ଶାନ୍ତି ୧୮୬

୧୭୯ ✦ ସତ୍ୟ କଥା କହି କହି
୧୮୦ ✦ ବାଟ ଚ୍ଚାଲୁ ଚ୍ଚାଲୁ ସଂସାର ପଥରେ
୧୮୧ ✦ ଗଗନ ପବନ ସାଗର ତରଙ୍ଗ
୧୮୨ ✦ ମାଆଗୋ ମାଗୁଛି ଦିଅ ବାରେ ମୋତେ ଶାନ୍ତି
୧୮୩ ✦ ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର

Digitized by srujanika@gmail.com

୧୮୪ ✦ ତୁମରି କୃପାରୁ ସୁଯୋଗ ପାଇଛୁ
୧୮୫ ✦ ହେ ବିଶ୍ୱ ବିଧାତା ଚିର ବନ୍ଦନୀୟ
୧୮୬ ✦ ଜ୍ୟୋତ୍ସ୍ନା ଭରା ଗଗନ
ଉଜ୍ଜ୍ୱଳ ଏକ ଭବିଷ୍ୟତ ଆମ ୧୯୪
୧୮୭ ✦ ସତ୍ୟର ଆବାହନିରେ
୧୮୮ ✦ ସୁପ୍ତ ସଂସାର ହେବ ଜାଗ୍ରତ
୧୮୯ ✦ ହେ ମଣିଷମାନେ ହେ ଦେଶ ସକଳ
୧୯୦ ✦ ନୂଆ ଜଗତର ଅଧିବାସୀ ଆମେ
୧୯୧ ✦ ଦେଖ ଆସିଛି ନବ ଜଗତ
୧୯୨ ✦ ଶୀର ତୋଳି ଉର୍ଦ୍ଧ୍ୱେ
୧୯୩ ✦ ଆଜି କାମ ଆଜି କର
୧୯୪ ✦ ଉଜ୍ଜ୍ୱଳ ଏକ ଭବିଷ୍ୟତ ଆମ
ସକାଳ ସୁରୁଜ ୨୦୯
୧୯୫ ✦ ସକାଳ ସୁରୁଜ କହୁଅଛି ଶୁଣ
୧୯୬ ✦ ନିର୍ଭର କରି ଇଶ୍ୱରଙ୍କଠାରେ
୧୯୭ ✦ ନୂତନ ସୃଷ୍ଟିର
୧୯୮ ✦ ଜଳର ଧର୍ମ ନିମ୍ନଗତି
୧୯୯ ✦ ତାଙ୍କ ବିନା ମୋର ଅସ୍ତିତ୍ୱ ନାହିଁ
୨୦୦ ✦ ଏତେ ବିକଳ କିଆଁ
୨୦୧ ✦ ଭଲ କରି ଥରେ ଚେଷ୍ଟାକରି ଦେଖ
୨୦୨ ✦ ବଗିଚ୍ଚାର ଫୁଲ ମୟୂରର ଚୂଳ

Digitized by srujanika@gmail.com

୨୦୩ ✦ କିଏ ହେବ ମୋର ସାଥୀ
୨୦୪ ✦ ମୋର ଏ ଜୀବନ
୨୦୫ ✦ ପ୍ରଭାତ ଅରୁଣ
୨୦୬ ✦ ରାତିଗଲା ପାହି
୨୦୭ ✦ ତୁମକୁ ଚିହ୍ନିବା
୨୦୮ ✦ ଯଦି କେବେ ତୁମେ
୨୦୯ ✦ ଆମର ଶକତି କାହିଁ
୨୧୦ ✦ ତୁମେ ପରା ମୋ ସାଥୀ

Digitized by srujanika@gmail.com

କୃତଜ୍ଞତା

ଜନନୀ ଗୋ ତୁମ

ଜନନୀ ଗୋ ତୁମ କରୁଣାର ଧାରା
ଅବାରିତ ଝରି ଆସୁଛି
ପରଶ ତାହାର ଆଣଇ ପୁଲକ
ସୁବାସିତ ବାସ ବାସୁଛି । ॥ ୦ ॥

ମଳୟ ଗାଉଛି ମଧୁର ସ୍ୱରରେ
ହୃଦରେ କମ୍ପନ ତୋଳୁଛି
ସବୁଜିମା ଭରା ଗହନ କାନନେ
ଧରଣୀ ରାଣୀ ଯେ ହସୁଛି । ॥ ୧ ॥

ମଧୁର ପରଶ ମନେ ପ୍ରାଣେ ଆଜି
ଜଡ଼ତାକୁ ଭାଙ୍ଗି ଦେଉଛି
ଚେତନା ତାହାର ରୂପାନ୍ତର ପାଇଁ
ନବ କଳେବର ସାଜୁଛି । ॥ ୨ ॥

Digitized by srujanika@gmail.com

କେହି କେବେ ମୋତେ

କେହି କେବେ ମୋତେ କରିନି ଆପଣା
କେବଳ ମା' ତୋ ବିନା
ଅବାଟରେ ଯେତେ ଚାଲିଗଲେ ବି ମୁଁ
ଗୁହାରି କର ମୋ ଘେନା । ।୦।

କେତେ ଯତନରେ ଗଢ଼ିଛୁ ମୋତେ ତୁ
ଦେଇଛୁ ମୋ ମୁଖେ ଭାଷା
ଦୁଃଖ ଅବସାଦେ ଭାଙ୍ଗି ପଡ଼ିଲେ ମୁଁ
ଅନ୍ତରେ ଦେଇଛୁ ଆଶା । ।୧।

ହାତ ପାଦରେ ମୋ ଦେଇଛୁ ଶକତି
କରିବାକୁ କାମ ତୋର
ହୃଦୟରେ ମା' ତୁ ଦେଇଛୁ ଭକତି
କହିବିନି କିଛି ମୋର । ।୨।

ଏତିକି ମିନତୀ ମା' ତୋର ପଦେ
କରିବୁନି କେବେ ପର
ଲାଗିଥାଏ ସଦା କରିବାକୁ କାମ
ଯେତେ ଯାହା ଇଚ୍ଛା ତୋ'ର । ।୩।

Digitized by srujanika@gmail.com

ପୁଷ୍ପାଞ୍ଜଳି

ସାରା ଭୁବନରେ ତୁମରି ବୀଣାର

ସାରା ଭୁବନରେ ତୁମରି ବୀଣାର
ଝଙ୍କାର ଶୁଣିଛି ଯିଏ
ନିଜ ହୃଦୟର ଶ୍ରଦ୍ଧାର ସୁରକୁ
ତା ସଙ୍ଗେ ମିଳାଇ ନିଏ । ।୦।

ତୁମରି ତାନର ଗୋଟିଏ ସୁରକୁ
ହୃଦୟରେ ବାନ୍ଧି ରଖି
ନିଜର ଯେତେକ ବେସୁରିଆ ଛନ୍ଦ
ସଜାଡ଼ି ମୁଁ ନେଉଅଛି । ।୧।

ବେସୁରା ଜଗତ ବେସୁରା ମଣିଷ
ବେସୁରା ଆମରି ଧାରା
ଛୋଟ ଏକ ସୁର ସନ୍ଧାନ ମିଳିଲେ
ପିଉଳ ହୁଅଇ ହୀରା । ।୨।

ତୁମ ସୁରଟିର ଗଭୀରତା କେତେ
ମାପି ମାପି ଚାଲି ଥିବି
ତାହାରି ସନ୍ଧାନେ ବିତାଇ ଜୀବନ
ନିଜେ ଧନ୍ୟ ହୋଇଯିବି । ।୩।

Digitized by srujanika@gmail.com

ଚରଣେ ତୁମରି କରୁଛି ପ୍ରଣତି

ଚରଣେ ତୁମରି କରୁଛି ପ୍ରଣତି
ଘେନ ମୋର ନିବେଦନ
ନିଅ ତୋଳି ମୋତେ ତୁମ ପଣତରେ
ଶୁଦ୍ଧ କର ପ୍ରାଣ ମନ । ।୦।

କରୁଣାର ତୁମେ ଅବାରିତ ଧାରା
ସାରା ଜଗତର ହୃଦୟ ପସରା
ବିକଶିତ ହୁଏ ତୁମ ବଗିଚାରେ
ବିତରି ବାସ ଚନ୍ଦନ । ।୧।

ବୃଥା ନୁହେଁ ତିଳେ ଏ ମୋର ଜୀବନ
ଆଲୋକ ତୁମର କରେ ବିକିରଣ
ପ୍ରସାରିତ କର ଭାବଧାରା ମୋର
ହୁଏ ମୁଁ ନିତ୍ୟ ନୂତନ । ।୨।

Digitized by srujanika@gmail.com

ତୁମ ଚରଣେ ଦିଅ ଶରଣ

ମାଗୋ .... ମା’.......

ତୁମ ଚରଣେ ଦିଅ ଶରଣ
ପୋଛି ହୋଇଯାଉ ଜୀବନରୁ ମୋର
ସବୁ ଗର୍ବ ଅଭିମାନ । ।୦।

ବିନମ୍ରତା ମୋର ହେଉ ଚିରସାଥୀ
ତୁମରି କାମରେ ଦିନ ଯାଉ ବିତି
ଯେତେ ଅହଙ୍କାର ହେଉ ହତାଦର
ଦୃଢ଼ ହେଉ ପ୍ରାଣ ମନ । ।୧।

ତୁମରି ଦୃଷ୍ଟିରେ ଦେଖିବି ସଂସାର
ତୁମରି ଭାବରେ କରିବି ଆଦର
କାମ କ୍ରୋଧ ଲୋଭ ଦୂର ହେଉ ମୋର
ଶୁଦ୍ଧ କର ଆଚରଣ । ।୨।

Digitized by srujanika@gmail.com

ତୁମେ ମୋର ଆଶ୍ରୟଦାତା

ପ୍ରଭୁ ହେ, ତୁମେ ମୋର ଆଶ୍ରୟଦାତା,
ତୁମେ ମୋ କାରଣ ତୁମେ ମୋ ତାରଣ,
ତୁମେ ମୋର ଭାଗ୍ୟ ବିଧାତା । ।୦।

ତୁମେ ମୋର ଶାନ୍ତି ତୁମେ ମୋର କାନ୍ତି
ତୁମେ ତ ମୋ ଆନନ୍ଦ ରାଶି,
ତୁମେ ମୋ ସାହସ ତୁମେ ମୋ ଆଶିଷ
ତୁମେ ତ ମୋ ଶାନ୍ତ ସମତା । ।୧।

କୃତଜ୍ଞତା ତୁମ ପଦେ ଜଣାଉଛି
ଭରସା ରଖିଛି ମନରେ,
ତୋଳିନେବ ବୋଲି କୋଳକୁ ତୁମର
ତୁମେ ପରା ମୋ ପିତାମାତା । ।୨।

Digitized by srujanika@gmail.com

ଏ ସାରା ଜୀବନ ହେଉ ନିବେଦନ

ଏ ସାରା ଜୀବନ ହେଉ ନିବେଦନ
ତୁମରି ଚରଣ ତଳେ
ତୁମରି ଆଶିଷ କରୁଣା ପରଶ
ଲଭିଛି ମୁଁ ପୁଣ୍ୟ ଫଳେ । ।୦।

ସାଗର ତୁମର ପ୍ରକାଶେ ବିସ୍ତାର
ଆକାଶ କରଇ ଆଶାର ସଞ୍ଚାର
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରକା ନକ୍ଷତ୍ର
ମାନୁଛନ୍ତି ପରା ଆଦେଶ ତୁମର । ।୧।

ସବୁଜିମା ଭରା ସୁନ୍ଦର ଧରଣୀ
କହିଯାଏ ତୁମ ଶୋଭାର କାହାଣୀ
ସାରା ଦୁନିଆଁରେ ପାରିବ ବା କେହି
ଟାଳିବାକୁ ତୁମ ଇଚ୍ଛା ତୁମ ବାଣୀ । ।୨।

Digitized by srujanika@gmail.com

କେଉଁ ଭାବେ ତୁମେ ଆସିଲ

କେଉଁ ଭାବେ ତୁମେ ଆସିଲ ମୋ ପାଶେ
କିପରି ପଡ଼ିଲି ଧରା
ମନେ ନାହିଁ ମୋର ସେ ଦିନର କଥା
ବାଟବଣା ଥିଲି ପରା । ।୦।

ଧୂଳିରୁ ଉଠାଇ ନେଇ ଯତନରେ
ରଖିଥିଲ ପୁଣି ତୁମେ ତୁମ କୋଳେ
ଜାଣି ମୁଁ ନଥିଲି କୁଆଡ଼େ ଯାଉଛି
କିଏ ମୋ ଦିଗର ତାରା । ।୧।

ଏତେ ଦିନ ପରେ ଆଜି ବସେ ଭାବି
ତୁମ ପାଶେ ଯଦି ନଥାନ୍ତି ଆଜି ବି
ଅଥଳ ଦରିଆ ମଝିରେ ଥାଇ ମୁଁ
ହୋଇଥାନ୍ତି ଦିଗହରା । ।୨।

ତୁମ ପାଇଁ ଦେବା ଲାଗି ମୋର ପାଶେ
ରଖିଅଛି ଯାହା ଦେବି ଅବଶେଷେ
ଅନ୍ତରର ପ୍ରେମ ଶ୍ରଦ୍ଧା ଭକ୍ତି ସମ
ଭରିଦେଲି ମୋ ପସରା । ।୩।

Digitized by srujanika@gmail.com

ଏତେ ଦିନ କିଆଁ ଖୋଜିନି

ଏତେ ଦିନ କିଆଁ ଖୋଜିନି ତୁମକୁ
ଗଲିଣିକି ତେବେ ଭୁଲି
ଭ୍ରମରେ କି ତେବେ ବାଟଛାଡ଼ି ଦେଇ
ଅବାଟରେ ଗଲି ଚାଲି ? ।୦।

ଏଇ କଥା ଭାଳି କେତେବେଳେ ଅବା
ଆଖି ମୋ ଯାଇଛି ଲାଗି
ଆସିଲ ତୁମେ ମୋ ସପନରେ ପରା
ନେଲ ମୋତେ କୋଳେ ଟେକି । ।୧।

ଆଉଁସିଲ ମୋର ମଥାକୁ ସ୍ନେହରେ
କହିଲ ମଧୁର ବାଣୀ
ଛାଡ଼ି ପାରିବିନି ତୋତେ କେବେ ହେଲେ
ପାରିନାହୁଁ ଏହା ଜାଣି ? ।୨।

କାମେ ଘାରି ହୋଇ ତୁ ପଛେ ଭୁଲି ଯା
ମୁଁ ଭୁଲିବି କେଉଁ ଭଳି
ମୁଁ ଭୁଲିଲେ ଥରେ ଏଇ ସଂସାରରେ
କେହି କି ପାରିବେ ଚଳି ? ।୩।

ସପନ ଭାଙ୍ଗିଲା ଉଠି ବସି ଦେଖେ
ହତାଶା ଯାଇଛି ଚାଲି
ସଂଶୟ କେବେ ବି ରଖିବିନି ଆଉ
ମନ ମୋର ସ୍ଥିର କଲି । ।୪।

Digitized by srujanika@gmail.com

ଏଇ ସଂସାର ସାରା

ଏଇ ସଂସାର ସାରା ତୁମେ ଗଢ଼ିଛ ପରା
ଯେମିତି ଚାହୁଁଛ ତହିଁ କରୁଛ ଲୀଳା । ।୦।

ସାହସ ଦେଇଛ ପୁଣି ଶକ୍ତି ଦେଇଛ
ଧୈର୍ଯ୍ୟ ଦେଇଛ ପୁଣି ଭକ୍ତି ଦେଇଛ
ଚାଲିଅଛୁ ଦମ୍ଭ ଧରି ବିପଦକୁ ତୁଚ୍ଛ କରି
ତୁମରି ହାତରେ ଦେଇ ଆମରି ଭେଳା । ।୧।

ଅନ୍ତରେ ଯାହା ହେବୁ ବାହାରେ ତାହା
ଛଳନା ଏ ଜୀବନରେ ପାଏନି ରାହା
ଆକାଶକୁ କଳୁଅଛୁ ସାଗରକୁ ମାପୁଅଛୁ
କୁହ ତୁମ ବିନା କେହି କରେ କି ଖେଳା । ।୨।

Digitized by srujanika@gmail.com

ଆନନ୍ଦମୟୀ

ଏ ଜୀବନ ମୋର

ଏ ଜୀବନ ମୋର ଧନ୍ୟ କରିଅଛ
    ତୁମରି ଆଶିଷ ଦେଇ
ତୁମ ଚରଣରେ କୃତଜ୍ଞତା ଭରା
    ମଥାଟି ମୋ ପଡ଼େ ନଇଁ ।   ।୦।

ଜାଣେ ନାହିଁ କିଛି ବିପଦ ଆପଦ
    ନ ଲୋଡ଼େ କେବେ ମୁଁ ସୁଖକି ସମ୍ପଦ
ସାହସ ବାନ୍ଧିଛି ଆଗକୁ ଚାଲିଛି
    ସବୁ ଝଡ଼ ଝଞ୍ଜା ଦେଇ ।   ।୧।

ଦୁଃଖ ଅବା ସୁଖ ଜୟ ପରାଜୟ
    କରୁଣା ତୁମର କରିଛି ନିର୍ଭୟ
ଆଉ କାହିଁ କିଆଁ ଡରିବି କାହାକୁ
    ତୁମ ପରା ସାଥୀ ଥାଇ ।   ।୨।

Digitized by srujanika@gmail.com

ଶ୍ରଦ୍ଧା

ମଧୁମୟୀ ମା' ଏଇ ଧରାଧାମେ

ମଧୁମୟୀ ମା' ଏଇ ଧରାଧାମେ
ଅବତରି ଆସ ବାରେ
ପୂର୍ଣ୍ଣକର ଏ ଶୂନ୍ୟ ମନ୍ଦିର
ଢାଳି କୃପା ବାରି ଥରେ । ।୦।

ଏ ଜଗତ ଆଜି ଅନ୍ଧାରେ ଭରା
ଅମାବାସ୍ୟାର ଘନଛାଇ ଘେରା
ତବ ଆଲୋକର ପ୍ରକାଶ ହେଉ ମା'
ଏଇ ଜରା ମାଟି ପରେ । ।୧।

ଦୁଃଖ ଦୈନ୍ୟ ଯେତେ ଯାଉ ଅପସରି
କାଳିମା ରାଇଜ ନ ପାରୁ ଆବୋରି
ଆଶାର କୁସୁମ ମହକାଇ ଦିଅ
ସବୁରି ହୃଦ ମନ୍ଦିରେ । ।୨।

Digitized by srujanika@gmail.com

ଦରଶନ ତୁମ ପାଇବା ପାଇଁକି

ଦରଶନ ତୁମ ପାଇବା ପାଇଁକି
ଦେବତାମାନେ ବିକଳ
ତୁମରି କୋଳରେ ରଖିଅଛୁ ମଥା
ସେହି କୋଳ ଆମ ଘର । ।୦।

ଅନ୍ଧାରରେ ଯେବେ ପଥ ଭୁଲିଯାଇ
ଘୁରୁଥିଲୁ ଅଜଣାରେ
ଆଲୋକ ଦେଖାଇ ପଥ କହିଦେଇ
ଆଣିଲ ତ ଏ ବାଟରେ
ସଭିଏଁ ସନ୍ତାନ ତୁମର । ।୧।

ନିଜ ଆଡୁ ତୁମେ ଦେଇଛ ବଢ଼ାଇ
ତୁମର ପଣତ କାନି
ସେହି ପଣତରେ ହୋଇଅଛି ବନ୍ଧା
ସଂସାରର ଲାଭ ହାନି
ମା' ତୁମେ ଜଗତର । ।୨।

Digitized by srujanika@gmail.com

ଦିଅ ମା' ମୋତେ ଦିଅ

ଦିଅ ମା' ମୋତେ ଦିଅ, ବିଶ୍ୱାସ ଦିଅ, ଭରସା ଦିଅ
ତୁମ ପ୍ରତି ନିଷ୍ଠା ଦିଅ, ତୁମ ପ୍ରତି ଭକ୍ତି ଦିଅ। ।୦।

ହତାଶା ବିଷାଦ ଚାରିଦିଗୁଁ ଆଚ୍ଛି ମାଡ଼ି ଆସେ କରି ରଡ଼ି
ତୁମରି କରୁଣା ମୁକୁଟ କରି ମା ଚାଲି ଯାଉଅଛୁ ମାଡ଼ି
ଆସୁ ଯେତେ ବାଧା ଯେତେ ଅସୁବିଧା
ମାର୍ଗ ଦେଖାଇ ଦିଅ। ।୧।

ନୂତନ ସୁରୁଜ ଉଇଁ ଆସେ ଏବେ ଢ଼ାଳି ତା ଲୋହିତ ରାଶି
ଜୀବନର ଯେତେ ଦୁଃଖ ଅବସାଦ ଆଲୋକ ଦେବ ତା' ନାଶି
ଚିର ଦିନ ପାଇଁ ଅମା ଅନ୍ଧକାର
ଜଗତୁ ଦୂରେଇ ନିଅ ମା'। ।୨।

Digitized by srujanika@gmail.com

ନୟନ ମଧୁର ବଦନ ମଧୁର

ନୟନ ମଧୁର ବଦନ ମଧୁର ବସନ ମଧୁର ଭୂଷଣ ମଧୁର
ଅଧର ମଧୁର ବଚନ ମଧୁର ମଧୁମୟୀ ମା'ର ସବୁ ତ ମଧୁର।।୧।

ଦୃଷ୍ଟି ମଧୁର, ସୃଷ୍ଟି ମଧୁର, ବୃଷ୍ଟି ମଧୁର, ପୁଷ୍ଟି ମଧୁର
ବ୍ୟଷ୍ଟି ମଧୁର, ସମଷ୍ଟି ମଧୁର ମଧୁମୟୀ ମା'ର ସବୁ ତ ମଧୁର।।୨।

ସାଗର ମଧୁର, ଊର୍ମି ମଧୁର, ବୀଚି ମଧୁର, ବାଲୁକା ମଧୁର
ତପନ ମଧୁର, ଗଗନ ମଧୁର ମଧୁମୟୀ ମା'ର ସବୁ ତ ମଧୁର।।୩।

ସାଧକ ମଧୁର, ସାଧନା ମଧୁର, ବିଦ୍ୟା ମଧୁର, କ୍ରୀଡ଼ା ମଧୁର
କାରୁ ମଧୁର, କୃତି ମଧୁର ମଧୁମୟୀ ମା'ର ସବୁ ତ ମଧୁର। ।୪।

ସମାଧି ମଧୁର, ପୁଷ୍ପ ମଧୁର, ଶାନ୍ତ ମଧୁର, କାନ୍ତ ମଧୁର
ଅତସୀ ମଧୁର, ତୁଳସୀ ମଧୁର ମଧୁମୟୀ ମା'ର ସବୁ ତ ମଧୁର। ।୫।

ଭଜନ ମଧୁର, ଭୋଜନ ମଧୁର, ଅନ୍ନ ମଧୁର, ଫଳ ମଧୁର
ଦଧି ମଧୁର, ପରଷା ମଧୁର ମଧୁମୟୀ ମା'ର ସବୁ ତ ମଧୁର। ।୬।

ସଙ୍ଗୀତ ମଧୁର, ବାଦ୍ୟ ମଧୁର, ଶିଳ୍ପୀ ମଧୁର, ନୃତ୍ୟ ମଧୁର
ଶାସ୍ତ୍ର ମଧୁର, ଯୋଗ ମଧୁର ମଧୁମୟୀ ମା'ର ସବୁ ତ ମଧୁର। ।୭।

ଧ୍ୟାନ ମଧୁର, ଜ୍ଞାନ ମଧୁର, ଭକ୍ତି ମଧୁର, ଶକ୍ତି ମଧୁର
କର୍ମ ମଧୁର, ଜପ ମଧୁର ମଧୁମୟୀ ମା'ର ସବୁ ତ ମଧୁର। ।୮।

Digitized by srujanika@gmail.com

ତୁମେ ଆମ ଚିରସାଥୀ

ତୁମେ ଆମ ଚିରସାଥୀ ଏଇ ଦୁନିଆରେ
ଚାଲୁଅଛୁ, ଚାଲୁଥିବୁ ତୁମରି ସଙ୍ଗରେ । ।୦।

ତୁମର ସେ ରୂପ ଆଙ୍କିଛୁ ମନରେ
ତୁମ କଥା ଆମେ ଭାବିଛୁ ଅନ୍ତରେ
ଯିବା ପାଇଁ କାହିଁ ରାହା ଆଉ ନାହିଁ
ପଡ଼ିଅଛୁ ଧରା ତୁମରି ହାତରେ । ।୧।

ଚରୈବତି ଆମ ଜୀବନର ଭାଷା
ଛୁଇଁବନି କେବେ ଆମକୁ ହତାଶା
ସାହା ପାଇଁ କେବେ କରିବୁନି ଆଶା
ମା ତୁମ ଛଡ଼ା ଆଉ କାହାଠାରେ । ।୨।

Digitized by srujanika@gmail.com

ସଚ୍ଚିଦାନନ୍ଦ ପ୍ରଭୁ ଶ୍ରୀଅରବିନ୍ଦ

ସଚ୍ଚିଦାନନ୍ଦ ପ୍ରଭୁ ଶ୍ରୀଅରବିନ୍ଦ
ତୁମେ ସତ୍ୟ ଶିବ ତୁମେ ପରମାନନ୍ଦ । ।୦।

ଚିର ସୂର୍ଯ୍ୟର ଉଦ୍‌ଭାସ ତୁମେ
ଅମା ଅନ୍ଧାର ଦୂର କଲ
ଆଶାର ଆକାଶ, ଆଶଙ୍କାର ଶେଷ
ମନୁଷ୍ୟକୁ ଦେଇ ଗଲ
ସକଳ କଳୁଷ, ହୋଇଗଲା ଶେଷ
ତୁମେ ହିଁ ଚିର ଆନନ୍ଦ । ।୧।

ମନୁଷ୍ୟ ଜୀବନ ନୁହେଁ ଅକାରଣ
ଦେଲ ତୁମେ ବଜ୍ରବାଣୀ
ଅତିମାନସର ସୂର୍ଯ୍ୟ ଆଲୋକ
ଦେଇଗଲ ମର୍ତ୍ତ୍ୟେ ଆଣି
ମଣିଷ ପ୍ରକୃତି ହେବ ରୂପାନ୍ତର
ଏଡ଼ି ଦେଇ କ୍ଳେଶ ଦ୍ୱନ୍ଦ୍ୱ । ।୨।

Digitized by srujanika@gmail.com

ଦିବ୍ୟ ଜନନୀଙ୍କର ଅପରୂପ ଶୋଭା

ଦିବ୍ୟ ଜନନୀଙ୍କର ଅପରୂପ ଶୋଭା
ଦେଖିଛ କି ଭାଇ ତୁମେ
ଭେଦିଛି କି ନାହିଁ ସେ ରୂପ ଚାହାଣୀ
ତୁମ ଅନ୍ତର ମରମେ । ।୦।

କେତେ ଜନ୍ମ କେତେ ତପସ୍ୟା ଅନ୍ତରେ
ପାଇଛୁ ତାଙ୍କରି ଦେଖା
ଏ ଜୀବନ ଧନ୍ୟ ହୋଇଅଛି ଆମ
ଜାଳି ଅନ୍ତରେ ସେ ଶିଖା
ଲିଭିକି ପାରିବ ସିଏ
ଲିଭିଯିବ ପଛେ ଗଗନୁ ସୂରୁଜ
ତାଙ୍କୁ ଲିଭାଇବ କିଏ । ।୧।

କୃତଜ୍ଞତା ଆମ ଜଣାଉଛୁ ତାଙ୍କ
ଚରଣେ ନେଇ ଶରଣ
ସାରା ଜୀବନର ସବୁକିଛି ପାଇଁ
ସିଏ ହିଁ ଆମ କାରଣ
ଥାଆନ୍ତି ସେ ଆଖି ଆଗେ
ଯୁଆଡ଼େ ଚାହିଁଲେ ଦେଖୁଅଛୁ ତାଙ୍କୁ
ଅଛନ୍ତି ସେ ପାଖେ ପାଖେ । ।୨।

Digitized by srujanika@gmail.com

ଯେଉଁ ଦିଗେ ଦେଖେ

ଯେଉଁ ଦିଗେ ଦେଖେ ତୁମରି ନୟନ
ରହିଛି ଚାହିଁ ମୋତେ
ସେ ନୟନେ ପରା ଦିଶୁଅଛି ମୋତେ
ଏ ସାରା ଜଗତ ସତେ । ।୦।

ଜୀବନ ମୋହର ହୋଇଅଛି ଧନ୍ୟ
ଏହାଠାରୁ ବଳି ନାହିଁ କିଛି ପୁଣ୍ୟ
ତୁମ ଆଶିଷର ପାଇଛି ପରଶ
ଏ ଜୀବନେ ମୋର କେତେ । ।୧।

ସରଗରୁ ବଡ଼ ହେଉ ମୋ ହୃଦୟ
ସାଗରର ବକ୍ଷ କରୁ ସିଏ ଜୟ
ତୁମ କରୁଣାର ପସରାରୁ ବୁନ୍ଦେ
ନିର୍ଭୟ କରେ ମୋତେ । ।୨।

ବିଶ୍ୱାସର ମୁହିଁ ହେବି ବାର୍ତ୍ତାବହ
ତୁମରି ପ୍ରେମର ଦେବି ପରିଚୟ
ଏ ମୋର ଜୀବନ ବୃଥା ନୁହେଁ କେବେ
ଥିଲେ ତୁମେ ମୋର ସାଥେ । ।୩।

Digitized by srujanika@gmail.com

ନବକଳିକା

ନବ କଳିକା ନବ ପଲ୍ଲବ

ନବ କଳିକା ନବ ପଲ୍ଲବ ଦେଖ
ଏବେ କାନନ ସାରା ଭରା ଉତ୍ସବ । ।୦।

ଆନନ୍ଦ ଭରିଛି ସାରା ସଂସାରେ
ପ୍ରାଣେ ପୁଲକ ଜାଗେ ଆମ ଅନ୍ତରେ
ପ୍ରେମ ଭରା ଅନ୍ତରରେ କୃତଜ୍ଞ ରହି
ମା'ଙ୍କର ଚରଣ ରଖିବା ହୃଦୟେ ବହି । ।୧।

ତୁମେତ ଗଢ଼ିଛ ଏଇ ଜଗତ
ସତେ କାନନ ପ୍ରାୟ ହୁଏ ପ୍ରତୀତ
ଆମେ ସବୁ ପରା ତୁମ ପଲ୍ଲବ କଳି
ଫୁଟି ଅଛୁ ତୁମ ପାଇଁ ସଦା ଭଳିକି ଭଳି ।।୨।

Digitized by srujanika@gmail.com

ତୁମ ପାଇଁ ଆଜି ସବୁ ସୁନ୍ଦର

ତୁମ ପାଇଁ ଆଜି ସବୁ ସୁନ୍ଦର
ତୁମ କରୁଣା କରେ ସବୁ ନିଝର । ।୦।

ଆଖି ମୋ ଖୋଜୁଛି କେଉଁ ଜନମୁ
ତୁମକୁ ଦେଖିବ ସବୁ ଭିତର
ତୁମରି ପରଶ ସବୁରି ଠାରେ
ତୁମ ଅନୁଭବେ ମୁଖ ଉଜ୍ଜ୍ୱଳ । ।୧।

ସବୁ ଉହାଡ଼ରୁ ତୁମ ଚାହାଣୀ
ନିଏ ମୋତେ ମୋର ଅନ୍ତରେ ଟାଣି
ତୁମରି ଶବଦ ସବୁ ଦିଗରୁ
କହିଯାଏ ଖାଲି ବାଣୀ ତୁମର । ।୨।

ତୁମ ମାଧୁରିମା ହୃଦୟ ବହେ
ଧରଣୀର ଶୋଭା ଭାଷାରେ କହେ
ପାଉ ନାହିଁ କାହିଁ କେଉଁଠି ଖୋଜି
ତୁମ ଉପମାର ଆଉ ପ୍ରକାର । ।୩।

Digitized by srujanika@gmail.com

ଆମେ କେତେ ଶୁଣିବୁ

ଆମେ କେତେ ଶୁଣିବୁ
ହଁ କେତେ ଦେଖିବୁ
କେତେ କଳ୍ପନା କରିବୁ
କେତେ ଛବି ଆଙ୍କିବୁ .....। ।୦।

ଝର ଝର ଝରଣା କୁଳୁ କୁଳୁ ନାଦରେ
ସୁଲୁ ସୁଲୁ ପବନ ସୁଉ ସୁଉ ତାନରେ
ଗୁଣ୍ଡୁ ଗୁଣ୍ଡୁ ଭ୍ରମର ଶୋଭୁଥାନ୍ତି ପୁଷ୍ପରେ। ।୧।

ତୁମରି ନୟନରେ ପ୍ରତିଛବି ପୁଷ୍ପର
ତୁମରି ପ୍ରେରଣାରେ ଉତ୍ସାହିତ ମନର
ତୁମରି ପରଶରେ ଆତଯାତ ସଂସାର। ।୨।

Digitized by srujanika@gmail.com

କୋଟି ଜନମର ଫଳ

କୋଟି ଜନମର ଫଳ ଦେଇଅଛ ତୁମେ
ତୁମ ବଗିଚାରେ ଫୁଲ ଫୁଟିଅଛୁ ଆମେ । ।୦।

ଭାବନାରେ ତୁମେ ଆମ ଅନୁଭବେ ତୁମେ
କଳ୍ପନାରେ ତୁମେ ପୁଣି ଆଚରଣେ ତୁମେ
ଆଖି ବୁଜିଥିଲେ ତୁମେ ଖୋଲିଥିଲେ ତୁମେ
ତୁମ ଦରଶନ ସଦା ପାଇଅଛୁ ଆମେ । ।୧।

ଧର୍ମ ତୁମେ କର୍ମ ତୁମେ ସବୁ ଫଳ ତୁମେ
ତୁମ ପାଶେ ସବୁକିଛି ସମର୍ପିଛୁ ଆମେ
ଆମ କଥା ଆମଠାରୁ ବେଶି ଭାବ ତୁମେ
ତୁମ ସ୍ନେହ ତୁମ ପ୍ରେମ ଭୁଲିବୁକି ଆମେ । ।୨।

Digitized by srujanika@gmail.com

ମାଗୋ ଦେଖାଉଛ ପଥ ମୋତେ

ମାଗୋ ଦେଖାଉଛ ପଥ ମୋତେ
ହୃଦୟରେ ରହିଥାଇ । ।୦।

ଜୀବନ ସାରା ଘୁରୁଥିଲି ମୁଁ
ଆଶ୍ରୟ ଟିକେ ପାଇବା ପାଇଁ
ଜାଣି ନଥିଲି ଅନ୍ତରେ ପରା
ରହିଛ ତୁମେ ଆନନ୍ଦମୟୀ । ।୧।

କିପରି ଅବା ପୂଜିବି ସତେ କୁହ
ତୁମକୁ ହେ କୃପାମୟୀ
ଅନ୍ତରଭରା ପ୍ରେମ ପୀୟୂଷ
ଦେଇଛି ଢାଳି ଚୈତନ୍ୟମୟୀ । ।୨।

Digitized by srujanika@gmail.com

ମଙ୍ଗଳମୟ ଧୀରେ ଧୀରେ

ମଙ୍ଗଳମୟ ଧୀରେ ଧୀରେ
ହେଉ ଅଗ୍ରସର
ରହିଛି ବିଶ୍ୱାସ ଅବଶ୍ୟ
ଭେଟିବୁ ଲକ୍ଷ୍ୟ ଆମର । ।୦।

ଦୃଢ଼ ପଥିକ ପଥ ସୁଦୀର୍ଘ
ତୀକ୍ଷ୍ଣ ଶିଖର ଉଚ୍ଚ ଅନେକ
ବତାସରେ ଦୀପଶିଖା
ଉଜ୍ଜ୍ୱଳ ମୁଖ । ।୧।

ସଂଗ୍ରାମ ଆମ ହେବନି ଶେଷ
ଅଛିଟି ପରା ତୁମ ଆଶିଷ
ଚାଲୁଥିବୁ ପଥପରେ
ହୋଇ ହରଷ । ।୨।

Digitized by srujanika@gmail.com

ଥିରି ଥିରି ପାଦ ଚାଲି ଆସେ

ଥିରି ଥିରି ପାଦ ଚାଲି ଆସେ
　　ଚେତନାର ସୁବାସ ପରକାଶେ
ପ୍ରଭାତ ସୁରୁଜ ଲୋହିତ ଦିଶେ ମା'
　　ସରଗୁ ଆଶିଷ ସତେ ବରଷେ ।　　।୦।

ଫୁଲର ମହକ ଗନ୍ଧଭରା ମା'
　　ମହକାଇ ଦିଏ ସବୁଜ ଧରା
ତୁମେ ପରା ଥାଅ ସବୁରି ପାଶେ
　　ହେଲେ କେବେ ଥରେ ନଦିଅ ଧରା । ।୧।

ସରଗର ଚାନ୍ଦ ସାଗର ମଣି ମା'
　　ମୁକୁତା ଖୋଜୁଅଛୁ କାହିଁ ପୁଣି
ସବୁ ରତନର ଭଣ୍ଡାର ତୁମେ
　　ତୁମକୁ ଆମେ ପାରୁନୁ ଜାଣି ।　　।୨।

Digitized by srujanika@gmail.com

ନବ ସରଜନା ପାଇଁ

ନବ ସରଜନା ପାଇଁ ଆସିଛ ଧରାକୁ ଓହ୍ଲାଇ
ହେଲୁ ସରଳ ହେଲୁ ସଫଳ
ସନ୍ତାନ ତୁମର ହୋଇ । ।୦।

କହିଲ ମଧୁର ବାଣୀ ଭରସା ଦେଲଟି ଆଣି
ଦେଲ ସାହସ ଦେଲ ବିଶ୍ୱାସ
ହୃଦୟେ ଆମର ରହି । ।୧।

ସଂସାରେ ଅନେକ ମତ ଦେଖାଇ ଦେଲଟି ପଥ
ଦେଲ ଉତ୍ସାହ ଦେଲ ଆଶ୍ରୟ
ଊର୍ଦ୍ଧ୍ୱକୁ ବାଟ କଢ଼ାଇ । ।୨।

Digitized by srujanika@gmail.com

ପ୍ରଣାମ

ମୁଁ ଯେ ଦିବ୍ୟ ଜୀବନ ପାଇଁ

ମୁଁ ଯେ ଦିବ୍ୟ ଜୀବନ ପାଇଁ
କରୁଚି ପ୍ରୟାସ, ରଖିଚି ସାହସ
ଚାଲୁଥିବି ପଥ ଚାହିଁ, ମା', ତୁମ ନାମ ଗାଇ ଗାଇ।।୦।

ଆସୁ ପଛେ ଅମା ଅନ୍ଧକାର ମରୁ
ନଥାଉ ପଛକେ ଲତା, ଗୁଳ୍ମ, ତରୁ
ବିଶ୍ୱାସ ରଖିଚି ତୁମେ ଅଛ ବୋଲି
ଚାଲୁଅଛି ଖୁସୀ ହୋଇ
ମା' ତୁମ ନାମ ଗାଇ ଗାଇ। ।୧।

ଅନ୍ଧକାର ଯେବେ ଦିଶେ ଭୟଙ୍କର
ଜାଣିଅଛି ତାହା ନୁହେଁ ଚିରକାଳ
ସବୁ ଦୁଃଖ ମୋର ପାଣି ଫାଟିଯାଏ, ତୁମ ମୁଖ ଦେଲେ ଚାହିଁ
ମା' ତୁମ ନାମ ଗାଇ ଗାଇ। ।୨।

Digitized by srujanika@gmail.com

ସରଗ ସମାନ ମମତା ଯାହାର

ସରଗ ସମାନ ମମତା ଯାହାର
ସାଗର ସମାନ ତାହାର ହୃଦୟ
ଫୁଲଠାରୁ ପୁଣି ଅଧିକ କୋମଳ
ମାଆ ଛଡ଼ା ଆଉ କିଏ ହେବ କୁହ । ।୦।

ସାରା ଭୁବନର ଯେତେ ଦୁଃଖ ତାପ,
ସହୁଅଛି କେତେ କଷଣ ସନ୍ତାପ,
ଦେଖିଛକି କେବେ ତିଳେ ସେ ମୁହଁରେ
ଦୁଃଖ, କ୍ରୋଧ ଅବା ଶୋକ କି ସଂଶୟ । ।୧।

ନିରନ୍ତର ଝରେ ସେ ମୁହଁରୁ ହସ
ଦିବ୍ୟ କରୁଣାର ସେ ଦିବ୍ୟ ପ୍ରକାଶ
ଧୋଇ ନେଇଯିବ ଆମ ଜୀବନରୁ
ସବୁ ଦୁଃଖ ସବୁ ଚିନ୍ତା ହେବ କ୍ଷୟ । ।୨।

Digitized by srujanika@gmail.com

ଅନ୍ତରରେ ମୋର ରହିଅଛ

ଅନ୍ତରରେ ମୋର ରହିଅଛ
　　ତୁମେ ତ ମୋ ଅନ୍ତର୍ଯ୍ୟାମୀ
ତୁମରି ପୟରେ ରହୁ ମୋର
　　ଧ୍ୟାନ ତୁମେ ମୋର ଗୃହସ୍ୱାମୀ । ।୦।

ଜୀବନ ନାଟକେ ତୁମେ ମୋର କର୍ତ୍ତା
　　ତୁମେ ମୋର ସହଯାତ୍ରୀ
ତୁମ ବିନା କିଛି ନ ପାରଇ ଭାବି
　　ତୁମେ ମୋ ରଥ ସାରଥୀ । ।୧।

ତୁମେ ମୋର ପିତା ତୁମେ ପୁଣି ମାତା
　　କେବେ ବନ୍ଧୁ କେବେ ସଖା
ଏଇ ଚକ୍ଷୁ ମୋର ପଡ଼େ ନାହିଁ ଲୋଡ଼ା
　　ପାଇବାକୁ ତୁମ ଦେଖା । ।୨।

Digitized by srujanika@gmail.com

କେଉଁ କନ୍ଦରରେ ନେଲ ମୋତେ

କେଉଁ କନ୍ଦରରେ ନେଲ ମୋତେ
କୋଳେ ଜାଣିତ ପାରିଲି ନାହିଁ
ଭାବିଲି ସତେବା ଦେଖୁଛି ସପନ
ରାତି ପୁଣି ଗଲା ପାହି । ।୮।

ତୁମରି ନୟନ ଚାହିଁଅଛି ମୋତେ
ଦେଉଛି କେତେ ସାହସ
ତୁମ ବାହୁ ଦୁଇ ଛନ୍ଦିଛ ମୋ ଗଳେ
ମୁଖେ ମୋ ଦେଇଛ ହସ
ସୁଖରେ ଦୁଃଖରେ ହେବା ପାଇଁ ଛିଡ଼ା
ପାଶେ ପାଶେ ଅଛ ରହି । ।୧।

ତୁମରି ଅଭୟ ତୁମରି ଆଶିଷ
ତୁମ ସ୍ନେହ ତୁମ କୃପା
ତୁମ ସୁଧାବାଣୀ ତୁମ ସେ ଚାହାଣୀ
ମୋର ଏ ଜୀବନ ସଖା
ଏ ଜଗତ ହିତେ କରେ ସବୁ କର୍ମ
ତୁମରି ମୁଖକୁ ଚାହିଁ । ।୨।

Digitized by srujanika@gmail.com

ମା' ଗୋ ମହିମାମୟୀ ଚିର ପ୍ରଶାନ୍ତା

ମା'ଗୋ - ମା' ଗୋ - ମହିମାମୟୀ ଚିର ପ୍ରଶାନ୍ତା
ତୁମ କରୁଣାରୁ କାଣିଚାଏ ହେଲେ
ଜୀବନରୁ ଦୂର ହୁଅଇ ଚିନ୍ତା -
ତୁମେ ହିଁ ମା' ଚିର ପ୍ରଶାନ୍ତା । ।୦।

ତୁମରି ପ୍ରେରଣା ତୁମ ଅନୁଭବ
ଏଇ ସଂସାରର ତୁମେ ହିଁ ବିଭବ
ତୁମରି ଇଙ୍ଗିତ ପାଉଥାଉ ଆମେ
ତୁମେ ତ ଆମର ଜୀବନ କର୍ତ୍ତା । ।୧।

କେତେବେଳେ ଅବା ବାଟ ଯାଉ ଭୁଲି
ତୁଚ୍ଛାଟାରେ ଯାଉ କାହିଁ ଚାଲି ଚାଲି
ତୁମରି ସ୍ନେହର ପରଶ ପାଇଲେ
ହୋଇଯିବୁ ଆମେ ଜଗତଜିତା । ।୨।

Digitized by srujanika@gmail.com

ତୁମକୁ ସଂସାରେ ଦେଖିବା ପାଇଁକି

ତୁମକୁ ସଂସାରେ ଦେଖିବା ପାଇଁକି
ଦେଇଅଛ ଆଖି ଦୁଇ
ଅନ୍ତରରେ ସଦା ତୁମରି ପ୍ରେରଣା
ରହିଥାଏ ସାଥୀ ହୋଇ । ।୦।

ତୁମ ସଙ୍ଗୀତର ମୂର୍ଚ୍ଛନା ହେବାକୁ
ଦେଇଅଛ କଣ୍ଠେ ସ୍ୱର
ତୁମରି ପ୍ରେମର ହେବା ପାଇଁ ଧାରା
ହୃଦୟଟି ଅଛି ମୋର । ।୧।

ତୁମରି ଚିନ୍ତାରେ ମଜ୍ଜି ରହିବାକୁ
ଅଛି ମୋର ମନଟିଏ
ନିରିଭୟ ହୋଇ ଚାଲିବା ପାଇଁକି
ପ୍ରାଣ ମୋ ଉତ୍ସାହ ଦିଏ । ।୨।

ଓଠ ମୋର ଜପେ ତୁମ ନାମ ଖାଲି
କାନ ତାହା ଶୁଣୁଥାଏ
ଅନୁଭବେ ସଦା ତୁମେ ଥାଅ ମୋର
ସେତିକି ମୁଁ ପାଉଥାଏ । ।୩।

Digitized by srujanika@gmail.com

ତୁମରି ହସର ପାଖୁଡ଼ାରେ ଆଜି

ତୁମରି ହସର ପାଖୁଡ଼ାରେ ଆଜି
ଗଗନ ପଡ଼େ ଉଛୁଳି
ତୁମରି ହାତର ପରଶରେ ପରା
ଧରଣୀ ଯାଏ ବଦଳି । ।୦।

ଶିରରେ ଆମର ତୁମ ପାଦଧୂଳି
ହୃଦୟରେ ତୁମ ବାଣୀ
ଆମ ଆଖି ଆଗେ ଭାସୁ ଥାଉ ସଦା
ତୁମ ମଧୁର ଚାହାଣୀ
ତୁମେ ଅଛ ଆମ ଅନ୍ତରରେ ସଦା
ସୂରୁଜ କିରଣ ଭଳି । ।୧।

ମୁଖରେ ଆମର ତୁମ ନାମ ଜପ
ବାହୁରେ ତୁମରି ବଳ
ତୁମରି କାମରେ ଦିନ ଯାଉ ବିତି
ସରିଯାଉ ସବୁ କାଳ,
ତୁମେ ପରା ସାରା ଜଗତ କରତା
ସବୁରି ପଥ ଦିଶାରୀ । ।୨।

Digitized by srujanika@gmail.com

ସଂସାର ବନ୍ଧନ କାରା

ସଂସାର ବନ୍ଧନ କାରା
ତୁମ ପରସାଦ ପରା
ମୁକତି ମାଗିବି କିଆଁ
ଦେଇଅଛି ଆପେ ଧରା । ।୦।

ଜୀବନର ଚଲାପଥେ
ଯେତେ ବାଧା ଅସୁବିଧା
ନିରେଖି ଦେଖିଲେ ଲାଗେ
ତୁମରି କରୁଣା ଭରା । ।୧।

ଯେତେ ସୃଷ୍ଟି ଯେତେ ଦୃଷ୍ଟି
ସବୁ ତୁମ କୃପା ବୃଷ୍ଟି
ତୁମେ ସବୁର ଆଧାର
ତୁମ ପ୍ରେମ ବାରିଧାରା ।୨।

Digitized by srujanika@gmail.com

ସବୁଜ ଦୁନିଆଁ

ଶତ ଜନମର ପୁଣ୍ୟଫଳେ

ଶତ ଜନମର ପୁଣ୍ୟଫଳେ ମା' ଜନ୍ମ ଲଭିଛି
ତୁମ କୋଳେ ବଢ଼ିଛି
ଧନ୍ୟ ମୁଁ ଜୀବନ ମୋର ତୁମ ଚରଣେ ମାଗୋ
ଅରପି ଦେଇଛି । ।୦।

ତୁମ କାହାଣୀ ତୁମ ଚାହାଣି ଅନ୍ତରରେ ସାଇତି
ପ୍ରତି ପଦେ ତୁମେ ହୋଇଛ ମୋ ସାଥି । ।୧।

ତୁମ କରୁଣା ହେବନି ଊଣା ଚାଲିଥିବି ସାହସେ
ଆସୁ ପଛେ ବିପଦ ଭେଟିବି ସ୍ମିତହାସେ । ।୨।

Digitized by srujanika@gmail.com

ଶରତ ଆକାଶେ ଦେଖ

ଶରତ ଆକାଶେ ଦେଖ
ଛୋଟ ଛୋଟ ତୁଷାର ମେଘ
ଢାଳନ୍ତି ଅନାଇ ଆମକୁ
କୃପା ବାରିଧାରା ଯେତେକ
ଧନ୍ୟ ହୁଏ ଜୀବନ ଯାକ । ।୦।

ଶିଶିର ବିନ୍ଦୁ ସବୁ ଘାସରେ
ମଣିମୁକ୍ତା ପରି ଚକମକ ଦିଶେରେ
ଜନନୀ ଚରଣେ ଆଶ୍ରୟ ନିରୂପିତ,
ଢାଳନ୍ତି ମଥାରେ ଆମରି
କୃପା ବାରିଧାରା ଯେତେକ
ଧନ୍ୟ ହୁଏ ଜୀବନଯାକ । ।୧।

ଗଙ୍ଗଶିଉଳିର ଧୋବ ଶେଯରେ
ମହମହ କେତେ ଚଉଦିଗ ବାସେରେ
ଜନନୀ ପରଶେ ଶରୀର ଉଲ୍ଲସିତ
ଢାଳନ୍ତି ମଥାରେ ଆମରି
କୃପା ବାରିଧାରା ଯେତେକ
ଧନ୍ୟ ହୁଏ ଜୀବନଯାକ । ।୨।

Digitized by srujanika@gmail.com

ମାଗିଥାଏ ଯାହା ତୁମକୁ ଜନନୀ

ମାଗିଥାଏ ଯାହା ତୁମକୁ ଜନନୀ
    କୃପାକରି ଦିଅନାହିଁ କାହିଁରେ
ଦେଇଥାଅ ଖାଲି ପ୍ରୟୋଜନ ଯାହା
    ହେଲେ କିଛି ଜାଣିପାରେ ନାହିଁରେ। ।୦।

ଅସୁବିଧା ଭୋଗିଲି ମୁଁ ଶକତି ମାଗି
    ସାମର୍ଥ୍ୟରେ ଭରିଦେଲ ତୁମରି ଲାଗି,
ମାଗିଥିଲି ଜ୍ଞାନ ଭରିଲ ଜଞ୍ଜାଳ
    ଖୋଜିବାକୁ ସମାଧାନ ମହୀରେ। ।୧।

ସଫଳତା କେବେ ଅବା ଥିଲି ମୁଁ ଚାହିଁ
    ପୂର୍ଣ୍ଣତା ପାଇଁକି ବାଟ ଦେଲଟି କହି,
ବିପଦେ ପଡ଼ିଲି ସାହସ ମାଗି ମୁଁ
    ଭରସା ରଖିବାର ପାଇଁରେ। ।୨।

Digitized by srujanika@gmail.com

ତୁମେ ମୋର ଜୀବନର

ତୁମେ ମୋର ଜୀବନର
    ଦିବ୍ୟ କରୁଣା ପାରାବାର,
ଏ ଜୀବନ ସ୍ପନ୍ଦିତ ମାଗୋ
    ଏ ଜୀବନ ଅର୍ପିତ ।   ।୦।

ଗଗନ ସାରା ଆଲୋକ ଭରା
    ତୁମ ନୟନ ପ୍ରେମ ପସରା
ତୁମରି କୃପା ଦିଏ ଇସାରା
    ଏ ଜୀବନ ସ୍ପନ୍ଦିତ ।   ।୧।

ସବୁଜ ଧରା ପରଶ ପରା
    ମହକ ଦିଏ ଦୁନିଆ ସାରା
ହୃଦୟେ ଆସେ ବିଶ୍ୱାସ ଝରା
    ଏ ଜୀବନ ସ୍ପନ୍ଦିତ ।   ।୨।

Digitized by srujanika@gmail.com

ସବୁଜ ଦୁନିଆଁ

ସବୁଜ ଦୁନିଆଁ ସବୁଜ ଦିଶେ
କୁନି ଆମ କଳିବା ସୁନ୍ଦର ହସେ । ।୦।

ସୁଖ ଦୁଃଖ ତା'ପାଇଁ ସବୁ ସମାନ
ଭାବେନାହିଁ ସିଏ କାହାକୁ ବଡ଼ ବା ସାନ
ଡର ଭୟ ନରଖି ସାଥିରେ ମିଶେ
ଟିକି ତାରକା ଯେପରି ନୀଳ ଆକାଶେ । ।୧।

କୁନି ମାଆ ତା' ପାଇଁ ରଖି ପଣତ
ଚାହିଁ ରହିଛନ୍ତି ଆସିବ ସେ ଦୃଢ଼ ନିଶ୍ଚିତ
ସୂର୍ଯ୍ୟ ଚନ୍ଦ୍ର ସଙ୍ଗେ ସେ ମଇତ୍ର ବସେ
ମାଆର ପଣତେ ଥାଏ ସେ ମନ ହରଷେ । ।୨।

Digitized by srujanika@gmail.com

ମା'ର ମମତା ଝରୁଥାଏ

ମା'ର ମମତା ଝରୁଥାଏ
ତା'ର ଅଜଣା ଅଚିହ୍ନା କେହି ନଥାଏ। ।୦।

ଫୁଲପରି ମହକୁଥାଏ ପ୍ରଜାପତି ଝଟକୁଥାଏ
ଭ୍ରମର ଗୁଞ୍ଜନ ଗାଏ
ସଂସାର ତା'ର ପ୍ରେମେ ହଜିଯାଏ। ।୧।

ଅନ୍ତରରେ ସେ ରହିଥାଏ ଚାହିଁଦେଲେ ସେ ଦେଖାଦିଏ
ବେଳେ ବେଳେ ସେ ଲୁଚିଯାଏ
ତଥାପି ତା'ର ହସେ ମଜିଯାଏ। ।୨।

Digitized by srujanika@gmail.com

ମଧୁର ମଧୁର ବାଣୀ

ମଧୁର ମଧୁର ବାଣୀ ମନକୁ ନିଅଇ ଟାଣି
ସୁନ୍ଦର ସୁନ୍ଦର ଆଖି ପାରଇ ସଂସାର ଦେଖି। ।୦।

ନୂତନ ଜଗତ ଆଜି ଆଳସ୍ୟ ଦେଇଛି ତ୍ୟେଜି
ଅତୀତ ଯାଇଛି ହଜି ଆଗାମୀ ରହିଛି ସାକ୍ଷୀ। ।୧।

ତୁମରି ଆଶିଷ ପାଇ ମଣିଷ ଉଠିଛି ଚେଇଁ
ହତାଶା ପାରିବ ନାହିଁ କେବେବି ଆମକୁ ରୋକି। ।୨।

Digitized by srujanika@gmail.com

ପରଶେ କରୁଣା ତୁମର

ପରଶେ କରୁଣା ତୁମର
ଧନ୍ୟ ଜୀବନ ଆମର
ତଟିନୀ ମିଶେ ସାଗର । ।୦।

ରାତ୍ରି ଅନ୍ଧାର, ନୀରବତାର
ପ୍ରାତଃ ମୁହୂର୍ତ୍ତ କାକଳୀ ସ୍ୱର,
ଦିବସ ସୂର୍ଯ୍ୟ, ଉଜ୍ଜ୍ୱଳ ତୀବ୍ର
ତୁମେ ପ୍ରକାଶ ସବୁର । ।୧।

ଆମରି ଅନ୍ତରେ କର ବିହାର,
ଆମରି ନୟନେ ଦିଶ ନିରନ୍ତର,
ଆମରି ହୃଦୟେ ପ୍ରେମ ପାରାବାର,
ତୁମେ ପ୍ରକାଶ ସବୁର । ।୨।

Digitized by srujanika@gmail.com

ମମତାର ପ୍ରତିଛବି

ମା'ର କରୁଣା ଚିହ୍ନିବା ପାଇଁକି

ମା'ର କରୁଣା ଚିହ୍ନିବା ପାଇଁକି
ଆଉ କିଛି ବାକି ରହିଛି କି
କତରା ଘୋଡ଼େଇ ଦିନରେ ଶୋଇଲେ
ସୂରୁଜ କିରଣ ପାଇବା କି ? ।୦।
ଆଗରେ ପଛରେ ଚାରିକଡ଼ ଘେରି
ଆବୋରି ପରା ସେ ରହିଛିଟି
ବାଟ ଚାଲୁ ଚାଲୁ ହାଲିଆ ହୋଇଲେ
କୋଳକୁ ଉଠାଇ ନେଉଛିଟି । ।୧।
ଜୀବନ ପଥଟି ନୁହେଁ ସରଳିଆ
ବାଧା ଅସୁବିଧା ରହିଛିଟି
ହେଲେ ତାଙ୍କ କୃପା ପାଶେ ପାଶେ ଥିଲେ
ବଡ଼ ବାଧା ଛୋଟ ହେଉଛିଟି । ।୨।
ଆଖି ଥାଇ ଆମେ ହେଉ ସଦା ଅନ୍ଧ
କେତେଥର ବାଟ ହୁଡ଼ିବାଟି
କୃତଜ୍ଞତା ପାଶେ ବାନ୍ଧିନେବା ଆସ
ତାଙ୍କ ଚରଣରେ ଏ ମଥାଟି । ।୩।

Digitized by srujanika@gmail.com

ରାତି ଗଲା ପାହି

ରାତି ଗଲା ପାହି ଭାବି ଭାବି ପରା
କେତେ ମିଠା ମୁଖ ତୁମ
ତୁମ ଚରଣରେ ପଶିଲେ ଶରଣ
ନଇଁଯାଏ ମଥା ଆମ। ।୦।

ଦୁନିଆଟା ସାରା ତୁମେ ତ ଗଢ଼ିଛ
ତୁମେ ପରା ତହିଁ ନିଜେ
କେତେବେଳେ ରୁଦ୍ର ପୁଣି କେତେବେଳେ ଶାନ୍ତ
ସତେ କି ସୁନ୍ଦର ବିଜେ
ଅନ୍ତରକୁ ଖୋଲି ଦେଖିଦେଲେ ଥରେ
ଦିଶେ ଶତ ସୂର୍ଯ୍ୟ ସମ। ।୧।

ବୃଥା ହୋଇ ଘାରି ଭୋଗ କରୁଛନ୍ତି
ସଭିଏଁ କେତେ ଯେ ଦୁଃଖ
ଜାଣିତ ନାହାନ୍ତି ଲାଗେ ଯାହା ଦୁଃଖ
ତାହା ତ ପରମ ସୁଖ
ସେହି କଥାଟିକୁ ଗଲେ ଜାଣି ଆମେ
ପୂର୍ଣ୍ଣ ହେବ ତୁମ କାମ। ।୨।

Digitized by srujanika@gmail.com

ସେ ଆଖିକୁ ଥରେ ଦେଲେ ଚାହିଁ

ସେ ଆଖିକୁ ଥରେ ଦେଲେ ଚାହିଁ
ସାରା ଜଗତର ଯେତେ ଦୁଃଖଶୋକ
ଚାଲିଯାଏ ସତେ ଦୂରେ କାହିଁ। ।୦।

ସେ ଆଖିରୁ ଝରେ କରୁଣାର ନୀର
କେତେବେଳେ ପୁଣି ବଜ୍ରର ପ୍ରହାର
ଆଉ ପୁଣି କେବେ ଆଶିଷର ସୁଧା
କହ କିଏ ଅବା ପାଇ ନାହିଁ । ।୧।

ସେ ଆଖିରେ ଆଖି ମିଶିଗଲେ ଥରେ
ଲାଗେ ସତେ ଅବା ନେଇ ଟାଣି ମୋରେ
ଶତ ଜନମର ସବୁ ପାପ ତାପ
ଯାଏ ସତେ ଦୂରେ ପୋଛି ହୋଇ। ।୨।

Digitized by srujanika@gmail.com

ନ ଆସୁ ଏପରି ଦିନ

ନ ଆସୁ ଏପରି ଦିନ ଜୀବନରେ କେବେ
ଯେଉଁ ଦିନ ତୁମ କଥା ଭାବିନାହିଁ ଲବେ । ।୦।

ଦିନ ପରେ ଦିନ ମାସ ପରେ ମାସ ବିତି ଯାଉଅଛି ଯେତେ
ଅନୁଭୂତି ଗାଢ଼ ଗାଢ଼ତର ହୁଏ ତୁମ କୃପା ପାଇ ସତେ
ତୁମରି କରୁଣା ରକ୍ଷା କରୁଥାଇ ଭବେ
ତୁମ ପ୍ରତି କୃତଜ୍ଞତା ପ୍ରକାଶୁଛି ଏବେ
କ୍ଲାନ୍ତି ନାହିଁ ଶ୍ରାନ୍ତି ନାହିଁ ଭ୍ରାନ୍ତି ନାହିଁ କେବେ । ।୧।

କିଏ କହେ ଏଇ ସଂସାରଟା କାଳେ ଦୁଃଖରେ ଖାଲି ପୂର୍ଣ୍ଣ
ଆଉ କେହି କହେ ସଂସାର ଖାଲି ମାୟାର ଯାହା ବନ୍ଧନ
ତୁମେ ଯଦି ଅଛ ଦୁଃଖ ଥିଲେ ଯେତେ ଥାଉ
କି କରି ପାରିବ ଅବା ଯନ୍ତ୍ରଣାର ଦାଉ
କ୍ଲାନ୍ତି ନାହିଁ ଶ୍ରାନ୍ତି ନାହିଁ ଭ୍ରାନ୍ତି ନାହିଁ କେବେ । ।୨।

Digitized by srujanika@gmail.com

ମା' ତୁମେ ମମତାର

ମା' ତୁମେ ମମତାର ପ୍ରତିଛବି ଅଭିନବ
କରୁଣାର ବାରିଧିରେ କୃପା ତୁମ ଅନୁଭବ ।   ।୦।

ମଧୁର ତୁମ ରୂପ ସୁମଧୁର ବାଣୀ
ଆହାକି ସୁନ୍ଦର ହସ ମନ ନିଏ କିଣି
ସୁନ୍ଦର ତୁମ ସୃଷ୍ଟିରେ ଆମେ ଯେତେ ଦିବ୍ୟ ସନ୍ତାନ
ଆଗେଇ ଚାଲିଛୁ ଆଗକୁ ସାଥେ ଧରି ତୁମ କଲ୍ୟାଣ
ସାଥୀ ତୁମେ ଚିର ଆମ ରହିଥାଅ ଆମ ସଙ୍ଗ
କରୁଣାର ବାରିଧିରେ କୃପା ତୁମ ଅନୁଭବ ।   ।୧।

ଦେଖୁଅଛ ଆମଠାରେ କି ସମ୍ଭାବନା
ଜଗାଇଛ ମନେ ପ୍ରାଣେ ନବଚେତନା
ଚେତନାର ଦୀପ ଜଳାଇ ଆଲୋକିତ କରି ଧରଣୀ
ହସି ହସାଇବୁ ଜଗତ ଦେଖାଇ ସତ୍ୟର ସାରଣୀ ।
ସାହସ ଦେଇଛ ଭରି ଅନ୍ତରରେ ଅବିରାମ
କରୁଣାର ବାରିଧିରେ କୃପା ତୁମ ଅନୁଭବ ।   ।୨।

Digitized by srujanika@gmail.com

ସକଳ କଳୁଷ ଧୋଇଯାଉ

ସକଳ କଳୁଷ ଧୋଇଯାଉ ମୋର
ତୁମକୁ ସ୍ମରଣ କରି
ଆଗାମୀ ମୋହର ପୁଷ୍ପିତ ହେଉ
ଅତୀତ ଯାଉ ପାଶୋରି । ।୦।

କର୍ମରେ ମୋହର ନରହୁ ବାସନା
ପ୍ରାଣରେ ନ ଆସୁ କେବେ ହେଁ କାମନା
ସଙ୍ଗତି ମୋର ମନେ ପ୍ରାଣେ ଆଉ
ଶରୀରେ ଯାଉ ସଞ୍ଚରି
ଆଗାମୀ ମୋହର ପୁଷ୍ପିତ ହେଉ
ଅତୀତ ଯାଉ ପାଶୋରି । ।୧।

ହୃଦୟରେ ମୋର କରି ଆଲୋଡ଼ନ
ଆତ୍ମାରେ ପୁଣି ହେଲାଣି ସ୍ପନ୍ଦନ
ଚେତନା ମୋହର ଜାଗ୍ରତ ହେଉ
ସବୁ ସମ୍ଭାବନା ଧରି
ଆଗାମୀ ମୋହର ପୁଷ୍ପିତ ହେଉ
ଅତୀତ ଯାଉ ପାଶୋରି । ।୨।

Digitized by srujanika@gmail.com

ନିଜ ପାଇଁ କେବେ

ନିଜ ପାଇଁ କେବେ ଭାବୁ ନାହିଁ ପ୍ରଭୁ
ତୁମ କାମ ପାଇଁ ଯାଉ ଦିନ ସବୁ
ଅବିଶ୍ୱାସ କିଆଁ କରନ୍ତି ସଭିଏଁ
କେଉଁ ଆଚରଣ ପାଇଁ
ତୁମେ ତ ଜାଣିଚ କେହି ନ ଜାଣନ୍ତୁ
ଚାଲୁଅଛି ସ୍ଥିର ହୋଇ । ।୦।

ଯଦି କେବେ କିଛି ଭାବିଥିବି ଭଲ
ଅପରଙ୍କୁ କିଆଁ ଲାଗୁଅଛି ସଲ
ବୁଝାମଣା ପାଇଁ ଧୈର୍ଯ୍ୟ ବି ନାହିଁ
ଦେଖୁଛକି କହ କାହିଁ
ତୁମେ ତ ଜାଣିଚ କେହି ନଜାଣନ୍ତୁ
ଚାଲୁଅଛି ସ୍ଥିର ହୋଇ । ।୧।

ହେଉ ପଛେ ଯେତେ ଭୁଲ ବୁଝାମଣା
ଲାଗନ୍ତୁ ପଛକେ ସଭିଏଁ ଅଜଣା
ତଥାପି କାହାର ବିରୋଧରେ କେବେ
ଭାବି ମୁଁ ପାରିବି ନାହିଁ
ତୁମେ ତ ଜାଣିଚ କେହି ନଜାଣନ୍ତୁ
ଚାଲୁଅଛି ସ୍ଥିର ହୋଇ । ।୨।

Digitized by srujanika@gmail.com

ତୁମଠାରୁ ଆଉ ପାଇବା ପାଇଁକି

ତୁମଠାରୁ ଆଉ ପାଇବା ପାଇଁକି
କରିବିନି କିଛି ଆଶା
କୃତଜ୍ଞତା ମୋର ଜଣାଇବା ପାଇଁ
ଊଣା ହେଉଅଛି ଭାଷା । ।୦।

ନେଇଛି ତ ଖାଲି ଦେଇନି କିଛି ମୁଁ
ତଥାପି ତ ଦେଉଅଛ
ଦେଇ ଦେଇ ମୋତେ ଛୋଟ କରିଦେବ
ମନେ କିବା ଭାବିଅଛ
ଜୀବନ ତରିରେ ଭାସୁଥିବି ସଦା
ନଆଣି ମନେ ହତାଶା । ।୧।

ଦେବା ପାଇଁ ଯାହା ଅଛି ମୋର ପାଶେ
ଘେନିବକି ତୁମେ ଥରେ
ଭଲ ପାଇବାରେ କୃତଜ୍ଞ ହେବାରେ
କୃପଣ ହେବିନି ବାରେ
ସାଥୀ ହୋଇ ତୁମ ସଙ୍ଗେ ଚାଲୁଥିବି
ମନରେ ରଖି ଭରସା । ।୨।

Digitized by srujanika@gmail.com

କେବଳ ସତ୍ୟ

କେତେ ଶରଧାରେ କେତେ ନିବିଡ଼ରେ

କେତେ ଶରଧାରେ କେତେ ନିବିଡ଼ରେ
ଧରିଛ ଆମକୁ କୋଳେ
ଅନୁଭବ କରି ପାରୁନାହୁଁ ବୋଲି
ଖୋଜୁଅଛୁ ସଦାବେଳେ । ।୦।

ଜାଣିପାରୁ ନାହୁଁ ଦେଖି ପାରୁ ନାହୁଁ
ଖୋଜୁଛୁ ତୁମକୁ ନିତି
ପ୍ରାର୍ଥନା କରୁଛୁ ନେବା ପାଇଁ କୋଳେ
ହେବା ପାଇଁ ଆମ ସାଥୀ । ।୧।

ତୁମରି କୋଳର ତୁମ ପଣତର
ଭରସା ପାଇଛି ଯିଏ
ଭରସା କି ଆଉ ଖୋଜିବ ସଂସାରେ
ଆଉ କାହା ପାଶେ ସିଏ । ।୨।

ସେହି ଆନନ୍ଦରୁ ଟିକିଏ ପାଇଁକି
ଖୋଜି ହେଉଅଛୁ ଆଜି
ସେହିଠାରେ ଥାଇ ଖୋଜୁଛୁ ତାହାକୁ
ଅହଙ୍କାରେ ଯାଇ ହଜି । ।୩।

Digitized by srujanika@gmail.com

ଝଡ଼ ବତାସରେ ଶାନ୍ତ ରହି

ଝଡ଼ ବତାସରେ ଶାନ୍ତ ରହି
ଦେଖିବି ଅନ୍ତରେ ତୁମରି ଛବି ।।୦।

ନୀରବରେ କରି ଉଦ୍ୟମ
ଜୀବନ ସାରା ମୁଁ ଜପିବି ନାମ
ସମର୍ପଣ ମୋ ଜୀବନ ପଣ
ବିଶ୍ୱାସେ ଲଭିବି ତୁମରି ପ୍ରେମ ।।୧।

ଅଟଳ ରହି ଲକ୍ଷ୍ୟରେ ମମ
ତୁମରି ପାଇଁ ମୁଁ କରିବି କର୍ମ
ପ୍ରତି ଅନ୍ତରେ ରହିଛ ତୁମେ
ଅମୃତ ଝରା ତୁମରି ନାମ । ।୨।

Digitized by srujanika@gmail.com

ମାଆଗୋ ମାଆଗୋ ପ୍ରେମର ସାଗର

ମାଆଗୋ ମାଆଗୋ ପ୍ରେମର ସାଗର
ତୁମରି ପଣତେ ଆଶ୍ରୟ ମୋର । ।୦।

ଚିରଦିନ ପରା ଭ୍ରମୁଥିଲି ସାରା
ସବୁଜ ଚିର ଘନ ଅରଣ୍ୟ ଭରା ବନ
ପାଇଲି ତୁମକୁ ଅନ୍ତରେ ମୋର । ।୧।

ହେବା ପାଇଁ ଯାହା ଚାହିଁ ଅଛ ତାହା
ଉଦ୍ୟମ କରେ ସଦା କୃପାରେ ଥାଇ ତବ
ଲୋଡୁଛି କେବଳ ଆଶିଷ ତୁମର । ।୨।

Digitized by srujanika@gmail.com

କୃପା ତୁମରି ଯାଏ ବରଷି

କୃପା ତୁମରି ଯାଏ ବରଷି
ଆଜି ସଂସାର ସାରା ଉଠଇ ହସି । ।୦।

ଅତୀତର ଯେତେ ଯାହା ବିଚାର ଭାବନା
ବଦଳାଇ ଦେବା ଆମେ ସବୁ କରୁ କାମନା
ଆସ ହୋଇବା ସାଥୀ, ପାହୁ ଅନ୍ଧାର ରାତି
ଚିରଦିନ ସୂରୁଜ ଢ଼ାଳିବେ ଜ୍ୟୋତି । ।୧।

ଏ ସମୟ କେବେ ଆମେ ନଥିଲୁ ପାଇ
ନଥିଲୁ ତ କେବେ ଦିବ୍ୟ ସଙ୍ଗୀତ ଗାଇ
ଶୁଣ ନୂତନ ବାଣୀ, ଦିଅ ସଭିଙ୍କୁ ଆଣି
ଅନ୍ଧକାର ଆଉ କେବେ ଆସିବ ନାହିଁ । ।୨।

Digitized by srujanika@gmail.com

କେବଳ ସତ୍ୟ

କେବଳ ସତ୍ୟ ଜୀବନେ ବରିଅଛୁ ଆମ ବ୍ରତ
ସତ୍ୟବିନା ଜୀବନ ସତେବା ମରୁ ପଥ । ।୦।

ସଂସାରରେ ଚାଲୁଥିବା ଆଲୋକ ସାଥେ
ମିଥ୍ୟା ସହ ଲଢୁଥିବା ସତ୍ୟର ପଥେ
ଅଜ୍ଞାନ ଭରିଥିବା ଚେତନାରେ ଆମର
ସତ୍ୟ ପ୍ରାପ୍ତି ନିଶ୍ଚିତ । ।୧।

ଜନନୀଙ୍କ ଆଶୀର୍ବାଦ ରହିଛି ଘେରି
ପ୍ରଭୁଙ୍କର କୃପା ଦିଏ ଶକତ କରି
କୃପାମୟୀ କରୁଣା କାହାକୁ ବା ଅଜଣା
ମଥା ନତ ସତତ । ।୨।

Digitized by srujanika@gmail.com

ମନ ମର୍ମରେ ତୁମ ଛବି

ମନ ମର୍ମରେ ତୁମ ଛବି ମୁଁ ଆଙ୍କେ
ନୟନ ତୁମର ଅପୂର୍ବ ସୁନ୍ଦର
ଚରଣ ମୁଁ ବନ୍ଦେ ବନ୍ଦେ । ।୦।

ପ୍ରଭାତୀ ତାରା ପକ୍ଷୀ କଳରବ ଶୁଣି
ବାହୁଡ଼େ ପରା ସୁରୁଜ ଆସିବା ଜାଣି
ଯେତେକ ଉଦ୍ୟମ ତୁମ ପାଇଁ କର୍ମ
ଜୀବନ ମୋହର ତୁମର ହିଁ ଦାନ
ତୁମ ପାଇଁ ହେଉ ତାହା
ଚିରଦିନ ନିବେଦନ
ଏତିକି ମାଗୁଣି । ।୧।

ସବୁଜ ଧରା ତୁମକୁ ପ୍ରକାଶ କରେ
ଫଳ ପୁଷ୍ପରେ ତୁମ ସୌନ୍ଦର୍ଯ୍ୟ ଭରେ
ସଚେତ ରହି ମୁଁ ସବୁ କରୁଥିବି
ତୁମରି ଆଶିଷ ସଦା ପାଉଥିବି
ତିଳେ ହେଲେ ନଭୁଲିବି
ତୁମ ନାମ ସ୍ମରୁଥିବି
ଏତିକି ମାଗୁଣି । ।୨।

Digitized by srujanika@gmail.com

ମାଗିବା ଦରବ ତୁମେ ଦଉନ କିଛି

ମାଗିବା ଦରବ ତୁମେ ଦଉନ କିଛି
ନ ମାଗିଲେ ବି ତ ସବୁ ମିଳି ଯାଉଛି
ଏବେ ମୁଁ ଜାଣିଗଲି - ଏବେ ମୁଁ ଜାଣିଗଲି
ତୁଚ୍ଛାଟାରେ କିଆଁ ଆଉ ମାଗିବି ଆଜି । ।୦।

ଦାୟିତ୍ୱ ମୋହର ପରା ନେଇଛ ତୁମେ
କୃପାକରି ଲଗାଇଛ ତୁମରି କାମେ
ଭରସା ପାଇଗଲି - ଭରସା ପାଇଗଲି
ତୁମରି ନାମରେ ଖାଲି ଭରସା ଅଛି । ।୧।

ଜୀବନର ସବୁଠାରୁ ସୁଖ ମୁହୂର୍ତ୍ତ
ଅନ୍ତରରେ ଥାଏ ଯେବେ ତୁମ ସହିତ
ତୁମକୁ ଦେଇ ଦେଲି - ତୁମକୁ ଦେଇ ଦେଲି
ସବୁ କିଛି ତୁମକୁ ମୋ ଦେଇ ଦେଇଛି । ।୨।

Digitized by srujanika@gmail.com

ଅବତରି ଆସ ମା

ଅବତରି ଆସ ମା ଏଇ ଧରାପରେ ଆଶିଷ ଢ଼ାଳି
ପାନକରୁ ଆମେ ସବୁ ସୁଧା ତୁମରି । ।୦।

ଧରଣୀ ରାଣୀ ଆଜି ଖୋଜୁଛି ବାରି
ସତେକି ଦିଶୁଅଛି ଧୂସର ଧୂଳି
ତୃଷାର୍ତ୍ତ ହୃଦୟେ ଜାଗିଛି ଆଶା
ସେ ତ ରଖୁଛି ବିଶ୍ୱାସ ତୁମ ଭରସା
ହେଉ ଆଜି ପୂରଣ ଇଚ୍ଛା ତୁମରି । ।୧।

ଏଇ ଜଗତ ହେବ ପରିବର୍ତ୍ତନ
ହେବୁ ଆମେ ତୁମର ଦିବ୍ୟ ସନ୍ତାନ
ଅଟଳ ଅଚଳ ଲକ୍ଷ୍ୟରେ ଥାଇ
ଆମେ ନିର୍ଭୟ ରହିବୁ ଥିବୁଟି ରହି
ଜୀବନ ଧନ୍ୟ ତୁମ ସେବାରେ ଢ଼ାଳି
କରି ନିଅ ଆମକୁ ତୁମ ପ୍ରହରୀ । ।୨।

Digitized by srujanika@gmail.com

ଆଶାର ଆକାଶ

ଆଶାର ଆକାଶ

ଆଶାର ଆକାଶ ହତାଶାର ଶେଷ
ଦିବ୍ୟଜନନୀ ଅଭୟ ଆଶିଷ
ଦେଖାଏ ପଥ ଅତିମାନସ । ।୦।

ଜୀବନଟା ସାରା ହାହାକାର ଭରା
ଭାବୁଥିଲୁ ପରା ଅନ୍ଧକାର ଘେରା
ଅନ୍ତର ଦୀପାଳି ଦେଲ ତୁମେ ଜାଳି
ଆନନ୍ଦେ ଅଧିର ଧରଣୀ ହରଷ । ।୧।

ସବୁ ଅସମ୍ଭବ ହୋଇଲା ସମ୍ଭବ
କୃପାର ପରଶେ ଦିବ୍ୟ ଆବିର୍ଭାବ
ବିଶ୍ୱାସ ଅଟଳ ସ୍ଥିର ଅବିଚଳ
ନୂତନ ଜଗତେ ସବୁକିଛି ଦିବ୍ୟ
ପ୍ରକାଶେ ଧରଣୀ ତୁମରି ପରଶ । ।୨।

Digitized by srujanika@gmail.com

ଦେଖ ସମାଜ ବଦଳି ଯାଏ

ଦେଖ ସମାଜ ବଦଳି ଯାଏ,
ସଂସାର ବଦଳି ଯାଏ
କାଲି ଯାହାଥିଲା ଆଜି ନାହିଁ ଆଉ
ବଦଳେ ପବନ ପ୍ରାୟେ । ।୦।

ଧରି ରଖିଅଛୁ ଅତୀତର ସ୍ମୃତି
ଯାହା ଲୋଡ଼ା ଆମ ପାଇଁ
ଫିଙ୍ଗିଦେବା ଆସ ସେହି ସ୍ମୃତି ସବୁ
ପଛକୁ ଯିଏ ଟାଣଇ
ଦେଖ ଅତୀତ ବାହୁଡ଼ି ଯାଏ
ସମାଜ ବଦଳି ଯାଏ
ଦେଖ ଅତୀତ ବାହୁଡ଼ି ଯାଏ
ସଂସାର ବଦଳି ଯାଏ । ।୧।

ପୂରୁବ ଦିଗକୁ ଚାହିଁଲେ ଦିଶୁଛି
ଉଜ୍ଜ୍ୱଳ ଲୋହିତ ଆଭା
ରାତି କଥା ଆଉ ଭାବି ଲାଭ ନାହିଁ
ପାଇବ ନାହିଁ ସେ ଶୋଭା
ଦେଖ ଭବିଷ୍ୟତ ଟାଣି ନିଏ
ସମାଜ ବଦଳି ଯାଏ
ଦେଖ ଭବିଷ୍ୟତ ଟାଣିନିଏ
ସଂସାର ବଦଳି ଯାଏ । ।୨।

Digitized by srujanika@gmail.com

ଏବେ ଆଲୋକ ପଡୁଛି ଝରି

ଏବେ ଆଲୋକ ପଡୁଛି ଝରି
ଦେଖ ଅନ୍ଧାର ଯାଉଛି ଫେରି । ।୦।

ନବ ଚେତନା କରେ ନିର୍ଭୟ
ନବ ପ୍ରଭାତ ଭରେ ଆଗ୍ରହ
ନବ ପ୍ରେରଣା ଆଣେ ବିଜୟ
ପ୍ରାଣରେ ଦିଏ ଉତ୍ସାହ
ନବ ଦିଗନ୍ତ ପ୍ରସାରି । ।୧।

ଦିବ୍ୟ ଜନନୀ ଅଛନ୍ତି ଚାହିଁ
ଲୌହ ଶରୀର ଆମକୁ ଦେଇ
ଦୁଃସାହସର ଯନ୍ତ୍ର ହୋଇ
ଜଡ଼ତା ଦେବା ହଟାଇ
ଯାଏ ଅତୀତ ବାହୁଡ଼ି । ।୨।

Digitized by srujanika@gmail.com

ଜଗତରେ ନିରାପଦେ ଜୀବନ ବିତିବାକୁ

ଜଗତରେ ନିରାପଦେ ଜୀବନ ବିତିବାକୁ
କରୁଛୁ ଉପାୟ କେତେ ସହଜେ ବଞ୍ଚିବାକୁ
ଆମଠାରୁ ବେଶୀ ଭଲ ପାଏ କେ ଆମକୁ
ଯେ ଅଛି ହୃଦୟେ ସବୁ ଦେଖିବାକୁ ।
ହେ ପ୍ରିୟ ଜନନୀ, ହେ ଦିବ୍ୟ ଜନନୀ
ଭଲପାଅ ସତେ କେତେ ପରମା ଜନନୀ । ।୦।

ସଙ୍କଟକୁ ତୁମେ ପରା ସୁଯୋଗ କର
ବ୍ୟର୍ଥତାକୁ ତୁମେ ପରା ସାମର୍ଥ୍ୟେ ଭର
ଦୁର୍ବଳକୁ ତୁମେ ଦିଅ ଅମାପ ବଳ
ଅଜ୍ଞାନୀକୁ ତୁମେ ପରା ଜ୍ଞାନରେ ଭର
ତୁମେ ଅଛ ଆଉ କିଆଁ କାହାକୁ ଡର
ତୁମେ ପରା ଥାଅ ସଦା ସାଥେ ଆମର ।
ହେ ପ୍ରିୟ ଜନନୀ, ହେ ଦିବ୍ୟ ଜନନୀ...
ଭଲ ପାଅ ସତେ କେତେ ପରମା ଜନନୀ
ହେ ପ୍ରିୟ ଜନନୀ.... । ।୧।

Digitized by srujanika@gmail.com

ତୁମ ବିନା ନାହିଁ ମୂଲ୍ୟ

ତୁମ ବିନା ନାହିଁ ମୂଲ୍ୟ ଜୀବନେ
ଆମ ଜୀବନେ
ଆଶ୍ରା ବିନା ଲତା ହୁଏ ଯେସନେ
ଯେସନେ । ।୦।

ସୁଖ ଆନନ୍ଦ ଯେତେ ଚାହୁଁଛୁ
ତୁମରି ପାଶେ ସବୁ ଆମେ ପାଉଛୁ
ତୁମ ବିନା ସବୁ ପାଇ ବି ହରାଇଛୁ । ।୧।

ହୋଇବ ଧରା ସରଗ ପରା
ପାଇ ତୁମ ବରାଭୟ
ତୁମ ଚରଣେ ନେଲେ ଶରଣ
ମିଳଇ ଚିର ଆଶ୍ରୟ
ତୁମ ବିଜୟେ ଆମ ବିଜୟ
କରେ ଆମକୁ ନିର୍ଭୟ
ତୁମରି ସାଥେ ଚାଲୁଛୁ ଆମେ
ଜାଣିନୁ ପରାଜୟ
ଚିରସାଥୀ ତୁମେ
ତୁମେ ହିଁ ତୁମେ ହିଁ ତୁମେ । ।୨।

ଧରା ଆଜି ହସିବ ପୁଷ୍ପସମ
ହଁ ହଁ ପୁଷ୍ପସମ
ହସୁଥିବା ସରବେ କରି କର୍ମ
ତୁମ ଲୀଳା ଖେଳା ଆମ ପାଇଁ ପରା
ସଉଭାଗ୍ୟ ସତେ ଏ ଜୀବନେ । ।୩।

Digitized by srujanika@gmail.com

ଅନେକ ବାର ମୁଁ ଖୋଜିଛି

ଅନେକ ବାର ମୁଁ ଖୋଜିଛି
ମା ଖୋଜିଛି
କେତେ ଯେ ଜନମ ବିତିଛି
ମା ବିତିଛି । ।୦।

ଧରା ପଡ଼ିଗଲ ତ ତୁମେ
ଏବେ ମୁଁ ତୁମକୁ ପାଇଛି
ଲୁଚିଥିଲ ପରା ପରଦା ପଛରେ
ଅନ୍ତର ଆଲୋକେ ମୁଁ ଦେଖୁଛି
ମା ଦେଖୁଛି । ।୧।

ମୋର ଜୀବନ ଆଜି ଧନ୍ୟ
ଜନମ ସଫଳ ହୋଇଛି
ତୁମରି ହାତର ପରଶ ମଥାରେ
ଅନୁଭବ ମୁଁ ଯେ କରୁଛି
ମା କରୁଛି । ।୨।

ରାତ୍ରୀ ଯାଇଛି ଏବେ ପାହି
ନୂତନ ସୂରୁଜ ଉଇଁଛି
ନବୀନ ଉଷାର ନବ କାକଳୀରେ
ତୁମରି ବାରତା ମୁଁ ଶୁଣୁଛି । ।୩।

Digitized by srujanika@gmail.com

ଆଲୋକର ରାଇଜରେ

ଆଲୋକର ରାଇଜରେ
ଆମେରେ ତରୁଣ ସୂର୍ଯ୍ୟ ସେନା
ଝିଞ୍ଚିଦେବା, ସିଞ୍ଚିଦେବା
ଜଗତଟା ସାରା ଏ ଚୋଛନା । ।୦।

ପ୍ରଭାତ ଅରୁଣ ଯେବେ ଢ଼ାଳେ
ଲୋହିତ କିରଣ ଆଢୁଆଳେ
ବିହଙ୍ଗର କଳରବ
ଭାଙ୍ଗିଦିଏ ପରା ଅଚେତନା । ।୧।

ରଜନୀ ଆସଇ ଯେବେ ମାଡ଼ି
ଘୋଡାଇ ଶରୀରେ କଳାଶାଢ଼ୀ
ଅନ୍ତରର ଆଲୋକରେ
ଝଟକାଇ ଦେବା ଏ ଦୁନିଆ । ।୨।

Digitized by srujanika@gmail.com

ପାରୁଛ ଯଦି ଦିଅ

ପାରୁଛ ଯଦି ଦିଅ, ସେଇମାନଙ୍କୁ ଦିଅ
ମା'ଙ୍କ ଚରଣ ତଳେ ତାଙ୍କୁ ସମର୍ପି ଦିଅ । ।୦।

ହତାଶାରେ ବୁଡ଼ିଥିଲେ ବିଶ୍ୱାସ ଭରି ଦିଅ
ଅଯତ୍ନରେ ବଢୁଥିଲେ ଦାୟିତ୍ୱ କିଛି ନିଅ
ଆଳସ୍ୟରେ ରହିଥିଲେ କର୍ମଠ କରି ଦିଅ । ।୧।

ଘୃଣାରେ ବଞ୍ଚୁଥିଲେ ହୃଦୟେ ପ୍ରେମ ଦିଅ
ଭୟରେ କମ୍ପୁଥିଲେ ସାହସ ଧୈର୍ଯ୍ୟ ଦିଅ
ବିଷାଦରେ ବୁଡ଼ି ଥିଲେ ଭରସା ଉତ୍ସାହ ଦିଅ । ।୨।

Digitized by srujanika@gmail.com

ଅଗ୍ନି ମନ୍ତ୍ର

ଏଇ ଜନମରେ ତୁମକୁ ପାଇଛି

ଏଇ ଜନମରେ ତୁମକୁ ପାଇଛି
ଜନମ ମୋହର ସାର୍ଥକ ହୋଇଛି
ତୁମରି ନିର୍ଦ୍ଦେଶେ ଆରମ୍ଭିଛି ଯାତ୍ରା
ତୁମରି ମାର୍ଗରେ ଯାତ୍ରା କରୁଅଛି । ।୦।

ତୁମରି ନୟନ ଦିଅଇ ଭରସା
ତୁମରି ପରଶ ଭରିଦିଏ ଆଶା
ତୁମ କୃପା ତୁମ କରୁଣା ଭଣ୍ଡାର
ଅନ୍ତରରେ ମୋତେ ଦୃଢ଼ କରୁଅଛି । ।୧।

ସଂଗ୍ରାମରେ ଭରା ମୋର ଏ ଜୀବନ
ପ୍ରତିଟି ମୁହୂର୍ତ୍ତ ସୁଯୋଗରେ ପୂର୍ଣ୍ଣ
ତୁମ ସାଥେ ଥାଇ କରୁଚି ଲଢ଼ାଇ
ହାରଜିତ ପାଇଁ ଚିନ୍ତା ନାହିଁ କିଛି । ।୨।

Digitized by srujanika@gmail.com

ପ୍ରଣମେ ତୁମ ଚରଣେ

ପ୍ରଣମେ ତୁମ ଚରଣେ ପ୍ରଭୁ
ଧନ୍ୟ ତୁମରି ଶରଣେ । ।୦।

ତୁମରି ପରଶ ଗଭୀର ଆଶିଷ
ତୁମ କୃପା ସୁଧା ଧାରା
ଧୋଇ ନିଏ ମୋର ଜୀବନୁ କାଳିମା
ଶୁଦ୍ଧ କରେ ତନୁ ପରା
ସ୍ମରେ ମୁଁ ତୁମକୁ ମରମେ ପ୍ରଭୁ
ଧନ୍ୟ ତୁମରି ଶରଣେ । ।୧।

ମହା ଯୋଗେଶ୍ୱର ଅତିମାନସର
ନୂତନ ସୃଷ୍ଟିର କର୍ତ୍ତା
ଅଜ୍ଞାନ ଅନ୍ଧାର ହୋଇଯାଏ ଦୂର
ପାଇ ତୁମରି ବାରତା
ସ୍ମରେ ମୁଁ ତୁମକୁ ମରମେ ପ୍ରଭୁ
ଧନ୍ୟ ତୁମରି ଶରଣେ । ।୨।

Digitized by srujanika@gmail.com

ଶ୍ରୀଅରବିନ୍ଦ ସହସ୍ର ଦିବାକର

ଶ୍ରୀଅରବିନ୍ଦ ସହସ୍ର ଦିବାକର
ପରମ ସିଦ୍ଧ ଯୋଗେଶ୍ୱର
ତବ ସ୍ମରଣେ ଝଲସେ ଜ୍ୟୋତି
ଦିବ୍ୟ ଆନନ୍ଦ ପାରାବାର । ।୦।

ନୟନେ ତୁମ ହୁଏ ପ୍ରକାଶ
ସୃଷ୍ଟିର ଲୟ ସ୍ଥିତି
ଅନ୍ତରେ ଆମ ହୁଏ ଜାଗ୍ରତ
ଦିବ୍ୟ ଏକ ଅଭିବ୍ୟକ୍ତି
ତୁମେ ଅନନ୍ତ କାଳ ଅତୀତ
ଭାସ୍ୱର ପରାତ୍ପର । ।୧।

ତୁମେ ହିଁ ପ୍ରେମ ତୁମେ ହିଁ ଶାନ୍ତି
ତୁମେ ସବୁର କାରଣ
ତୁମରି ପାଇଁ ବ୍ୟାକୁଳ ସାରା
ଉଦ୍‌ବେଳିତ ମନ ପ୍ରାଣ
ଏହି ଜୀବନ ହୋଇଛି ଧନ୍ୟ
ତୁମେ ତୁଳନା ତୁମର । ।୨।

Digitized by srujanika@gmail.com

ରିମିଝିମି ବରଷାର ଶବଦ

ରିମିଝିମି ବରଷାର ଶବଦ,
ରାତି ନାହିଁ ଦିନ ନାହିଁ ଗରଜୁଛି ସାଇଁ ସାଇଁ
ଆକାଶରେ ରାଜା ଆଜି ବଉଦ । ।୦।

କଳାକଳା ମେଘରଡ଼ି ଶୁଭୁଅଛି ଘଡ଼ଘଡ଼ି
କମ୍ପୁଅଛି ଚାରିଦିଗ ଡ଼ରଭୟ ଯାଏ ଛାଡ଼ି
ସାହସଟି ଆମ ପାଇଁ ସମ୍ପଦ । ।୧।

ବିଜୁଳିର ଚିକିମିକି ସତେ ଅବା ଅଛି ଟାକି
ଅନ୍ତର ଆଲୋକ ଭଳି ରହିଅଛି ପରା ସାକ୍ଷୀ
ତୁମ କୃପା ଦିଏ ଟଳି ବିପଦ । ।୨।

Digitized by srujanika@gmail.com

କେତେ ଯେ ଜନମ

କେତେ ଯେ ଜନମ ଯାଇଅଛି ବିତି
ରହିଅଛ ପରା ତୁମେ ଆମ ସାଥୀ
ଏଇ ଜନମର ପ୍ରତିଟି ମୁହୂର୍ତ୍ତ
ହେଉ ତାହା ଦିନ ଅବା ହେଉ ରାତି । ।୦।

ତୁମରି ସ୍ମରଣେ ଆକୁଳ ହୃଦୟ
ତୁମରି ପରଶେ ତୁଟେ ମନୁ ଭୟ
ତୁମ କୃପା ତୁମ ଆଶିଷ ଭରସା
ମୋ ପାଇଁ ଆଣେ ଜୟ ପରାଜୟ । ।୧।

ସାରା ସଂସାରର ତୁମେ ହିଁ ନୟନ
ଦିଶଇ ସୁନ୍ଦର ବନ ଉପବନ
ତୁମରି କରୁଣା ତୁମ ଦିବ୍ୟ ହାସ୍ୟ
କରୁ ତା’ ଚରଣେ ନିତ୍ୟ ସମର୍ପଣ । ।୨।

Digitized by srujanika@gmail.com

ତୁମକୁ ଜାଣିବି ବୋଲି

ତୁମକୁ ଜାଣିବି ବୋଲି
ଏତେ ସବୁ ପରା ଜାଣିସାରି ଏବେ
ଭାବୁଛି କିଛି ମୁଁ ଜାଣିନି ବୋଲି
ତୁମକୁ ପାଇବି ବୋଲି
ଏତେ ସବୁ ପରା ପାଇସାରି ଏବେ
ଭାବୁଛି କିଛି ମୁଁ ପାଇନି ବୋଲି। ।୦।

ତୁମକୁ ପାଇଲେ ସବୁ ପାଇହୁଏ
ତୁମକୁ ଜାଣିଲେ ସବୁ ଜାଣି ହୁଏ
ସେତେବେଳ ଯାଏ ଲାଗେ ସତେ ଅବା
ଏତେ ସବୁ ମୋର ରହିଅଛି ହେଲେ
ସତରେ କିଛି ତ ରହିନି ବୋଲି। ।୧।

ତୁମରି ନାମର ଅପୂର୍ବ ଝଲକ
ଜାଗଇ ହୃଦୟେ ସ୍ୱର୍ଗୀୟ ପୁଲକ
ତୁମ ନାମ ବିନା ଲାଗେ ସତେ ଅବା
ସୁଖ ଶାନ୍ତି କେତେ ରହିଅଛି ହେଲେ
ସତରେ କିଛି ବି ନାହିଁତ ବୋଲି। ।୨।

Digitized by srujanika@gmail.com

ହେଲା କିଆଁ ଏପରି

ହେଲା କିଆଁ ଏପରି ହେଲାନି ତ ସେପରି
ଯଦି ଥାଏ ନିଷ୍ଠା ତୁମରି ଚରଣେ
ହେଉ ପଛେ ଯାହା ଯେପରି । ।୦।

ଚିନ୍ତା ଦୁଃଖ ଶୋକ ରାଗ ଅହଙ୍କାର
କରନ୍ତି ଆଘାତ ମୋତେ ବାରବାର
ତୁମରି କୋଳରେ ରଖିଅଛି ମଥା
ହେବ ଅବା କିସ କିପରି । ।୧।

ଆଶା ଭରସାର ତୁମେ ହିଁ ଭଣ୍ଡାର
ତୁମେ ପରା ଦିବ୍ୟ କୃପାର କୁବେର
ଘଟୁ ପଛେ ଯାହା ଅଛି ଘଟିବାର
ଚିନ୍ତା ନାହିଁ କିଛି ମୋହରି । ।୨।

Digitized by srujanika@gmail.com

ଜୀବନ ଜଞ୍ଜାଳୁ ମୁକତି ପାଇଁକି

ଜୀବନ ଜଞ୍ଜାଳୁ
ମୁକତି ପାଇଁକି
          କରିବିନି କେବେ ଅଳି
ଏଇ ଜୀବନଟି
ତୁମ ଚରଣରେ
          ହେଉ ଏକ ଫୁଲକଳି ।   ।୦।
          ମା.... ଗୋ, ମା....ଗୋ
ମାଗିବିନି କେବେ
ତୁମରି ସମ୍ପଦ
          ମାଗିବିନି ତୁମ ଶିରୀ
ତୁମରି ସେବାରେ
ଦିନ ଯାଉ ମୋର
          ହୋଇ ତୁମ ପଦଧୂଳି ।   ।୧।

ଯାହା କିଛି ମୋର
ଅତି ଆପଣାର
          ଦାନତ ସବୁ ତୁମରି
କୋଳକୁ ତୁମର
ଉଠାଇ ନିଅହେ
          ତୁମ ଆଞ୍ଚଳରେ ଚୋଳି ।   ।୨।

Digitized by srujanika@gmail.com

ଆକାଶର ତାରାମାନେ

ଆକାଶର ତାରାମାନେ

ଆକାଶର ତାରାମାନେ
ମରତର ଉଦ୍ୟାନେ
ଶୋଭୁଛନ୍ତି ପୁଷ୍ପରେ । ।୦।

ଚନ୍ଦ୍ର କିରଣ ଶୀତଳ କରେ
ଉଠଇ ହସି କମଳ ଜଳେ
ଚେତନା ଧୀରେ ଆମ ଅନ୍ତରେ
ଦିବ୍ୟ ପ୍ରେମକୁ ସ୍ମରଣ କରେ । ।୧।

ଅମରାବତୀ ଆମ ଧରିତ୍ରୀ
ନବ ସନ୍ଦେଶ ଦେଉଛି ନିତି
ନବ ପ୍ରଭାତ ଆମରି ସାଥୀ
ଉଙ୍କୁଟି ଉଠେ ଧୀରେ ସମୀରେ । ।୨।

Digitized by srujanika@gmail.com

ସବୁ ଦିନ ଯେପରି

ସବୁ ଦିନ ଯେପରି ବିତୁଅଛି ଆମରି
ତୁମରି ଚିନ୍ତାରେ କଟୁଅଛି କିପରି
ସଦା ସେହିପରି । ।୦।

ସେ ସମୟ କେବଳ
ମୂଲ୍ୟ ଅଛି ଯାହାର
ତୁମରି କାମରେ ଲାଗୁଥିବ ଆମର
କେବେ ବା ଥରେ ଅଚେତନାରେ
ତୁମ କଥା ଭୁଲି ଯାଇ
ଆଉ କିଛି ଆସେରେ
ଆମ ସ୍ମରଣରେ । ।୧।

କରୁଅଛୁ ସାଧନା
ନାହିଁ ଆମ ଭାବନା
କୋଳରେ ତୁମରି ନାହିଁ ଆଉ ଶୋଚନା
ସରଗ ଧାମ ଅଲୋଡ଼ା ଆମ
ତୁମ କୋଳ ଆମ ପାଇଁ
ବଇକୁଣ୍ଠର ସମ
ସେ ପଦେ ପ୍ରଣାମ । ।୨।

Digitized by srujanika@gmail.com

ବେଳେବେଳେ ଅବା କେମିତି

ବେଳେବେଳେ ଅବା କେମିତି
ଭୁଲିଯାଇଥାଏ ତୁମକୁ
ହେଲେ ତୁମେ ଜଡାଇ କରି
ଧରିଅଛ ମୋ ବାହୁକୁ । ।୦।

ଜାଣିଅଛି ଜୀବନେ ପରା
ଯଦି ଅବା କିଛି ଜରୁରୀ
ଥିବ ପ୍ରୟୋଜନ ମୋହରି
ତୁମ ନିକଟରେ କେବଳ
ଥାଉ ଶ୍ରଦ୍ଧା ଭକ୍ତି ଅଟଳ । ।୧।

ସଂସାରର ଅଚେତନାରେ
ମନ ଭରି ଚେଷ୍ଟା କରିବି
ତୁମ ପ୍ରତି ନିଷ୍ଠା ରଖିବି
ସଦା ଚାଲୁଥିବି ସାହସେ
ତୁମ କୃପା ପାଇ ହରଷେ । ।୨।

Digitized by srujanika@gmail.com

ଆସଇ ସ୍ମରଣେ ତୁମରି ନୟନ

ଆସଇ ସ୍ମରଣେ ତୁମରି ନୟନ
ତୁମ ପ୍ରେମ ଫାଶେ କର ବନ୍ଧନ
କରୁଅଛି ତୁମ ପଦେ ପ୍ରଣାମ । ।୦।

ପ୍ରକାଶେ ତୁମକୁ ସୁନୀଳ ସାଗର
ଜଗାଏ ସ୍ପନ୍ଦନ ହୃଦୟେ ମୋର
କରୁଚି ପ୍ରାର୍ଥନା ଏଇ ଜନମରେ
ରହିବି ସଦା ମୁଁ ସାଥେ ତୁମର ।
ଜାଣିନି କାହିଁକି ବାଛିଥିଲ ମୋତେ
କି ଅବା ଦେଖିଛ ପାଶେ ମୋହର
ଦେଖିଛ ପାଶେ ମୋହର । ।୧।

ଜାଣୁଛି ବୁଝୁଛି ସବୁତ ଦେଖୁଛି
ତଥାପି କାହିଁକି କରି ପାରୁନି
ତୁମରି ଛବିକୁ ହୃଦୟେ ମୋହର
ଜାଗ୍ରତ କରି ମୁଁ ରଖିପାରୁନି ।
ଯାଉ ବା ସମୟ ହେବିନି ଅଥୟ
ଜୀବନେ ସାହସ କେବେ ହାରିନି
ସାହସ କେବେ ହାରିନି । ।୨।

Digitized by srujanika@gmail.com

ଦୃଷ୍ଟିରେ ଯାହା ଦେଖୁଛୁ ନିତ୍ୟ

ଦୃଷ୍ଟିରେ ଯାହା ଦେଖୁଛୁ ନିତ୍ୟ
ଭାବୁଛୁ ତାହା ବାସ୍ତବ ସତ୍ୟ । ।୦।

ହୃଦୟେ ଆମ ରହିଛ ତୁମେ
ପାରୁନୁତ ଦେଖି ଆମେ
ଅନୁଭବରେ ପାରୁଛୁ ଜାଣି
ବିକଶିତ ତୁମ ପ୍ରେମେ ।
ପାରୁନାହୁଁ ଦେଖି ତୁମକୁ ଆଖିରେ
ଜାଣିଅଛୁ ତୁମେ ଅନ୍ତରେ ବିରାଜିତ ।।୧।

ଆମକୁ ଯାହା ଲାଗଇ ମିଛ
ତୁମ ପାଇଁ ତାହା ସତ୍ୟ
ଏପରି କିଛି ଜଗତେ ନାହିଁ
ତୁମ ବିନା ପାଏ ପଥ ।
ମରତ ଆଜି ହୋଇଛି ସ୍ୱର୍ଗ
ସବୁ ମିଥ୍ୟାରେ ତୁମେ ତ ପ୍ରକାଶିତ ।।୨।

Digitized by srujanika@gmail.com

ରାତ୍ରୀର ସପନରେ

ରାତ୍ରୀର ସପନରେ
ଥିଲ ତୁମେ ମୋ ପାଶରେ
ଦେଖିଲି ତୁମକୁ ମୁଁ
ହୃଦୟର ଗଭୀରରେ । ।୦।

ଚିରଦିନ ତୁମକୁ ମୋର
କରିଅଛି ମୋ ସହଚର
ହେଉ ବା ଯେତେ କଠିନ ପଥ
ଥିବି ତୁମ ସହିତରେ । ।୧।

ଏ ଜୀବନ ତୁମରି ପାଇଁ
ଯାଇ ଅଛି ସରଜ ହୋଇ
କୋଳକୁ ଟେକି ନେଇଛ ମୋତେ
ବାହୁଛନ୍ଦି ମୋ ଗଳାରେ । ।୨।

Digitized by srujanika@gmail.com

ପଦ୍ମ ଫୁଟେ ପଙ୍କରେ

ପଦ୍ମ ଫୁଟେ ପଙ୍କରେ କେତେ ସୁନ୍ଦର
ଦିଶେ କେତେ ସୁନ୍ଦର
ଫୁଟେ ଗୋଲାପ ଥାଏ କଣ୍ଟାରେ
କେତେ ସୁବାସ ତାହାର । ।୦।

ଆମ ମନ ଯାହା ପାରେ ନାହିଁ ଜାଣି
କେତେ ଖୋଜୁଥାଉ ତାଙ୍କୁ ବାରମ୍ଭାର
ମାଆଙ୍କ କରୁଣା ଅଛି ଯାହା ପାଶେ
କାରଣ ନଥାଇ ସବୁ ସମ୍ଭବ ତାହାର । ।୧।

ଗଢ଼ିଛନ୍ତି କେତେ ବିଚିତ୍ର ଜଗତ
ଆମେ ସବୁ ପରା ତାଙ୍କଠାରୁ ଜାତ
ଦୁର୍ବଳକୁ ବଳ ତାଙ୍କ କୃପା ଫଳ
ସନ୍ତାନ ତାଙ୍କର ଆମ୍ଭେ ସଭିଏଁ ନିଜର । ।୨।

Digitized by srujanika@gmail.com

ରିମ୍‌ଝିମ୍ ବର୍ଷା ପଡ଼େ ଝରି

ରିମ୍‌ଝିମ୍ ବର୍ଷା ପଡ଼େ ଝରି
ସତେ ଲାଗେ ତୁମ କୃପା ବାରି । ।୦।
ହସି ଉଠଇ ଧରଣୀ ରାଣୀ
    ପଡ଼ିଥିଲା ଯେ ଝାଉଁଳି
ସବୁଜ ବନ ଘନ କାନନ
    ଶୋଭାରେ ଯାଏ ଭରି
ଉଜ୍ଜ୍ୱଳ ଦିଶେ ସବୁରି ମୁଖ
    ହତାଶା ଯାଏ ଚାଲି । ।୧।
ତୁମ ଦର୍ଶନ ତୁମ ସ୍ମରଣ
    ହୃଦୟେ ଯାଏ ଭରି
ପାଇଲେ ଥରେ ତୁମକୁ ବାରେ
    ଚେତନା ଯାଏ ପ୍ରସରି
ଘନ ଅନ୍ଧାର ହୁଏ ଉଜ୍ଜ୍ୱଳ
    ଯେପରି ଫୁଟେ କଳି । ।୨।

Digitized by srujanika@gmail.com

ଦୁର୍ଜୟ ପଥର ଯାତ୍ରୀ

ସତ୍ୟର ସନ୍ଧାନୀ ଆମେ

ସତ୍ୟର ସନ୍ଧାନୀ ଆମେ ଦୁର୍ଜୟ ପଥର ଯାତ୍ରୀ
ଆମେରେ ଦୁର୍ଜୟ ପଥର ଯାତ୍ରୀ । ।୦।

ଯାତ୍ରା ଆମର କାହିଁ କେତେ ଦୂର
ଦିଗ୍‌ବଳୟ ପାଶେ ତୀକ୍ଷ୍ଣ ପାହାଡ଼
କେତେ ମରୁ କେତେ ସବୁଜ ପ୍ରାନ୍ତର
କାହିଁ ବା ଆଲୋକ କାହିଁ ଅନ୍ଧକାର
ପଡ଼ିବାନି ଆମେ ଥକି
ଆମେରେ ଦୁର୍ଜୟ ପଥର ଯାତ୍ରୀ । ।୧।

ଲକ୍ଷ୍ୟ ଆମର ଅଛି ସଦା ସ୍ଥିର
ଯାଉ ଯୁଗ ବିତି ହେବୁନି ଅସ୍ଥିର
ସଙ୍କଳ୍ପ ଆମ ବଜ୍ର କଠୋର
ଧୈର୍ଯ୍ୟ ସାହସ ହସ୍ତରେ ମଶାଲ
ପାହିଯିବ କାଳ ରାତ୍ରୀ
ଆମେରେ ଦୁର୍ଜୟ ପଥର ଯାତ୍ରୀ । ।୨।

Digitized by srujanika@gmail.com

ଚନ୍ଦ୍ର ସୂର୍ଯ୍ୟ ହେବେ ଆମ ସହଚର
ମହାକାଶ ଆମ କ୍ରୀଡ଼ା ପ୍ରାନ୍ତର
ପଥ କ୍ଲାନ୍ତି ଯେତେ ହୋଇଯିବ ଦୂର
ବିଶ୍ୱାସେ ଆମେ ଥିବା ଭରପୂର
ଫିଙ୍ଗି ଦେବା ଭୟ ଭ୍ରାନ୍ତି
ଆମେରେ ଦୁର୍ଜ୍ଜୟ ପଥର ଯାତ୍ରୀ । ।୩।

ପଛଘୁଞ୍ଚା ନାହିଁ ଜାତକେ ଆମର
ଦୁଃସାହସେ ପରା ଗଢ଼ା ଆମ ଶୀର
ଆସୁ ଝଡ଼ ଝଞ୍ଜା ଯେତେ ଘନ ଘୋର
ବଜ୍ର ବିଜୁଳି ଆସୁ ବାରବାର
ଚାଲିବା ପତାଇ ଛାତି
ଆମେରେ ଦୁର୍ଜ୍ଜୟ ପଥର ଯାତ୍ରୀ । ।୪।

ପ୍ରହରୀ ହୋଇବା ସତ୍ୟ ଆଲୋକର
ଘୋଷଣା କରିବା ନୂତନ ସୃଷ୍ଟିର
ସୁବାସ ବାଣ୍ଟିବା ନବୀନ କଳିର
ସଙ୍ଗୀତ ଗାଇବା ନବ ପ୍ରଭାତର
ମା' ଥିବେ ଆମ ସାଥୀ
ଆମେରେ ଦୁର୍ଜ୍ଜୟ ପଥର ଯାତ୍ରୀ । ।୫।

Digitized by srujanika@gmail.com

ଦେଲ ତୁମେ ଆମକୁ

ଦେଲ ତୁମେ ଆମକୁ ନୂଆ ଯୁଗର ବାଣୀ
ଅତିମାନସ ସୂର୍ଯ୍ୟ ତୁମ ପଦ ପ୍ରଣମି
ସତ୍ୟ ଆଲୋକରେ ଉଜ୍ଜ୍ୱଳ ହେବ ଧରଣୀ
ଅତିମାନସ ସୂର୍ଯ୍ୟ ତୁମ ପଦେ ପ୍ରଣମି ।   ।୦।

ଅନ୍ଧାର ଧରଣୀକୁ କରିବା ଉଜ୍ଜ୍ୱଳ
ଶରୀରେ ଆମକୁ ଦେଲ ଅଶେଷ ବଳ
ପ୍ରାଣରେ କଲ ଉତ୍ସାହ ଆଶା ସଞ୍ଚାର
ମନ ଆମର ଉଲ୍ଲସିତ ହେଲା ପ୍ରବଳ
ଅତୀତ ଏବେ ହୋଇଗଲା ଖାଲି କାହାଣୀ
ଅତିମାନସ ସୂର୍ଯ୍ୟ ତୁମ ପଦେ ପ୍ରଣମି ।   ।୧।

ବିଫଳତା ପାଇଁ ଚିନ୍ତା କରିବା କାହିଁ
ସଫଳତା ମିଳୁ ଅବା ନ ମିଳୁ ନାହିଁ
ବରିନେବା ଦୁନିଆକୁ କରମ ଭୂଇଁ
ଆଦରି ନେବା ସମସ୍ତଙ୍କୁ ଭଉଣୀ ଭାଇ
ଦେଖାଇ ଦେବା ଜଗତରେ ନବ ସରଣୀ
ଅତିମାନସ ସୂର୍ଯ୍ୟ ତୁମ ପଦେ ପ୍ରଣମି । ।୨।

Digitized by srujanika@gmail.com

ଛୋଟ ଛୋଟ ଶିଶୁ ଆମେ କାଲି ହେବା ବଡ଼
ଦୁନିଆରେ ଅଛି ଯେତେ ଯାହା ଗୋଳମାଳ
ସହିନେବା ମଥାରେ ସବୁ ନ ରଖି ଡର
ଉତ୍ସାହ ଭରି ଦେବା ଆମେ ଜଡ଼ ଦେହର
ଭରି ଦେବା ଦୁଃଖିର ମୁହେଁ ଆନନ୍ଦ ଆଣି
ଅତିମାନସ ସୂର୍ଯ୍ୟ ତୁମ ପଦେ ପ୍ରଣମି । ।୩।

ଦୁଃଖ କଷ୍ଟ ଜଗତରୁ ହୋଇବ ଦୂର
ଜରା ବ୍ୟାଧି ମୁକ୍ତ ହେବ ଆମ ଶରୀର
ସଂସାରରେ ମନୁଷ୍ୟ ହୋଇବ ଅମର
ଏ ମର୍ତ୍ତ୍ୟ ଧାମ ହୋଇଯିବ ସରଗ ପୁର
ପାଶେ ପାଶେ ଥିବେ ସଦା ଆମ ଜନନୀ
ଅତିମାନସ ସୂର୍ଯ୍ୟ ତୁମ ପଦେ ପ୍ରଣମି । ।୪।

Digitized by srujanika@gmail.com

ଆମେରେ ମାତୃ ସନ୍ତାନ

ଆମେରେ ମାତୃ ସନ୍ତାନ
ଜୀବନେ କରିବୁ ପଣରେ ପଣ
ଆମେରେ ମାତୃ ସନ୍ତାନ
ଚାଲିବୁ ନବ ଦିଗନ୍ତେ
ଖୋଜିବୁ ସଦା ନୂତନ-ନୂତନ
ଆମେରେ ମାତୃ ସନ୍ତାନ। ।୦।

ଅନ୍ଧକାର ହୋଇଯିବ ଦୂର- ଆଲୋକ ହେବ ପ୍ରକାଶ
ଛଳନା ମିଥ୍ୟା ରାଜ୍ୟର ଅନ୍ତ ହେବଟି ଜାଣରେ ଜାଣ।।୧।

ଅଭୀପ୍ସା ଚିର ଜାଗ୍ରତ- ଦେଖିବା ନବ ପ୍ରଭାତ
ସତ୍ୟ ନିଷ୍ଠାର ପଥ କରିବୁ ସଦା ବରଣ-ବରଣ। ।୨।

ଅଟଳ ସାହସ ଧୈର୍ଯ୍ୟ- ହୋଇବେଟି ଆମ ସାଥୀ
ଡର ନାହିଁ - ଭୟ ନାହିଁ - ଭ୍ରାନ୍ତି ନାହିଁ କରିଦେବୁ
ମାତୃ ଇଚ୍ଛା ପୂରଣ - ପୂରଣ। ।୩।

Digitized by srujanika@gmail.com

ପାଇବୁ ପାଇବୁ ଆମେ

ପାଇବୁ ପାଇବୁ ଆମେ ସତ୍ୟ ପାଇବୁ
ଅଜ୍ଞାନତା ମିଥ୍ୟାଚାର ତଡ଼ି ଦେଇଛୁ
ଅତୀତକୁ ଭୁଲି ଭବିଷ୍ୟତ ଦେଖୁବୁ
ଅନ୍ଧକାର ଛାଡ଼ି ଆଲୋକକୁ ଆସିବୁ । ।୦।

ଦୁର୍ଜ୍ଜୟ ପଥରେ ଆମେ ଆସିଲୁ ମାଡ଼ି
ଭୟଭ୍ରାନ୍ତି ଦୁର୍ବଳତା ଦେଲୁ ଫୋପାଡ଼ି
ତିଳେ ହେଲେ ଥକିନାହୁଁ
କାହାରିକୁ ଡ଼ରିନାହୁଁ
ବିଶ୍ୱାସକୁ ସାରିନାହୁଁ
ଧୈର୍ଯ୍ୟ ଆମେ ହାରିନାହୁଁ
ସାହସରେ ଦୁନିଆକୁ ଟପି ଯାଇବୁ
ପାଇବୁ ପାଇବୁ ଆମେ ସତ୍ୟ ପାଇବୁ । ।୧।

ମରୁପଥେ ଆବିଷ୍କାର କରିଲୁ ଜଳ
ଦୁର୍ବଳତା ହଟିଗଲା ଆସିଲା ବଳ
ଜଡ଼ତାକୁ ଭାଙ୍ଗିଦେଲୁ
ସଙ୍କୀର୍ଣ୍ଣତା ଫିଙ୍ଗି ଦେଲୁ

Digitized by srujanika@gmail.com

ଅହଙ୍କାର ଟାଳି ଦେଲୁ
ଛଳନାକୁ ସାରି ଦେଲୁ
ଭଲପାଇବାରେ ଆମେ ଆଗେ ରହିବୁ
ପାଇବୁ ପାଇବୁ ଆମେ ସତ୍ୟ ପାଇବୁ । ।୨।

ମହାକାଶ ପାରାବାର କରିଲୁ ଏକ
ଅମୋଘ ସାମର୍ଥ୍ୟ କାହୁଁ ହୋଇଲା ଯୋଗ
ସୁରୁଚକୁ ପାଇଗଲୁ
କିରଣକୁ ଦେଖିନେଲୁ
ଉତ୍ତାପକୁ ମାପି ଦେଲୁ
ମଥାପରେ ଥାପି ଦେଲୁ
ଉଜ୍ଜ୍ୱଳତା ଶରୀରରେ ଭରି ଦେଇବୁ
ପାଇବୁ ପାଇବୁ ଆମେ ସତ୍ୟ ପାଇବୁ । ।୩।

ପୂର୍ଣ୍ଣତା ପାଇଲୁ ସଫଳତାକୁ ଛାଡ଼ି
ଆନନ୍ଦ ଉତ୍ସାହ କାହୁଁ ଆସିଲା ମାଡ଼ି
ଅନ୍ତରର ପବିତ୍ରତା
ଦିବ୍ୟପ୍ରେମ କୃତଜ୍ଞତା
କରୁଣାର ସ୍ନିଗ୍ଧତା
ଦିଏ ସଦା ନିରାପତ୍ତା
ହୃଦୟରେ ମା'ଙ୍କ ସାକ୍ଷାତ ପାଇବୁ
ପାଇବୁ ପାଇବୁ ଆମେ ସତ୍ୟ ପାଇବୁ । ।୪।

Digitized by srujanika@gmail.com

ଆମ ଧର୍ମ ଦୁଃସାହସ

ଆମ ଧର୍ମ ଦୁଃସାହସ ବିପଦ ଆମର ସାଥୀ
ଆମେ ସଂଗ୍ରାମ କରିବୁ ସାରା ଦିବା ଆଉ ରାତି । ।୦।

ବୀରଯୋଦ୍ଧା କରି ଗଢ଼ ଆହେ କର ହେ ନିର୍ଭୟ
ଦୁର୍ବାର ଗତିରେ ଆମେ ହେବୁ ଯେ ଦୁର୍ଜୟ
ଅତୀତ ବିରୁଦ୍ଧେ ଯୁଦ୍ଧ କରୁଥିବୁ ନିତି । ।୧।

ଯେତେ ଦୁଃଖ ଆଉ କଷ୍ଟ ପୁଣି ରୋଗ ବଇରାଗ
ଯେତେ ବାର୍ଦ୍ଧକ୍ୟ ଯନ୍ତ୍ରଣା ପୁଣି ମୃତ୍ୟୁର ବି ଡାକ
ସ୍ୱୀକାର ନକରି ଦିନେ ଦେବୁ ନିଷ୍ଠେ ତଡ଼ି । ।୨।

କଣ୍ଟକିତ ଚଲାପଥ ଜାଣି ଆଗୁସାର
ଚାଲୁଅଛୁ ଚାଲୁଥିବୁ ନ କରି ଖାତର
ଜପି ଜପି ମା' ନାମ ସଦା ହସି ହସି । ।୩।

Digitized by srujanika@gmail.com

ଆସରେ ଯେତେ ଭଉଣୀ ଭାଇ

ଆସରେ ଯେତେ ଭଉଣୀ ଭାଇ କରିବା ଆଜି ଶପଥ
ଆସୁବା ଯେତେ ବିପଦ ବାଧା ଗଢ଼ିବା ନୂଆ ଜଗତ
ମାତୃସନ୍ତାନ -ଆମେ - ମାତୃସନ୍ତାନ। ।୦।

ହସ୍ତରେ ଧରି ମଶାଲ ଶିଖା ହଟାଇ ଅମା ଅନ୍ଧାର
ମସ୍ତକ ତୋଳି ଗଗନେ ଉଚ୍ଚ ଦେଖିବା ସାରା ସଂସାର
କଣ୍ଟକ ପଥ ଦେଲେ ବି କଷ୍ଟ କରିବା ସହ୍ୟ ଦୁର୍ବାର
ନମ୍ରତା ଗୁଣେ ଥିବାଟି ପୂର୍ଣ୍ଣ ସଭିଏଁ ଆମ ନିଜର
ଅଶେଷ ପନ୍ଥା ମନରେ ଚିନ୍ତା ଚାଲିବା ସଦା ସତତ। ।୧।

କର୍ମଠ ରହି କରିବା ଶ୍ରମ ଛୁଇଁବ ନାହିଁ ଆଳସ୍ୟ
ଧର୍ମରେ ଆମେ ହେବାନି ଅନ୍ଧ ଚାହିଁବା ନାହିଁ ସନ୍ୟାସ
ନିର୍ଭୟ ହେବା ଅଭୟ ଦେବା କରିବା ସଦା ପ୍ରୟାସ
ଲକ୍ଷ୍ୟରେ ଆମେ ଅଟଳ ଥିବା ଛୁଇଁବ ନାହିଁ ବିଳାସ
ବଜାଇ ତୂର୍ଯ୍ୟ ନବୀନ ସୂର୍ଯ୍ୟେ କରିବା ତାରେ ସ୍ୱାଗତ।। ୨।

Digitized by srujanika@gmail.com

ଝଞ୍ଜାହେବା, ଅଗ୍ନି ହେବା, ବଜ୍ର ହେବା ନିଚ୍ଚର
ଆଲୋକ ଦେବା ଉତ୍ତାପ ଦେବା, ସାହସ ଦେବା କଠୋର
ମରିବା ପଛେ ଡରିବା ନାହିଁ ପରୁଆ ନାହିଁ ଆମର
ଧୈର୍ଯ୍ୟ ଧରି କରିବା ଶ୍ରମ ହେବାନି କେବେ କାତର
ପୁରୁଣା ଯାହା ପିଙ୍ଗିବା ତାହା ଭାଙ୍ଗିବା ସବୁ ଅତୀତ । ।୩।

ଉଲ୍‌କା ସମ ତୀବ୍ର ଜ୍ୟୋତି ଝଲକ ଦେବା ଗଗନେ
ପର୍ବତ ସମ ଆସୁବା ଭୀତି ଭାଙ୍ଗିବା ଏକ କମ୍ପନେ
ରୋଧିବା ବନ୍ୟା ପାହାଡ଼ କନ୍ୟା ଜାଗିବ ଆମ ଅନ୍ତର
ଆଶିଷ ନେବା ତୁମରି ଠାରୁ କୃପା କଣିକା ସତ୍ୱର
ଜଗାଇ ଦେବା ସୁପ୍ତ ମାନବେ ଦେଖାଇ ନବ ଦିଗନ୍ତ। ।୪।

Digitized by srujanika@gmail.com

ଗଢ଼ିଦେବାରେ ଆମେ

ଗଢ଼ିଦେବାରେ ଆମେ ଏକ ନୂଆ ଦୁନିଆ
ଦେଖାଇ ଦେବା ଜଗତକୁ ଆଲୋକ ନୂଆ
ନଥିବ ଯହିଁ ସ୍ୱାର୍ଥ, ଅହଂ, ମିଥ୍ୟା, ଅସୂୟା
ଦେଖାଇଦେବା ଜଗତକୁ ଆଲୋକ ନୂଆ । ।୦।

ପୁରୁଣାର ସବୁ ଦାଉ ଯାହା ଏ ଯାଏ
ରୋଗ, ଦୁଃଖ, କଷ୍ଟ ଆଉ ମୃତ୍ୟୁ ପରାୟେ
ଭାଙ୍ଗିଦେବା ସେ ସବୁକୁ ଡ଼ରିବା କିଆଁ
ଦେଖାଇଦେବା ଜଗତକୁ ଆଲୋକ ନୂଆ । ।୧।

ରାସ୍ତା ନାହିଁ ଯିବାପାଇଁ ସେହି ଜଗତେ
ନିଜପାଇଁ ନିଜେ ରାସ୍ତା କାଟିବା ହାତେ
ହସି ହସି ସବୁ ବିପଦ ସହି ନେବା
ଦେଖାଇଦେବା ଜଗତକୁ ଆଲୋକ ନୂଆ । ।୨।

ଅତୀତର ଯେତେ ଯାହା ଚିନ୍ତା କଳ୍ପନା
ତା' ବଦଳେ ନୂଆ ମନ, ପ୍ରାଣ, ଚେତନା
ଫିଙ୍ଗିଦେବା ହୋଇଗଲା ପୁରୁଣା ଯାହା
ଦେଖାଇଦେବା ଜଗତକୁ ଆଲୋକ ନୂଆ । ।୩।

ସଫଳତା ନୁହେଁ ଆମ ପୂର୍ଣ୍ଣତା ଲକ୍ଷ୍ୟ
ଘଟୁ ଯାହା ଘଟୁ ପଛେ ନହେବା ବ୍ୟର୍ଥ
ଥିବେ ସଦା ଆମ ସଙ୍ଗେ ଆମରି ମାଆ
ଦେଖାଇଦେବା ଜଗତକୁ ଆଲୋକ ନୂଆ । ।୪।

Digitized by srujanika@gmail.com

ଜୀବନ ଏକ ସଂଗ୍ରାମ

ଜୀବନ ଏକ ସଂଗ୍ରାମ, ଅଜ୍ଞତା ସହିତ ରଣ
କରିବା ଆମର ଧର୍ମ, ଅଜ୍ଞତା ସହିତ ରଣ ।୦।
ଅନ୍ଧକାରର ସବୁ ହୁଙ୍କାର
ଟାଳିଦେବା ଆମେ କରି ଫୁତ୍କାର
ମିଥ୍ୟାକୁ କରିଦେବା ପଦାଘାତ
ସତ୍ୟରେ ହେବା ସଦା ଆତଯାତ
ଉଇଁବ ସୂର୍ଯ୍ୟ, ବଜାଇ ତୂର୍ଯ୍ୟ
ସଫଳ ହୋଇବ କାମ । ।୧।

ପରାଜୟ ନାହିଁ ଆମ ଜାତକରେ
ବିଜୟର ଟୀକା ଅଛି ଆମ ଶିରେ
ବାଧା ଅସୁବିଧା ଆସୁ ପଛେ ଯେତେ
ମାତୃ ଆଶିଷ ଅଛି ଆମ ସାଥେ
ଅନ୍ଧାର ରାତ୍ରୀ, ଆମେରେ ଯାତ୍ରୀ
ଧରାହେବ ସ୍ୱର୍ଗ ଧାମ । ।୨।

ଗଗନ ଆମର ହେବ ସହଯାତ୍ରୀ
କ୍ରୀଡ଼ାଭୂଇଁ ହେବ ସାଗରର ଛାତି
ସଫଳତା ପାଇଁ ବ୍ୟସ୍ତତା ନାହିଁ
ବିଫଳତା ପାଇଁ ଶୋଚନା ବି ନାହିଁ
ପର୍ବତ ଲଘିବା, ମେରୁକୁ ଟାଳିବା
ଫୁଟିଯିବା କୁସୁମ ସମ । ।୩ ।

ନବ ପ୍ରଭାତର ନବ ଆଶା ବାଣୀ
ବିତରିବା ଆମେ ହେ ଭାଇ ଭଉଣୀ
ଦୁଃଖିର ମୁଖେ ହସ ଦେବା ଭରି
ନିରାଶା ହୃଦୟେ ଆଶା ପୂର୍ଣ୍ଣ କରି
ମାତୃ କରୁଣା, ହେବ ନାହିଁ ଊଣା
ମୁଖେ ଥିବ ମାତୃନାମ ।..... ।୪।

Digitized by srujanika@gmail.com

ପ୍ରତିଶ୍ରୁତି

ପ୍ରଭୁ ହେ ଆଜି ପ୍ରଭାତେ

ପ୍ରଭୁ ହେ ଆଜି ପ୍ରଭାତେ
ପ୍ରତିଶ୍ରୁତି ମୋତେ ଦେଇଅଛ ସତେ। ।୦।

ଯେଦିନ ଯାଏଁ ହୋଇନି ଶେଷ
ତୁମ କର୍ମର ଦିବ୍ୟ ପ୍ରକାଶ
ରହିଥିବ ସାଥେ ଆମର
ସକ୍ରୀୟ ହୋଇ ଚିରଦିନ ଜଗତେ। ।୧।

ରୂପାନ୍ତରିତ ନହେବା ଯାଏ
ଛାଡ଼ିବ ନାହିଁ ଏହି ପୃଥିବୀ
କରୁଣା କର ଯେପରି ଆମେ
ହୋଇବୁ ଯୋଗ୍ୟ ଏଇ ଦେବ ମୁହୂର୍ତ୍ତେ। ।୨।

Digitized by srujanika@gmail.com

କହିଅଛ ମାଆ

କହିଅଛ ମାଆ ଆମେ ସବୁ ପରା
ଅନେକ ଜନମ ଏକାଠି ଅଛୁ
ଏଇ ଜନ୍ମ କଥା ମନେ ଅଛି ଖାଲି
ଆଉ ସବୁ କଥା ଭୁଲି ଯାଇଛୁ । ।୦।

ତୁମକୁ ଜାଣିବା ତୁମକୁ ଚିହ୍ନିବା
ଅନେକ ଜନମ ତପର ଫଳ
ଏଇ ଜନମରେ ପାଇଅଛୁ ଯଦି
କାହା ପାଇଁ ଆଉ ହେଉ ବିକଳ
ତୁମରି କରୁଣା ତୁମରି ପ୍ରେରଣା
ସଦାବେଳ ପାଇଁ ମନେ ରଖିଛୁ । ।୧।

ତୁମେ ଆମ ବନ୍ଧୁ ରଥର ସାରଥୀ
ସୀମାହୀନ ପଥେ ଆମ ସହଯାତ୍ରୀ
ତୁମ କୃପା ଫଳେ ସାଧିବା ଅସାଧ
ତୁମ ପ୍ରେମ ହୃଦେ ଅଛୁ ସାଇତି
ଦୁର୍ଜ୍ଜୟ ପଥେ ଅସୀମ ସାହସେ
ଯିବା ପାଇଁ ପରା ସାଥୀ କରିଛୁ । ।୨।

Digitized by srujanika@gmail.com

ମା' ମଧୁମୟୀ ମା

ମା' ମଧୁମୟୀ ମା
ତୁମ ଚରଣରେ ନେଲୁ ଶରଣ
ତୁମ କୋଳେ ଥାଇ ନିରାପଦେ ରହି
ନିରିଭୟେ ବିତେ ଜୀବନ । ।୦।

ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ଗଗନରେ ହସେ
ସବୁଜିମା ଶୋଭାପାଏ ମହକ ବାସେ
ଏହିପରି ଦିନୁଦିନ ଯାଉଛି ବିତି
ପୁଣି ଆସି ଅଛୁ ଆମେ ସବୁ ତୁମରି କତି । ।୧।

ତୁମର ସେ ନୟନକୁ ଚାହିଁ ରହିଅଛୁ
ହୃଦୟରେ ତୁମ ପ୍ରେମେ ଭିଜି ଯାଇଛୁ
ଆମେ ସବୁ ଅଛୁ ପରା ତୁମ ସେବାରେ
ଆଉ ଲୋଡ଼ା ନାହିଁ କିଛି ଆମ ଏ ଜୀବନରେ । ।୨।

Digitized by srujanika@gmail.com

ଶିଶିର ବିନ୍ଦୁଟି

ଶିଶିର ବିନ୍ଦୁଟି ପତ୍ରରେ
ଝଟକି ହସୁଛି ଅଧିରେ । ।୦।

ସୂରୁଜ କିରଣ ଝରୁଥାଇ
ମଧୁର ମମତା ବରଷଇ
ଦିବ୍ୟ ଆନନ୍ଦ ଭରା
ସଂସାର ଆମର ପରା । ।୧।

ଭେଟିବା ପାଇଁକି ବିପଦ
ହୃଦୟ ଆମର ପ୍ରସ୍ତୁତ
ଆମେ ରହିବୁ ସାରା
ମା'ର କୋଳରେ ପରା । ।୨।

Digitized by srujanika@gmail.com

ତୁମରି ସୌନ୍ଦର୍ଯ୍ୟ ରେଣୁ ରେଣୁ

ତୁମରି ସୌନ୍ଦର୍ଯ୍ୟ ରେଣୁ ରେଣୁ ହୋଇ
ଜଗତଟା ସାରା ହୋଇଛି ବିଛାଇ
ଧରଣୀ ସୁନ୍ଦର ସଂସାର ସୁନ୍ଦର
କେବଳ ତୁମରି ପ୍ରକାଶ ପାଇଁ। ।୦।

କରୁଛି ଶାସନ ସାରା ସଂସାରରେ
ଅନ୍ଧକାର ନିଜ ସାମର୍ଥ୍ୟରେ
ତୁମ ଦିବ୍ୟ ଶାନ୍ତି ଯାଉ ହେ ବରଷି
ସଂସାର ସାରା ଭରି ଯାଉ ଖୁସୀ। ।୧।

ସବୁରି ହୃଦୟେ ନିବାସ ତୁମର
ଆମ ପାଇଁ ପ୍ରେମ ପାରାବାର
ତୁମରି ପ୍ରେମର କଣିକାଏ ପାଇଁ
ଆମେ ଆଜି ସତେ କେତେ ଯେ ବ୍ୟାକୁଳ। ।୨।

Digitized by srujanika@gmail.com

ଗଗନ ଭରା ମେଘ ପସରା

ଗଗନ ଭରା ମେଘ ପସରା
ଢ଼ାଳେ ଜଳଧାରା
ଚାତକ ପକ୍ଷୀ ଚାହିଁଥାଏ ସେ
ତୃଷା ନିବାରିବ ପରା । ।୦।

ଜୀବନ ସାରା ସବୁ ପ୍ରାର୍ଥନା ଆରାଧନା
ଜନମ ଜନମର ପୁଣ୍ୟ ସାଧନା
ତୁମରି ଚରଣରେ ନିବେଦିବାର ପାଇଁ
ନିଜର ଯାହା କିଛି ଏହି ମୋର କାମନା । ।୧।

ଲକ୍ଷ୍ୟ ଆମ ଜୀବନେ ରଖିବୁ ସଦା ମନେ
ଭୁଲିବୁ ନାହିଁ କେବେ ଏକଥା ଦିନେ
ଚାତକ ପକ୍ଷୀ ପରି ଥିବାଟି ଅନୁସରି
ତୁମରି କରୁଣାକୁ ଶରୀରେ ପ୍ରାଣେ ମନେ । ।୨।

Digitized by srujanika@gmail.com

ସେତିକି ବେଳେ ମୁଁ

ସେତିକି ବେଳେ ମୁଁ ପଡ଼ିଲି ଘୁମାଇ
ଆସିଥିଲ ଯେବେ ତୁମେ ମୋ ଘର
ପଛରେ ଉଠି ମୁଁ ଅନୁଭବ କଲି
ଦେଖିଲି ତୁମର ପଦ ଯୁଗଳ । ।୦।

ଅନୁଭବ କଲି ମଥାରେ
ତୁମର କର କମଳ
ତୁମ କରୁଣା ଅବାରିତେ
ଅଭିଷିକ୍ତ କଲା ମୋ ଶିର । ।୧।

ନିର୍ଭର କରି ରଖିଲି
ଭରସା ତୁମ ଉପର
କୋଳକୁ ତୁମ ଉଠାଇ ନେଇ
କରିଲ ଶିଶୁ ନିଜର .... ।୨।

ସାଗରର ଭରା ଉର୍ମିରେ

ସାଗରର ଭରା ଉର୍ମିରେ
ବାରିଦର ଜଳ ଧାରାରେ
ଅରଣ୍ୟର ଜଟିଳତାରେ
ଗଗନର ବ୍ୟାପକତାରେ
ତୁମେ ତୁମେ ...। ।୦।

ଶିଶୁଟିର ସ୍ମିତ ହାସ୍ୟରେ ତୁମେ ତୁମେ
ପୁଷ୍ପଟିର ମଧୁରତାରେ ତୁମେ ତୁମେ
କୋକିଳର କୁହୁତାନରେ ତୁମେ ତୁମେ
ଝରଣାର ସରଳତାରେ ତୁମେ ତୁମେ। ।୧।

ବିଜ୍ଞାନର ଉଦ୍ଭାବନରେ ତୁମେ ତୁମେ
ଚିତ୍ରକଳା କାରୁ କୃତିରେ ତୁମେ ତୁମେ
ଅତୀତର ଇତିହାସରେ ତୁମେ ତୁମେ
ଭବିଷ୍ୟର ସୂର୍ଯ୍ୟୋଦୟରେ ତୁମେ ତୁମେ। ।୨।

Digitized by srujanika@gmail.com

ସବୁକିଛି ସମ୍ଭବ

ସବୁ କିଛି ସମ୍ଭବ

ଭାବୁ ଆମେ ସତେକି ଜଗତରେ ସମ୍ଭବ
ମନୁଷ୍ୟର ଜୀବନେ ହେବ ଦିବ୍ୟ ଆବିର୍ଭାବ
ତୃଷାର୍ତ୍ତ ହୃଦୟେ ହେବ ଦିବ୍ୟ ପ୍ରେମର ପ୍ରକାଶ
ସବୁ କିଛି ସମ୍ଭବ ଯଦି ଥାଏ ଦିବ୍ୟ ସ୍ପର୍ଶ । ।୦।

ଚେତନାର ଆରୋହଣେ ହେବୁ ଆମେ ସହଯାତ୍ରୀ
ଫିଙ୍ଗିଦେଇ ଅବସାଦ ବିଷାଦର ଭୟଭିତ୍ତି
ଗ୍ରହଣ କରିବୁ ଆମେ ଖୁସିରେ ନବ ଆଦର୍ଶ
ସବୁ କିଛି ସମ୍ଭବ ଯଦି ଥାଏ ଦିବ୍ୟ ସ୍ପର୍ଶ । ।୧।

ଆନନ୍ଦ ଖେଳିବ ସତେ ସାରା ବାତାବରଣରେ
ଅନ୍ୟକୁ ଦେଖି ଆମେ ଖୁସି ହେବୁ ହୃଦୟରେ
ଅନ୍ତରରେ ଉଜ୍ଜ୍ୱଳତା ହୋଇବ ଆମ ବିକାଶ
ସବୁ କିଛି ସମ୍ଭବ ଯଦି ଥାଏ ଦିବ୍ୟ ସ୍ପର୍ଶ । ।୨।

Digitized by srujanika@gmail.com

ତୁମ ସ୍ପର୍ଶେ ଯଦି

ତୁମ ସ୍ପର୍ଶେ ଯଦି ସବୁତ ସମ୍ଭବ
ଆମ ଏ ଜୀବନ ନିଶ୍ଚେ ହେବ ଦିବ୍ୟ । ।୦।

ଜଗତ ନଥିଲା ଉଦ୍ଭିଦ ନଥିଲା ପଶୁ ବି ନଥିଲା
କିଛି ନଥାଇବି ତୁମରି ସୃଷ୍ଟିରେ ସବୁ କିଛି ହେଲା
ଆଜି ଯାହା ନାହିଁ କାଲି ତା ସମ୍ଭବ
ଆମ ଏ ଜୀବନ ନିଶ୍ଚେ ହେବ ଦିବ୍ୟ । ।୧।

କାଦୁଅରେ ଥାଇ ଫୁଟେ ଯଦି ପଦ୍ମ
ବୀଜ ହୋଇପାରେ ଯଦି ମହାଦ୍ରୁମ
ରାତ୍ରୀ ଯଦି ପାହେ ଦେଖି ସୂର୍ଯ୍ୟୋଦୟ
ଆମ ଏ ଜୀବନ ନିଶ୍ଚେ ହେବ ଦିବ୍ୟ । ।୨।

Digitized by srujanika@gmail.com

ତୁମ ବିଜୟ ଅବାରିତ

ତୁମ ବିଜୟ ଅବାରିତ
ପ୍ରଭୁ ବିଜୟ ଅବାରିତ
ଲାଗିଲେ ଯାହାବି ଆମକୁ
ଘଟିଲେ ଯାହାବି ସଭିଙ୍କୁ
ତୁମ ବିଜୟ ଅବାରିତ
ପ୍ରଭୁ ବିଜୟ ଅବାରିତ । ।୦।

କେହି ତୁମ ବିରୁଦ୍ଧରେ ଯଦି ଯାଉଥାଏ
ପ୍ରଥମରୁ ଲାଗୁଥାଏ ସତେ ଅବା ଜିତୁଥାଏ
ହେଲେ ହାରେ ସିଏ । ।୧।

ଯିଏ ତୁମ ସହିତରେ ସଦା ରହିଥାଏ
ଲାଗେ ଅବା ହାରିଯିବ କେବେ ଅବା ବୁଡିଯିବ
ହେଲେ ଜିତେ ସିଏ
ହେଲେ ଜିତେ ସିଏ । ।୨।

Digitized by srujanika@gmail.com

ତୁମେ ଅଛ ବୋଲି

ତୁମେ ଅଛ ବୋଲି ଭରସା ପାଇଛୁ
ଭେଟିବୁ ନୂତନ ଜଗତ
ତୁମରି ପରଶେ ହୋଇବ ସମ୍ଭବ
ମରତରେ ଅମରତ୍ୱ । ।୦।

ଜନମ ହୋଇଲେ ହୋଇବ ମରଣ
ଯଦି ସତ୍ୟ ଏଇ ନିତି
ତଥାପି କାହିଁକି ମରିବା ପାଇଁକି
ଅନ୍ତରେ ନାହିଁ ସ୍ୱୀକୃତି । ।୧।

ଜନମ ମରଣ ଆସେ ବାରବାର
ତଥାପି ଅଛି ବିଶ୍ୱାସ
ନିରାଶ ନହୋଇ ଅମରତ୍ୱ ପାଇଁ
କରୁଚୁ ପୁଣି ପ୍ରୟାସ । ।୨।

Digitized by srujanika@gmail.com

ଚାଲି ଶିଖିବା ଯାଏ ପଡୁଛୁ ଆମେ

ଚାଲି ଶିଖିବା ଯାଏ ପଡୁଚୁ ଆମେ
ବଞ୍ଚି ଶିଖିବା ଯାଏ ମରୁଚୁ ଆମେ
ତାରୁଣ୍ୟ ଶିଖିନୁ ବୋଲି ବୃଦ୍ଧ ହେଉଚୁ
ଆନନ୍ଦ ଚାହୁଁନୁ ବୋଲି ଦୁଃଖ ପାଉଚୁ
ହେଲେ - ସବୁକିଛି ସମ୍ଭବ - ସବୁ କିଛି ସମ୍ଭବ । ।୦।

ଭାଙ୍ଗି ଗଢ଼ନ୍ତି ଶିଳ୍ପୀ ପରି ଚିର ପୂର୍ଣ୍ଣତା ପାଇବା ପାଇଁ
ଅନ୍ତରର ପରମ ସତ୍ୟ ନିଜ କୃତିରେ ଫୁଟିବା ପାଇଁ
ଆମ ଭିତରେ ନିଜକୁ ପରା ଗଢୁଅଛନ୍ତି ଦିବ୍ୟଜନନୀ
(ତେଣୁ)- ସବୁକିଛି ସମ୍ଭବ - ସବୁକିଛି ସମ୍ଭବ । ।୧।

ଖରା ବରଷା କାକର ଶୀତ କିପରି ସହେ ଆମ ଧରିତ୍ରୀ
ନିଦାଘ ପରେ ବାରିଦ ଝରେ ନାନା ଫୁଲରେ ଶୋଭେ ସେ ନିତି
ବିଶ୍ୱାସ ତା'ର ଅଛିଟି ବୋଲି ଆନନ୍ଦେ ସିଏ ପାରୁଛି ହସି
(ତେଣୁ)- ସବୁକିଛି ସମ୍ଭବ - ସବୁକିଛି ସମ୍ଭବ । ।୨।

ପୂର୍ଣ୍ଣଯୋଗେ ସବୁ ସମ୍ଭବ
ଦିବ୍ୟପ୍ରେମେ ସବୁ ସମ୍ଭବ
ସବୁକିଛି ସମ୍ଭବ - ସବୁ କିଛି ସମ୍ଭବ ।

Digitized by srujanika@gmail.com

ଭୁଲିପାରୁନୁ ପ୍ରଭୁ ତୁମରି ବାଣୀ

ଭୁଲିପାରୁନୁ ପ୍ରଭୁ ତୁମରି ବାଣୀ
ଚାହିଁଛନ୍ତି ମା' ସଦା ଆମକୁ ପୁଣି
ଆମରି କାମ ତେଣୁ ହେବ ସେପରି
ରହିଛନ୍ତି ମାଆ ଆମକୁ ଘେରି । ।୦।

କରିବା କଥା କେବେ ପାରୁନୁ କରି
ଜୀବନେ ଯାହା ଆମେ ନେଇନ୍ତୁ ବରି
ଚାହିଁଦେଲେ ବାରେ ସେଇ ନୟନକୁ
ସହଜରେ ସବୁ ହୁଏ ସମ୍ଭବ କରି । ।୧।

ଭାବିବା କଥା କେବେ ପାରୁନୁ ଭାବି
ହୃଦୟେ ଯାର ଆମେ ଆଙ୍କିନ୍ତୁ ଛବି
ଚାହିଁଦେଲେ ବାରେ ସେଇ ନୟନକୁ
ସହଜରେ ସବୁ ହୁଏ ସମ୍ଭବ କରି । ।୨।

Digitized by srujanika@gmail.com

ଜାଣିଚି ମା ମୋତେ କେତେ

ଜାଣିଚି ମା ମୋତେ କେତେ ଭଲ ପାଉଚ
ବିପଦେ ଆପଦେ ତୁମେ କୋଳେ ନେଉଚ । ।୦।

ସାରା ସଂସାରର ବୋଝ ନେଇବି ତୁମେ
ମୋ କଥାକି କେବେହେଲେ ତିଳେ ଭୁଲୁଚ
ବେଳେବେଳେ ତୁମଠାରୁ ଗଲେବି ଦୂରେ
ସ୍ୱର୍ଣ୍ଣ ଶିକୁଳିରେ ମୋତେ ତୁମେ ଟାଣୁଚ
ତେଣୁ ଲାଗେ ଏଇ ବିଶ୍ୱେ ସବୁ ସମ୍ଭବ - ସବୁ ସମ୍ଭବ । ।୧।

ନୂତନ ଜଗତ ପାଇଁ ନେଇଚ ମୋତେ
ସମ୍ଭାବନା ମୋ ନିକଟେ କିବା ଦେଖୁଚ
ମୋର ପ୍ରସ୍ତୁତି ପାଇଁ ବି କରି ଉଦ୍ୟମ
ତୁମରି ଇଚ୍ଛାରେ ପରା ମୋତେ ଗଢୁଚ
ତେଣୁ ଲାଗେ ଏଇ ବିଶ୍ୱେ ସବୁ ସମ୍ଭବ - ସବୁ ସମ୍ଭବ । ।୨।

Digitized by srujanika@gmail.com

ତୁମେ ଯାହାର ଜୀବନ ସାଥୀ

ତୁମେ ଯାହାର ଜୀବନ ସାଥୀ
ବ୍ୟର୍ଥତା ତା'ର କିଛି ନାହିଁ
ସବୁ ବିଫଳତା ସମ୍ଭବ କରେ
ପୂର୍ଣ୍ଣତା ଆସେ ରହି ରହି । ।୦।

ହୁଏ ନାହିଁ ମୂଲ୍ୟହୀନ ଯେତେ ଯାହା ତା' ଉଦ୍ୟମ
ହସୁଥାଏ ମନଖୋଲି ସାଥେ ତୁମେ ଥାଅ ବୋଲି
ସହଜେ ସେ ବଞ୍ଚିପାରେ ଏତିକି ଭରସା ନେଇ । ।୧।

ତୁମ କୃପା ତା' ଉପରେ ଅବାରିତେ ପରା ଝରେ
ପଥ ହୁଏ ନିରାପଦ ଥାଏ ଲକ୍ଷ୍ୟ ସୁନିଶ୍ଚିତ
ସହଜେ ସେ ବଞ୍ଚିପାରେ ଏତିକି ଭରସା ନେଇ । ।୨।

Digitized by srujanika@gmail.com

ଆମେ ଆଲୋକ ସେନା

ଆମେ ଆଲୋକ ସେନା

ଆମେ ଆଲୋକ ସେନା
ଆମେରେ ଆଲୋକ ସେନା
ସତ୍ୟ ଆମର ଚିର ସହଚର ଧରିଛୁ ବିଜୟ ବାନା । ।୦।

ଚାହୁଁ ନାହୁଁ ଆମେ ଅହଙ୍କାର ଶକ୍ତି
ଚାହୁଁନାହୁଁ କେବେ ସନ୍ୟାସୀର ଭକ୍ତି
ଚାହୁଁନାହୁଁ ପରା ସଫଳତା ପ୍ରାପ୍ତି
ଚାହୁଁନାହୁଁ ପୁଣି ଦିବସର କ୍ଳାନ୍ତି
ଭୟନାହିଁ ଆମ ଅନ୍ଧକାର ରାତି - ଆଲୋକ ଆମର ଚିହ୍ନା । ।୧।

ଚାଲିଅଛୁ ନର୍କ କରିବାକୁ ଦୂର
ଯେତେ ହାହାକାର ଯେତେ ବା ଅନ୍ଧାର
କରିଅଛୁ ସାରା ସଂସାର ନିଜର
ତୋଳିଅଛୁ ମଥା ଉର୍ଦ୍ଧ୍ୱକୁ ସତ୍ୱର
ପାତିଅଛୁ ଛାତି ବିପଦ ପାଇଁକି ସାହସ ଆମର ଚିହ୍ନା । ।୨।

Digitized by srujanika@gmail.com

ଚାହୁଁନାହୁଁ ଆମେ ଜଡ଼ତାର ଶାନ୍ତି
ଚାହୁଁନାହୁଁ କେବେ ସଂସାରରୁ ମୁକ୍ତି
ଚାହୁଁନାହୁଁ ଆମେ ବିଳାସରେ ପ୍ରୀତି
ଚାହୁଁନାହୁଁ ପୁଣି ଭୟାଳୁର ଭୀତି
ଭୟନାହିଁ ଆମ ବଜ୍ର ବିଜୁଳି ବଉଦ ଆମର ଚିହ୍ନ। ।୩।

ପ୍ରତିଷ୍ଠା କରିବୁ ଧରାପରେ ସ୍ୱର୍ଗ
ଦୂର କରିଦେବୁ ହିଂସା କ୍ରୋଧ ରାଗ
ଭରିଦେବୁ ସବୁରି ମୁହଁରେ ହସ
ମହକାଇ ଦେବୁ ମରତେ ସୁବାସ
ଶିଖିଅଛୁ ସଦା ରହିବାକୁ ଖୁସୀ ଆନନ୍ଦ ଆମର ଚିହ୍ନ। ।୪।

Digitized by srujanika@gmail.com

ନବ ସୃଷ୍ଟିର ଆମେ ସନ୍ତକ

ନବ ସୃଷ୍ଟିର ଆମେ ସନ୍ତକ
ନବ ସୁରଭିର ଆମେ ବାହକ
ନବ ସଙ୍ଗୀତର ଆମେ ଗାୟକ
ନବ ସେନାନୀର ପୁଣି ନାୟକ । ।୦।

ନବ ଚେତନାର ନବ ପୁଲକରେ ପ୍ରକାଶ ହୋଇବ ସଫଳ
ନବ ଲେଖନୀରେ ଲେଖିଯିବୁ ଆମେ କେତେ କେତେ ନବ ସକାଳ
ନବ ବାଟିକାର ଆମେ ମହକ
ନବ ଆକାଶର ଆମେ କୁହୁକ
ନବ ନବ ଯେତେ ଚିନ୍ତା ଚେତନା
ବିତରିବେ ସୁଧା ସହଳ । ।୧।

ନବ ଆଶା ଆଉ ନବ ବିଶ୍ୱାସରେ ଅନ୍ତର ହୋଇବ ହିଲ୍ଲୋଳ
ନବ ଅରୁଣର ନବ କିରଣରେ ଧରା ହେବ ଆମ ଉଜ୍ଜ୍ୱଳ
ନବ ସଂସାର ଆମ ମୂଳକ
ନବ ସ୍ପନ୍ଦନ ଦେବ ପୁଲକ
ନବ ଦିଗନ୍ତର ନବ ଗୁଞ୍ଜରଣ
କରିଦେବ ଧରା ଶୀତଳ । ।୨।

Digitized by srujanika@gmail.com

ଆମେରେ ଯେତେ ଭଉଣୀ ଭାଇ

ଆମେରେ ଯେତେ ଭଉଣୀ ଭାଇ ଏକାଠି ହୋଇ ଗାଇବା
ଏଇ ପୁରୁଣା ଦୁନିଆଁଟାକୁ ନୂତନ କରି ଗଢ଼ିବା । ।୦।
ପୁରୁଣା ଯେତେ ଆହୁରି ଥାଇ କରନ୍ତି ଏଠି ବଢ଼େଇ
ଦିଅନ୍ତି ନାହିଁ ସାହସ କେବେ ଆଗକୁ ଯିବାର ପାଇଁ
ଯେତେ ବା ଯାହା ଅଛି ଅତୀତ ସେସବୁକୁ ଭାଙ୍ଗିବା
ସେସବୁକୁ ଭାଙ୍ଗିବା । ।୧।

ଅସ୍ତ୍ର ଆମର ସାଙ୍ଗରେ ଥିବ ଧୈର୍ଯ୍ୟ ଆଉ ସାହସ
ଯାହାବି ହେଉ ବାଟରେ କେବେ ହେବାନି ଆମେ ହତାଶ
ଆମରି ପାଇଁ ସମାନ ପରା ଜିତିବା ଅବା ହାରିବା
ଜିତିବା ଅବା ହାରିବା । ।୨।

ଆସୁବା ପଛେ ଅନ୍ଧାର ଯେତେ ଭାବନା ନାହିଁ ତହିଁକି
ଦିନେ ନା ଦିନେ ଆଲୋକ ହେବ ଶୋଚନା କାହିଁ ପାଇଁକି
ମା' ଅଛନ୍ତି ସାଥିରେ ଆମ କାହାକୁ କିଆଁ ଡରିବା
କାହାକୁ କିଆଁ ଡରିବା । ।୩।

Digitized by srujanika@gmail.com

ଆମେରେ ବୀର ସନ୍ତାନ

ଆମେରେ ବୀର ସନ୍ତାନ
ଆମେରେ ବୀର ସନ୍ତାନ
ଆମେ କରିଛୁ ପଣ ଆଜି ହଟାଇ ଦେବୁ
ସଂସାରରୁ ଦୁଃଖ କଷ୍ଟ ଯନ୍ତ୍ରଣାମାନ । ।୦।

ଭରସା କରିଛୁ ଆମେ ଧୈର୍ଯ୍ୟ ଧରିଛୁ
ବିପଦକୁ ଭେଟିବୁ ସାହସ ବାନ୍ଧିଛୁ
ଅତୀତର ଚିନ୍ତାରାଜି ପାଶୋରି ଦେଇଛୁ ଆଜି
ଭବିଷ୍ୟତ ପାଇଁ ସଦା ରଖିଅଛୁ ଧ୍ୟାନ । ।୧।

ସାଗର ଆମର ହେବ କ୍ରୀଡ଼ାର ଭୂଇଁ
ଗଗନ ଚାହିଁବ ସାଥୀ ହେବାର ପାଇଁ
ଡରଭୟ କିବା ଚିଜ ଭୁଲିଯିବୁ ତାକୁ ଆଜ
ଶୋଚନା କରିବୁ ନାହିଁ ମାନ ସନମାନ । ।୨।

ହୃଦୟକୁ କରିଦେବୁ ବଜ୍ରଠାରୁ କଠିନ
ନିର୍ଭୟରେ ଶୀର ଟେକି ଉର୍ଦ୍ଧ୍ୱେ ନୟନ
ମାତୃକୃପା ପରେ ଶ୍ରଦ୍ଧା ବିଶ୍ୱାସ ରଖିବୁ ସଦା
ଅବିଚଳ ରହିଥିବ ସଙ୍କଳ୍ପ ଆମ । ।୩।

Digitized by srujanika@gmail.com

ଆଲୋକର ଶିଶୁ ଆମେ

ଆଲୋକର ଶିଶୁ ଆମେ ଆଲୋକକୁ ଚାହିଁବା
ଅନ୍ଧକାର ଧରଣୀ ପରିବର୍ତ୍ତନ କରିବା । ।୦।

ସାହସ ଧଇର୍ଯ୍ୟ ହେବ ଆମ ହସ୍ତେ କମାଣ
ସ୍ନେହ ଶ୍ରଦ୍ଧା ବନ୍ଧୁ ପ୍ରୀତି ଥିବେ ଢ଼ାଲ ସମାନ
ଡରିବାନି କାହାରିକୁ ପ୍ରେମ ଡୋରେ ବାନ୍ଧିବା
ଅନ୍ଧକାର ଧରଣୀ ପରିବର୍ତ୍ତନ କରିବା । ।୧।

ଆମ ମାର୍ଗ ନୁହେଁ ଖାଲି କର୍ମ ଜ୍ଞାନ ଭକତି
ଜଡ଼ତାକୁ ଭାଙ୍ଗିବାକୁ ଦେଖାଇବା ଶକତି
ନିନ୍ଦିବାନି ଭାଗ୍ୟେ ଆମ ତାକୁ ବଦଳାଇବା
ଅନ୍ଧକାର ଧରଣୀ ପରିବର୍ତ୍ତନ କରିବା । ।୨।

ଭଳି ଯିବା ନାହିଁ ଦେଖି ବିଜ୍ଞାନର ଚାତୁରୀ
ସବୁ ମଧ୍ୟେ ଅଛି ସତ୍ୟ ଆମେ ତା'ର ପ୍ରହରୀ
ଅସଲ ଜ୍ଞାନର ସୂତ୍ର ଅନ୍ତରରୁ ପାଇବା
ଅନ୍ଧକାର ଧରଣୀ ପରିବର୍ତ୍ତନ କରିବା । ।୩।

ଜନନୀ ଡାକନ୍ତି ଆଜି ଉଠ ତେଜି ଆଳସ୍ୟ
କର୍ମଠ ରହିବା ସଦା ହେବା ନାହିଁ ବିମର୍ଷ
ତାଙ୍କ କୃପା ଆମ ପାଇଁ ଅନୁଭବ କରିବା
ଅନ୍ଧକାର ଧରଣୀ ପରିବର୍ତ୍ତନ କରିବା । ।୪।

Digitized by srujanika@gmail.com

କରୁ ଆଗାମୀ ସୂର୍ଯ୍ୟକୁ ସ୍ୱାଗତ

କରୁ ଆଗାମୀ ସୂର୍ଯ୍ୟକୁ ସ୍ୱାଗତ
ଆମେ ଆଗାମୀ ସୂର୍ଯ୍ୟକୁ ସ୍ୱାଗତ
ଆମେ ତରୁଣ, କରୁ ସ୍ମରଣ
ସତ୍ୟ ଯାହା ଶାଶ୍ୱତ । ।୦।

ଅଜ୍ଞାନତାର ଗଭୀର କାରାରୁ ଦେବା ମୁକ୍ତି
ଅନ୍ଧାର ଯିବ କାହିଁ କେତେଦୂରେ ଘୁଞ୍ଚି
ଆମେରେ ମହାନ, ଆମେ ବଳବାନ
ଆଗେଇବା ଆମେ ଲଭି ମାତୃ ଆଶୀର୍ବାଦ । ।୧।

ସଫଳତା ପାଇଁ ହେବାନାହିଁ କେବେ ବ୍ୟଗ୍ର
ନିର୍ଭରତା ପାଇଁ ରଖିଥିବା ଅନୁରାଗ
ଯୁଦ୍ଧରେ ବିଜୟ, ଅବା ପରାଜୟ
ଚିନ୍ତା ନାହିଁ ଆମେ ବାହି ଚାଲିଥିବା ରଥ । ।୨।

ନବସୃଷ୍ଟି ଏକ ପ୍ରତୀକ୍ଷା ରଖିଛି ଆମ ପାଇଁ
ଶାନ୍ତ ହେବା ଆମେ ତା'ରେ ଆବିଷ୍କାରେ ଯାଇଁ
ଆମେରେ ଦୁର୍ଜୟ, ଆମେରେ ଦୁର୍ବାର
କରିଦେବା ଆମେ ମିଥ୍ୟାକୁ ପରାହତ । ।୩।

ଦୁର୍ଗମ ଏକ ପଥ ନେଇଅଛୁ ବରି
ଦୁଃସାହସୀ ପଣେ ନାହିଁ କେହି ଆମ ସରି
ଆମେରେ ନିର୍ଭୟ, ନାହିଁରେ ସଂଶୟ
ଆମେ ଅଛୁ ଦିବ୍ୟଜନନୀଙ୍କ ପାଇଁ ପ୍ରସ୍ତୁତ । ।୪।

Digitized by srujanika@gmail.com

ଶପଥ କଲୁ ଆମେ

ଶପଥ କଲୁ ଆମେ ଶପଥ କଲୁ
ଶପଥ କଲୁ ଆମେ କଲୁ ଶପଥ
ବଦଳାଇ ଦେବୁ ଦିନେ ସାରା ଜଗତ
ସାରା ଜଗତ ହଁ ହଁ ସାରା ଜଗତ । ।୦।

ସାରା ଦୁନିଆରେ ହାହାକାର ଶୁଭୁଛି
ଦୁଃଖ ଦୈନ୍ୟ ଅନ୍ଧକାର ଘେରି ରହିଛି
ହତାଶାର ଅସୁରଟା ଡାକ ଦେଉଛି
ଭୁଲାଇ ଦେବଟି ସିଏ ଆମକୁ ପଥ । ।୧।

ଜଡ଼ବସ୍ତୁ ପରେ ଯଦି ରଖ ବିଶ୍ୱାସ
ବିଜ୍ଞାନ ଯଦି ଦେଇ ପାରେ ସାହସ
କିଆଁ ହେଉଅଛ ତେବେ ଏତେ ନିରାଶ
ଶୁଖିଗଲା ମୁହଁ ଏବେ ହସ ସହିତ । ।୨।

ରାତ୍ରି ଯେବେ ହୋଇଯାଏ ଅତି ଅନ୍ଧାର
ସୁରୁଜ ଆସିବାର ପୂର୍ବ ପ୍ରହର
ଦେଖ ଏବେ ପୂର୍ବ ଦିଗ ଦିଶେ ଉଜ୍ଜ୍ୱଳ
ଅନ୍ଧକାର କରି ପାରିବନି ରାଜତ୍ୱ । ।୩।

ସତ୍ୟ, ନ୍ୟାୟ, ନିଷ୍ଠା ପଣେ ଥିବାଟି ପୁରି
ମିଥ୍ୟା ଛଳନାକୁ ଦେବା ଦୂରେ ଫୋପାଡ଼ି
ହତାଶାର ଅସୁରର ବେକକୁ ମୋଡ଼ି
ଫିଙ୍ଗିଦେବା ଅଛି ପରା ଏ ଦୁଇ ହାତ । ।୪।

ଅତିମାନସ ଆଲୋକ ଆସୁଚି ମାଡ଼ି
ଆଶା ଓ ବିଶ୍ୱାସ ଯାଏ ଧୀରେ ସଞ୍ଚରି
ଦିବ୍ୟ ଜନନୀଙ୍କ କୃପା ରହିଛି ଘେରି
ଚାଲିବା ପାଇଁକି ବାଟ ଆମ ସହିତ । ।୫।

Digitized by srujanika@gmail.com

ସତ୍ୟ ଆମର ଧର୍ମ

ସତ୍ୟ ଆମର ଧର୍ମ   ସତ୍ୟ ଆମର କର୍ମ
ସତ୍ୟ ଆମର ମର୍ମ   ସତ୍ୟ ମାତୃ ନାମ ।   ।୦।

ସତ୍ୟ ଆମର ଯୋଗ   ସତ୍ୟ ଆମର ମାର୍ଗ
ସତ୍ୟ ଆମର ଅସ୍ତ୍ର   ସତ୍ୟ ଶରୀରେ ବର୍ମ
ସତ୍ୟ ଆମର କଥା   ସତ୍ୟ ମନରେ ଚିନ୍ତା
ସତ୍ୟ ପ୍ରାଣରେ ଶକ୍ତି   ସତ୍ୟ ହୃଦୟେ ପ୍ରେମ । ।୧।

ସତ୍ୟ ଦିବସ ଜ୍ୟୋତି   ସତ୍ୟ ଭାବନା ପ୍ରୀତି
ସତ୍ୟ ଅନ୍ତରେ ଭକ୍ତି   ସତ୍ୟ ସାରା ଜୀବନ
ସତ୍ୟ ଆମ ଭାବନା   ସତ୍ୟ ଆମ ଚେତନା
ସତ୍ୟ ଆମ ସାଧନା   ସତ୍ୟ ଆମର ଜ୍ଞାନ ।   ।୨।

ସତ୍ୟ ଆମର ମନ୍ତ୍ର   ସତ୍ୟ ଆମର ଯନ୍ତ୍ର
ସତ୍ୟ ଆମର ଅର୍ଥ   ସତ୍ୟ ଆମର ପ୍ରାଣ
ସତ୍ୟ ଆମର ଦୃଷ୍ଟି   ସତ୍ୟ ପୁଣି ସୃଷ୍ଟି
ସତ୍ୟ କରୁଣା ବୃଷ୍ଟି   ସତ୍ୟ ତୁମ ନୟନ ।   ।୩।

Digitized by srujanika@gmail.com

ଅପରୂପ ଛନ୍ଦେ

ଅପରୂପ ଛନ୍ଦେ

ଅପରୂପ ଛନ୍ଦେ ମୁକୁଳିତ ପୁଷ୍ପ ଗନ୍ଧେ
ସାଜିଅଛି ଧରା ସବୁଜିମା ଭରା
ଏ ଋତୁ ରାଜ ବସନ୍ତ ପସରା । ।୦।

ଉଲ୍ଲସିତ ଉଲ୍ଲସିତ ହୃଦୟେ ଆମ ଉତ୍ସାହ ଭରା
ଶାନ୍ତି ପ୍ରୀତି ମୈତ୍ରୀ ଭାବ ଅନ୍ତର ସାରା ।
ପରମ ଆନନ୍ଦ ପ୍ରେମ ତୁମରି ଆଶିଷ ଝରା
କରୁଣାମୟୀ ଜନନୀ ତୁମେ ମମତାର ଧାରା
ଆଉ ପୀୟୂଷ ପସରା ।
ଅଜାଡି ଦିଅଗୋ ଏଇ ଜଗତ ସାରା । ।୧।

କୁସୁମିତ କୁସୁମିତ ପାରିଜାତ ମହକ ଭରା
ସବୁଜିମା ଶୋଭାପାଏ ଜଗତ ସାରା
କୃପାର ବାରିଦ ଝରେ ଅନ୍ତର ବିଶ୍ୱାସେ ଭରା
କଲ୍ୟାମୟୀ ଜନନୀ ତୁମେ ଆଲୋକ ପସରା
ସବୁ ବିତରୁଛ ପରା
ତୁମରି ପଣତେ ଆଶ୍ରୟ ଦିଅପରା । ।୨।

Digitized by srujanika@gmail.com

କଣ୍ଠେ ମୋର ଥାଉ ସଦା

କଣ୍ଠେ ମୋର ଥାଉ ସଦା ତୁମର ମଧୁର ନାମ,
ଚକ୍ଷୁ ଆଗେ ଭାସୁଥାଉ ତୁମର ଦିବ୍ୟ ନୟନ।
ଶ୍ରବଣେ ମୁଁ ଶୁଣେ ଖାଲି ତୁମ ସୁମଧୁର ବାଣୀ,
ଅନୁଭବ କରୁଥାଏ ହୃଦେ ତୁମର ଘ୍ରାଣି। ।୦।

ତୁମ ଦିବ୍ୟ ଉପସ୍ଥିତି ଥାଉ ମୋର ଚଉପାଶେ,
ଦିବ୍ୟ ପ୍ରେମ ଆନନ୍ଦରେ ନାଚୁଥାଏ ମୁଁ ହରଷେ।
ତୁମ ଦିବ୍ୟ କରୁଣାର ହେଉ ସଦା ପରକାଶ,
ତୁମ ଦିବ୍ୟ ସୁଧାଧାରା ପାଉଥାଏ ମୁଁ ପରଶ। ।୧।

କର୍ମେହୁଏ ନିଷ୍ଠାପର କେବଳ ତୁମରି ପାଇଁ,
ଆଚରଣେ ଶୋଭାପାଏ ତୁମରି ସନ୍ତାନ ହୋଇ।
ତୁମକୁ ମୁଁ ଖୋଜୁଥିବି ତୁମରି ସଙ୍ଗୀତ ଗାଇ,
ଜୀବନଟା ବିତାଇବି ତୁମରି ମୁଖକୁ ଚାହିଁ। ।୨।

Digitized by srujanika@gmail.com

ମୋ ହୃଦୟ ବେଦୀ ପରେ

ମୋ ହୃଦୟ ବେଦୀ ପରେ
ତୁମେ ଅଛ ରହି
ତୁମକୁ ପାଇବା ପାଇଁ
ରହିଛି ଗ୍ରହ । ।୦।

ଯାହା ତୁମେ ଦେଇଥିଲ
ଏବେ ପୁଣି ଦେଉଅଛ
ସାଇତି ରଖିଛି ସବୁ
ତୁମରି ପାଇଁ
ମା' ତୁମରି ପାଇ । ।୧।

ଜାଣିଛି ପାଇବି ଦିନେ
ତୁମକୁ ମୋ ଅନ୍ତରରେ
ତୁମେ ପରା ମୋ ତରିକୁ
ନେଉଛ ବାହି
ମା' ନେଉଛ ବାହି । ।୨।

Digitized by srujanika@gmail.com

ଅନୁଭବ ଆଜି କେତେ ଆଲୋକିତ

ଅନୁଭବ ଆଜି କେତେ ଆଲୋକିତ
କେତେ ମନୋରମ
ଅବାରିତ ଭାବେ ହୁଅଇ ସ୍ମରଣ
ଅପରୂପ ନାମ। ।୦।

ଗଗନ ପବନ ହୁଏ ପ୍ରକମ୍ପିତ
ହୁଅଇ ଧ୍ୱନିତ
ଚେତନା ତ ଆଜି ନେଇଛି ଦାୟିତ୍ୱ
ହୁଅଇ ଜାଗ୍ରତ।
ସସାଗରା ଧରା ତୁମରି ଚରଣେ
ହୁଏ ଅବନତ। ।୧।

ଆଳସ୍ୟ ବିଷାଦ ତୁମରି ସ୍ମରଣେ
ପାଏ ନାହିଁ ସ୍ଥାନ
ଉର୍ଦ୍ଧ୍ୱେ ଉତ୍ତୋଳିତ ଆମର ଭାବନା
ଆମରି ନୟନ।
ସବୁକିଛି ଆଜି ତୁମ ପାଇଁ ପରା
ଲାଗଇ ନୂତନ। ।୨।

Digitized by srujanika@gmail.com

ଆଖି ଖୋଲିଲି ମୁଁ

ଆଖି ଖୋଲିଲି ମୁଁ ଯେଉଁ ଦିନ
କରିଥିଲି ତୁମକୁ ସ୍ମରଣ
ତୁମେ ଜାଣିଲ ତାହା କିପରି
ମା' ନେଲ ମୋତେ କୋଳେ ତୋଳି। ।୦।

ସେ ଦିନରୁ ଆଜ ଦିନ ଯାଏ
ତୁମ କୋଳରେ ମୁଁ ପରା ଥାଏ
ମୁହୂର୍ତ୍ତେବି ଛାଡ଼ି ନାହଁ ମୋତେ
ହାତ ମୋର ଧରି ଅଛ ହାତେ। ।୧।

କେବେ ଜଡ଼ତା ଆଳସ୍ୟେ ଥାଇ
କେବେ ଅବା ପଡ଼ିଛି ଘୁମାଇ
କେବେ ପ୍ରାଣର କାମନା ବାସନା
ଦେଇଥାଏ ମୋତେ ଉତ୍ତେଜନା। ।୨।

ତୁମେ ଜାଣୁଛ କାହା କିପରି
ଯଦି ମନର ଯାବତ ଚିନ୍ତା
କରିଥାଏ ମତେ ହଟ ହଟା
କେବେ ସ୍ୱାର୍ଥ ଆଉ ଅହଂକାର
କଲା ଯଦି ମୋତେ ଅଧିକାର। ।୩।

Digitized by srujanika@gmail.com

ସାଥି ହେବା ପାଇଁ ବନ୍ଧୁ ହେବା ପାଇଁ

ସାଥି ହେବା ପାଇଁ ବନ୍ଧୁ ହେବା ପାଇଁ
ତୁମ ଠାରୁ ବଡ କେହି ନାହିଁ
ସୁଖରେ ଦୁଃଖରେ ଭରସା ଦେବାକୁ
ତୁମ ଛଡା ଆଉ କେହିନାହିଁ। ।୦।

ଅନ୍ଧାର ରାତିରେ ତୁମେତ ଆଲୋକ
ଦୁଃଖ ଦୁର୍ଦ୍ଦିନରେ ତୁମେତ ପୁଲକ।
ଶୀତରେ ଉତ୍ତାପ ରୌଦ୍ରରେ ଶୀତଳ
ତୁମେହିଁତ ସଦା ଥାଅ ଦେଇ। ।୧।

ତୁମ ଅଧରର ମଧୁଝରା ହସ
ତୁମ ପଣତର ଅଭୟ ଆଶିଷ
ଧୋଇନିଏ ମୋର ଜୀବନ୍ର କଲୁଷ
ତୁମ ନୟନକୁ ଦେଲେ ଚାହିଁ। ।୨।

Digitized by srujanika@gmail.com

କଳା ବଉଦର କଳା ଛାଇ କାଟି

କଳା ବଉଦର କଳା ଛାଇ କାଟି
ଅରୁଣିମା ଆସେ ସଘନେ ପ୍ରକଟି..........।୦।

ସାରା ସଂସାରର ସବୁ ଅନ୍ଧକାର
ମାଡିଆସୁ ପଛେ ହୋଇ ଦାବାନଳ
ଥରେ ତା' ନିକଟେ ହୋଇଗଲେ ଶିଶୁ
ନିଏ ସେ ଆଦରେ କୋଳକୁ ସାଉଁଟ। ।୧।

ଯେତେଯେତେ ସିଏ ଦିଶଇ ଦାରୁଣ
ତା'ଠାରୁ ଅଧିକ ଦିଶେ ମନୋରମ
ଆଖି ଫେରାଇ ସେ ଚାହିଁଦେଲେ ଥରେ
ଜନ୍ମ ଜନ୍ମ ପାଇଁ ହୋଇଯାଏ ସାଥୀ। ।୨।

Digitized by srujanika@gmail.com

ଅଥଳ ଦରିଆ ନୀଳାମ୍ବୁ ମଝିରେ

ଅଥଳ ଦରିଆ ନୀଳାମ୍ବୁ ମଝିରେ
ଧୀରେ ଚାଲେ ଆମ ତରୀ
ବାଟ ଜଣା ନାହିଁ ଘାଟ ଜଣା ନାହିଁ
ତଥାପି ହୋଇବୁ ପାରି । ।୦।

କେତେଦିନ ଯିବ କଅଣ ଘଟିବ
ନାହିଁ କିଛି ସତେ ଜଣା
ଅଜାଣତଟାରେ ହୋଇପାରୁ ଅବା
କେତେବେଳେ ବାଟବଣା ।
ଲାଗୁ ଯାହା ଲାଗୁ ଘଟୁ ଯାହା ଘଟୁ
ଅଛୁ ହୃଦେ ଦମ୍ଭ ଧରା । ।୧।

ଜାଣିନକି ଆମ ମଙ୍ଗ ଧରିଛନ୍ତି
ବିଶ୍ୱର ଶ୍ରେଷ୍ଠ ନାବିକ
ମୁହୂର୍ତ୍ତକ ପାଇଁ ବିଶ୍ରାମ ନ ନେଇ
ବୁଝୁଛନ୍ତି ସୁଖଦୁଃଖ ।
ଅତି ନିର୍ଭୟରେ ମହା ଆନନ୍ଦରେ
ହୋଇଯିବା ଆମେ ପାରି । ।୨।

Digitized by srujanika@gmail.com

ଧରାରେ ଆସିଛ

ଧରାରେ ଆସିଛ

ଧରାରେ ଆସିଛ ତୁମେ ବରଷି ଦେଉଛ
ତୁମ କୃପା ଜଳରାଶି ଅନ୍ତରେ ଯାଏ ମିଶି । ।୦।
ଯେତେ ଯେତେ ଜଟିଳତା ଆଉ ପୁଣି କଳୁଷତା
ବଦଳିବା ପାଇଁ ସତେ ଜାଗେ କେତେ ବ୍ୟାକୁଳତା
ପ୍ରକାଶେ ହରଷି । ।୧।

ଚଉଦିଗ ଉପବନ ଦିଶେ ମନୋରମ
ତୁମ କୃପା ପାଇ ସତେ ମନେ ହୁଏ ନିରନ୍ତନ
ତୁମକୁ ପ୍ରକାଶି । ।୨।

Digitized by srujanika@gmail.com

ପ୍ରତିକ ସତ୍ୟର ଜଗତ ଆମର

ପ୍ରତିକ ସତ୍ୟର ଜଗତ ଆମର
ଦିଅଇ କେତେ ସନ୍ଦେଶ
ଭଲ ମନ୍ଦ ସତ ମିଛ ଏପରି ନାହିଁ କିଛି
ଶାଶ୍ୱତ ସତ୍ୟର ପରିପ୍ରକାଶ । ।୦।

ରାତ୍ରୀ ଗର୍ଭେ ସଂଗୁପିତ ବିପୁଳ ଆଲୋକ
ଦିବା ବିକୀରିଣ କରେ ଯାହାର ଝଲକ
ଦିନ ବିନା ରାତୀ ନାହିଁ
ରାତୀ ବିନା ଦିନ ନାହିଁ
ଦିନ ରାତୀ ଅତିକ୍ରମି ନିଜର ସୀମା
ସବୁ ଉର୍ଦ୍ଧ୍ୱେ ପ୍ରକାଶିବେ ଅତିମାନସ ସତ୍ୟ ।
ଅତୀମାନସ । ।୧।

ଦୁଃଖ ଗର୍ଭେ ସଂଗୁପିତ ପରମ ଆନନ୍ଦ
ସୁଖ ମହକାଇ ଦିଏ ଯାହାର ସୁଗନ୍ଧ
ସୁଖ ବିନା ଦୁଃଖ ନାହିଁ
ଦୁଃଖ ବିନା ସୁଖ ନାହିଁ
ସୁଖ ଦୁଃଖ ଅତିକ୍ରମି ନିଜର ସୀମା
ସବୁ ଉର୍ଦ୍ଧ୍ୱେ ପ୍ରକାଶବେ ଅତିମାନସ ସତ୍ୟ ।
ଅତୀମାନସ । ।୨।

Digitized by srujanika@gmail.com

ମା' ସରଗରୁ ଉତରି ଆସି

ମା' ସରଗରୁ ଉତରି ଆସି
ଏଇ ଜଗତରେ କୃପା ବରଷି
ଅନ୍ଧକାର ଦେଉଛ ନାଶି । ।୦।

ଅଚେତନାର ଅଜ୍ଞାନତାର ଗହ୍ବର ଭେଦକରି
ନବସୂର୍ଯ୍ୟର ଆଲୋକ ଚିର ସୁଷମା ଯାଏ ଭରି
ଦିବ୍ୟ ଶରୀର ପ୍ରକାଶେ ଧୀର
କଳ୍ପନା ଅନୁସରି । ।୧।

ଦିବ୍ୟମନର ଦିବ୍ୟପ୍ରାଣର ଦିବ୍ୟଚେତନା ସୁମରି
ଉଠାଇ ଶୀର ଜାଗଇ ବୀର ଅଜ୍ଞତା ବୁକୁ ଚିରି
ଚିର ଭାସ୍ୱର ପ୍ରକାଶେ ଦୀର
କରୁଣା ଯାଏ ଝରି । ।୨।

Digitized by srujanika@gmail.com

ବନ୍ଦେ ଯୋଗୀ ଶ୍ରୀଅରବିନ୍ଦ

ବନ୍ଦେ ଯୋଗୀ ଶ୍ରୀଅରବିନ୍ଦ
ତୁମରି ଆଶିଷ ପଡୁଛି ଝରି,
ନୂତନ ଜଗତ କରୁଛ ପ୍ରସ୍ତୁତ
କର କମଳ ତୁମ ଦିଅ ପ୍ରସାରି । ।୦।

ଅତିମାନସର ଚେତନା ଝରାଇ
ଦିଗ୍ ବଳୟ ପାଶ୍ଵ ଜ୍ୟୋତି ଝଲସାଇ,
ତୁମ ଚରଣର କରୁଛୁ ବନ୍ଦନା
ଦୂର କରିଦିଅ ଜଗତୁ ଅରି । ।୧।

ତୁମେ ହିଁ ନୂତନ ସୁରୁଜ କିରଣ
ତୁମ ଛଟା ଆଜି ହୁଏ ବିକୀରଣ,
ଅବାରିତ ତୁମ ଦିବ୍ୟ ପ୍ରେମ ସୁଧା
ସାରା ଜଗତକୁ ନିଏ ଆବୋରି । ।୨।

Digitized by srujanika@gmail.com

ଜନନୀ..... ପତିତପାବନୀ

ଜନନୀ..... ପତିତପାବନୀ
ଦିବ୍ୟ ଜୀବନ ଦାୟିନୀ, ମାତଙ୍ଗିନୀ। ।୦।

ଜଗତ ତୁମର ଧରଣୀ ତୁମର ତୁମେ ତ ବିଶ୍ୱଜୟା,
ଶରୀର ତୁମର ପ୍ରାଣବି ତୁମର ତୁମେତ ମହାମାୟା।
ତୁମରି ଚରଣେ ନିବେଦିତ ସାରା ବିଶ୍ୱର ଜନ ପ୍ରାଣୀ,
ଅନ୍ଧକାର ନାଶ, ଭାଙ୍ଗ ଅବିଶ୍ୱାସ ସୁନ୍ଦର କର ଧରଣୀ।
ବହ୍ନି ତୁମ ଚକ୍ଷୁ - ଅଗ୍ନିହୋଇ ବର୍ଷୁ
ମଙ୍ଗଳ ଶୁଭଦାୟିନୀ -ଶୁଭଦାୟିନୀ-ଶୁଭଦାୟିନୀ
ଜନନୀ। ।୧।

ଜଡେ ପ୍ରହାର ମୁଢ଼େ ସଂହାର
ବିଶ୍ୱାସଘାତେ କର ଶାସନ,
ଯୁଦ୍ଧେ ପ୍ରସ୍ତୁତ ଖଡ୍ଗ ଶାଣିତ
ଶତ୍ରୁ କରିଦିଅ ମଉନ।
ଦଣ୍ଡ ତୁମର ପ୍ରସାଦ - କ୍ରୋଧ ତୁମର ଆଶିଷ।
ଯନ୍ତ୍ରଣା ଦୁଃଖ ନାଶିନୀ-ମା'ପ୍ରେରଣା-ପ୍ରଦାୟିନୀ
ଜନନୀ। ।୨।

Digitized by srujanika@gmail.com

ପ୍ରେମ ହିଁ ଏକତା

ପ୍ରେମ ହିଁ ଏକତା
ପ୍ରେମ ହିଁ ସମତା
ପ୍ରେମ ହିଁ ଦିବ୍ୟ ଆନନ୍ଦ,
ପ୍ରେମ ଦିଏ ଶକ୍ତି
ପ୍ରେମ ଦିଏ ମୁକ୍ତି
ଜୀବନେ ଦିଏ ସେ ଛନ୍ଦ । ।୦।

ପ୍ରେମ ବଳେ ଜଡ
ପାଇପାରେ ପ୍ରାଣ
ଉଦ୍ଭିଦ ହୁଅଇ ପଶୁ,
ପ୍ରେମ ବଳେ ପଶୁ
ହୁଅଇ ମାନବ
ସିଏ ପୁଣି ଦିବ୍ୟ ଶିଶୁ । ।୧।

ପ୍ରେମ ବଳେ ଯାହା-
ଯାହା ଅସମ୍ଭବ
ହୋଇପାରେ ସହଜରେ,
ଦିବ୍ୟ ଚେତନାରେ
ହେବ ପ୍ରକାଶିତ
ମାନବ ଏ ଜଗତରେ । ।୨।

Digitized by srujanika@gmail.com

ଯୋଗ କଅଣ ମୁଁ ଜାଣିନି

ଯୋଗ କଅଣ ମୁଁ ଜାଣିନି
ସିଦ୍ଧି କିଛି ମୁଁ ପାଇନି
ହେଲେ ଜାଣିଛି ତୁମକୁ
ତୁମେ ଜଗତ ଜନନୀ । ।୦।

ଯୋଗ ସାଧନା କରନ୍ତି ଯେତେ
ରହି ଯାଆନ୍ତି ବାଟେ
ହେଲେ ତୁମକୁ ପାଇବା ପାଇଁ
ଅଟକିବିନି କେବେ ।
ଯାଉଥିବି ପଥ ଯେତେ
ତୁମ ପାଶେ ଥିବି ସେତେ । ।୧।

ଅବତରିଛ ଆମରି ପାଇଁ
ତୁମେ ଏଇ ଜଗତେ
ସାଧନା ଆମ ନେଇଛ ବରି
ନିଜର ଇଚ୍ଛା ମତେ ।
ହୃଦୟରେ ଅଛ ରହି
ଅଭୀପ୍ସାର ଅଗ୍ନି ହୋଇ । ।୨।

Digitized by srujanika@gmail.com

ପୂର୍ଣ୍ଣଯୋଗର କାରଣ

ପୂର୍ଣ୍ଣଯୋଗର କାରଣ
ପ୍ରକୃତି ପରିବର୍ତ୍ତନ
ଲାଗୁପଛେ ତାହା ଯେତେ ଦିନ,
ଯଦି ନିଜ ପ୍ରକୃତି
ବଦଳିବ ନାହିଁ
ତେବେ ଆମ ଯୋଗ ମୂଲ୍ୟହୀନ । ।୦।

ଭରସା ରଖିବା ବଦଳିବା ପାଇଁ
ରହିଛି ପୂର୍ଣ୍ଣ ସମ୍ଭାବନା,
ଆମରି ଭିତରେ ନିମ୍ନପ୍ରକୃତି
ନ ପାଉ କେବେ ଆଶ୍ୱାସନା । ।୧।

ଥରକୁ ଥର ପଡିବା ଖସି
ସେଇଥି ପାଇଁ ଚିନ୍ତା ନାହିଁ,
ମା'ଙ୍କ କରୁଣା ରହିଛି ସାଥେ
ସଂଶୟ ଆଉ କାହା ପାଇଁ । ।୨।

Digitized by srujanika@gmail.com

କେତେ ଜନମର ସୌଭାଗ୍ୟ ମୋର

କେତେ ଜନମର ସୌଭାଗ୍ୟ ମୋର

କେତେ ଜନମର ସୌଭାଗ୍ୟ ମୋର
ପାଇଛି ଆଶ୍ରୟ ତୁମର କୋଳ
କେତେ ତପସ୍ୟାର ପୁଣ୍ୟ ପାଇଛି
ଶରଣ ନେଇଛି ତୁମ ପୟର। ।୦।

ଚଲା ବାଟ ମୋର କରି କୁସୁମିତ
କରିଅଛ ମନ ପ୍ରାଣ ଉଲ୍ଲସିତ
ତୁମକୁ ଅନ୍ତରେ ଦେଇଛ ଚିହ୍ନାଇ
ରଖିଛ ମଥାରେ ତୁମର କର। ।୧।

କରୁଛି ଶପଥ ନେବି ନବ ଜନ୍ମ
ତୁମ ପାଇଁ ଦେବି ସାରା ଜୀବନ
ତୁମେ ହିଁ ମୋ ମାତା ତୁମେ ପୁଣି ପିତା
ତୁମ ପାଇଁ ହସେ ସାରା ସଂସାର। ।୨।

Digitized by srujanika@gmail.com

ତୁମେ ଅଛ ବୋଲି ଏଜଗତ ଆଜି

ତୁମେ ଅଛ ବୋଲି ଏ ଜଗତ ଆଜି
ମୃତ୍ୟୁକୁ ଯାଇଛି ଭୁଲି
ଅଚେତନା ନିଜ କାର୍ଯ୍ୟ କରୁଅଛି
ଖାଲି ତୁମେ ଅଛ ବୋଲି । ।୦।

ରହସ୍ୟ ସଙ୍ଗତି ଅନ୍ଧ ହୃଦୟରେ
ଧୀରେ କରେ ବିଚରଣ
ତୁମେ ଅଛ ବୋଲି ସବୁକିଛି ଦିଶେ
ସୁନ୍ଦର ସୁଶୋଭନ
ତୁମେ ଅଛ ବୋଲି ଅନ୍ତରାତ୍ମା ହୁଏ
ପ୍ରଭୁଙ୍କ ନିକଟତର
ହୁଅଇ ପ୍ରକାଶ ଘୃଣା ମଧ୍ୟେ ପ୍ରେମ
ଅନ୍ଧକାରରେ ଜ୍ଞାନର । ।୧।

ତୁମେ ଅଛ ବୋଲି ଆଶା ଓ ସାହାସ
ରଖିଛି ମନୁଷ୍ୟ ଜାତି
ସ୍ୱର୍ଗାରୋହଣ କରି ଆତ୍ମା ପାଏ
ପ୍ରଭୁଙ୍କର ଉପସ୍ଥିତ
କର୍ମଫଳ ଭୁଲି ସୁଖ ପାଇଁ ଲଢ଼େ
ନିୟତି ସଙ୍ଗେ ମନୁଷ୍ୟ
ତୁମେ ଅଛ ବୋଲି ହତଭାଗ୍ୟ ମଧ
ରଖିପାରଇ ବିଶ୍ୱାସ । ।୨।

Digitized by srujanika@gmail.com

ତୋର ନିଜ ଲୋକ

ତୋର ନିଜ ଲୋକ ତୋତେ ପଗ୍ଚରିବେ ନାହିଁ
ତା' ପାଇଁ ଭାବିଲେ ଚଳିବନି
ଆଶାର କୁସୁମ ଝଡି ଯିବ ତୋର
କେବେ ହେଲେ ସେ ତ ଫୁଟିବନି । ।୦।

ରାସ୍ତାରେ ଆସିବ ଅନ୍ଧକାର ମାଡି
ତା' ବୋଲି କି ଯାତ୍ରା ଦେବୁ ବନ୍ଦ କରି
ବାରବାର କରି ଜାଳୁ ଥିବୁ ବତି
ହୁଏତ ସେ ବତି ଜଳିବନି
ତା ପାଇଁ ଭାବିଲେ ଚଳିବନି । ।୧।

ଶୁଣିବାକୁ ତୋର ଦୁଃଖର କାହାଣୀ
ଘେରି ଯିବେ ତୋତେ ବନ୍ୟ ଜନ୍ତୁ ପ୍ରାଣୀ
କିନ୍ତୁ ତୋ ନିଜର ଆପଣା ଲୋକର
ପାଷାଣ ହୃଦୟ ଟଳିବନି
ତା' ପାଇଁ ଭାବିଲେ ଚଳିବନି । ।୨।

ଦୁଆରଟି ବନ୍ଦ ଦେଖିଦେଲୁ ବୋଲି
ସେଇଠାରୁ ଫେରି ଆସିବୁ କି ଚ୍ଚଳି
ବାରବାର କରି ଠେଲୁ ଥିବୁ ତାକୁ
ହୁଏତ ଦୁଆର ହଲିବନି
ତା' ପାଇଁ ଭାବିଲେ ଚଳିବନ । ।୩

Digitized by srujanika@gmail.com

ଭଗବାନ ଯଦି ଖୋଜିବାକୁ ଯାଉ

ଭଗବାନ ଯଦି ଖୋଜିବାକୁ ଯାଉ
ଭାବୁଛୁ ମନ୍ଦିରେ ଥିବେ,
ପୁନିଅ ପରବେ ଯାନି ଜାତରାରେ
ସଦା ଲୋଡା ହେଉଥିବେ । ।୦।

ଆଉ କେହି ଭାବେ ଭଗବାନ ପରା
ତପସ୍ୟାରେ ମିଳିଥାନ୍ତି,
ପାଇଗଲେ ତା'ଙ୍କୁ ଶିଷ୍ୟଙ୍କ ଗହଣେ
ଜୀବନ ବିତାଇ ଥାନ୍ତି ।
ବୃଥା ସବୁ ଏହା ଏ ବାଟରେ ଜମା
ମିଳନ୍ତି ନାହିଁ ସେ କେବେ । ।୧।

ବାସ୍ତବରେ ପରା ଆମେ ସବୁ କଳି
ଫୁଟିବାରେ ଲାଗି ଅଛୁ
ତାଙ୍କୁ ପାଇଗଲେ ପୁରା ଫୁଟି ଯିବୁ
ସେଥିପାଇଁ ବଞ୍ଚି ଅଛୁ
ଫୁଟିବୁ କି ନାହିଁ ତା'ଙ୍କରି ଦାୟିତ୍ୱ
ଖୁସିରେ ତାହା ସେ ନେବେ । ।୨।

Digitized by srujanika@gmail.com

ତୁମେ ଯଦି ହୁଅ

ତୁମେ ଯଦି ହୁଅ ସାଗର ହେ ପ୍ରଭୁ
ଆମେ ସବୁ ଜଳ ଧାର,
ତୁମରି ଉର୍ମିରେ ନାଚୁ ଆନନ୍ଦରେ
ତୁମ ସାଥେ ଏକାକାର। ।୦।

ତୁମରି ଭିତରେ ଅସ୍ତିତ୍ୱ ଆମର
ଆମ ମଧ୍ୟେ ପୁଣି ତୁମେ,
ତୁମ ଠାରୁ କେବେ ହେବାକୁ ଅଲଗା
ସମ୍ଭବ ନୁହଁ ଏ ଧାମେ।
ତୁମ କଥା ଖାଲି ତୁମେ ହିଁ କହିବ
ବିଚକ୍ଷଣ କାରିଗର। ।୧।

କଣ୍ଠରେ ଆମର ଦେଇଅଛ ଶୋଷ
ତା' ପାଇଁ ଦେଇଛ ଜଳ
ଭୁଲି ଯାଇଥିଲେ ସୃଷ୍ଟିବାକୁ ଜଳ
ହୁଅନ୍ତା ସୃଷ୍ଟି ବିକଳ
ହିସାବରେ ତୁମେ କେତେଯେ ନିପୁଣ
ସବୁଥିରେ ଧୁରନ୍ଧର। ।୨।

Digitized by srujanika@gmail.com

ନୂତନ ଭାବନା ନୂତନ କଳ୍ପନା

ନୂତନ ଭାବନା ନୂତନ କଳ୍ପନା
ନୂତନ ଯୁଗର ବାର୍ତ୍ତା
ନୂଆ ମନ ନୂଆ ଉତ୍ସାହ ଆଗ୍ରହ
ନୂଆ ଜଗତର କଥା । ।୦।

ଯେତେ ଯେତେ କଳି ହୁଏ ମୁକୁଳିତ
ଶୃଙ୍ଖଳେ ପଡନ୍ତି ଝଡ଼ି
ନୂଆ ଦୁନିଆର ମୁକୁଳିତ କଳି
ରହିଥାଏ ସେହିଭଳି । ।୧।

ଝଡିବାର ନୁହେଁ ଏକଳି କେବେଁରେ
ଶୃଙ୍ଖବାର ନୁହେଁ ଫୁଲ
ନୂଆଁ ଦୁନିଆଁରେ ସବୁତ ସୁନ୍ଦର
ଆନନ୍ଦେ ସବୁ ବିଭୋର । ।୨।

Digitized by srujanika@gmail.com

ଶୀତ ଝାଡି ଦିଏ ସବୁଜ ପତର

ଶୀତ ଝାଡି ଦିଏ ସବୁଜ ପତର
ସବୁଜିମା ଦିଶେ ରୁକ୍ଷ
ଲାଗେ ବୋଧ ହୁଏ ହୋଇ ଗଲା ଶେଷ
ରହିବେନି କେଉଁ ବୃକ୍ଷ । ।୦।

ବସନ୍ତ ଆସିଲେ ଦେଖିନୁକି ଆମେ
କଅଁଳେ ସବୁଜ ପତର
ଲାଗଇ ସତେକି ଉଁଇଲା ସୁରୁଜ
ଦୂର ହେଲା ଅନ୍ଧକାର ।
ଲାଗୁଥିଲା ଯାହା ହେବ ନାହିଁ ବୋଲି
ଦେଲା ତାହା କେତେ ସୁଖ । ।୧।

ଆମେ ଯଦି ଭାବୁ ସବୁ କରିଦେବୁ
ହେବ ନାହିଁ କିଛି କେବେ
ତାଙ୍କଠାରେ ଯଦି କରୁ ସମର୍ପଣ
ସହଜେ ସେ କରି ଦେବେ
ସିଏ ପରା ନିଜେ ସାଧକ ସାଧନା
ତା'ଙ୍କ ଠାରେ ଲୟ ରଖ । ।୨।

Digitized by srujanika@gmail.com

ଯେତେ ଯେତେ ଥର ଆସିଛି ସଂସାରେ

ଯେତେ ଯେତେ ଥର ଆସିଛି ସଂସାରେ
ସବୁଥର ସେଇ କଥା
ତୁମ ପାଇଁ ମୋର ସବୁ ଆୟୋଜନ
ଆଉ ସବୁ ଯେତେ ଚିନ୍ତା । ।୦।

ତୁମେ ପରା ପାଶେ ଥାଅ ମୋର ସଙ୍ଗେ
ବିପଦେ ଆପଦେ ଅବା ସୁଖେ ଦୁଃଖେ ।
ତୁମ କରୁଣାରୁ ପାଏ ମୁଁ ପ୍ରେରଣା
ପାଏ ମୁଁ ଶାନ୍ତି ସମତା । ।୧।

ରାତ୍ରୀର ଅନ୍ଧାର ସୂର୍ଯ୍ୟର ବିଭୋର
ଆମ ପାଇଁ ସବୁ ତୁମ ଉପହାର
ତୁମେ ସଦା ଥାଅ ମୋର ସ୍ମୃତିପଟେ
ରହୁ ତୁମଠାରେ ଆସ୍ଥା । ।୨।

Digitized by srujanika@gmail.com

ଉତ୍ତମ ମନୋଭାବ

ଉତ୍ତମ ମନୋଭାବ

ଉତ୍ତମ ମନୋଭାବ ବିଶ୍ୱାସେ ଥାଏ
ବିଘ୍ନର ଧାରଣା ତର୍କେ ନ ଥାଏ। ।୦।

ଯେପରି ରାତ୍ରୀର ଅନ୍ଧକାର କରି ନାଶ
ପ୍ରଭାତର ସୂର୍ଯ୍ୟୋଦୟ ହୁଏ ପରା ପ୍ରକାଶ
ସେହିପରି ସଂସାରର ଭାଙ୍ଗି ସବୁ ରୁଦ୍ଧ ଦ୍ୱାର
ନୂଆ ଏକ ଜୀବନର ହେବ ନିଶ୍ଚେ ବିକାଶ।
ସେଇଭଳି ବିଶ୍ୱାସ ଉତ୍ତମ ମନୋଭାବ
କରିଦେବ ନୂତନ ଜଗତର ଜନମ। ।୧।

ଯେପରି ଶିଶୁଟିର କମନୀୟ ଆଚରଣ
ବୟସ୍କର ଦମ୍ଭଟିକୁ ଜିଣିପାରେ ଚିରଦିନ
ସେପରି ଅତୀତର ରହିବନି ଟାଣ ପଣ
ନମନୀୟ ଭବିଷ୍ୟତ ରହିଯିବ ଚିରଦିନ।
ସେଇଭଳି ବିଶ୍ୱାସ ଉତ୍ତମ ମନୋଭାବ
କରିଦେବ ନୂତନ ଜଗତର ଜନମ। ।୨।

Digitized by srujanika@gmail.com

ଭାଗ୍ୟରେଖା ଆମ

ଭାଗ୍ୟରେଖା ଆମ କପାଳରେ ନାହିଁ
କର୍ମଫଳେ ନାହିଁ ପାପୁଲିରେ ନାହିଁ। ।୦।

ହୃଦୟରେ ଯିଏ ବିଶାଳ ବିରାଟ
ବିଗ୍ଭରରେ ଯିଏ ଉଦାର ସ୍ପଷ୍ଟ
ଦୃଷ୍ଟି ଯାହାର ଦେଖଇ ସତ୍ୟ
ତାଙ୍କରି ନିକଟେ ଅଛି ରହି। ।୧।

ଆଳସ୍ୟ ପରାଏ କର୍ମ ନ କରି
ରହିଥିବା ଯଦି ଭାଗ୍ୟକୁ ଆଦରି
ସବୁ ସମ୍ଭାବନା ଯାଉଥିବ ଗ୍ଭଲି
ହତାଶାରେ ଥିବା ଘାରି ହୋଇ। ।୨।
ପୂର୍ବଦିଗେ ଦେଖ ଲୋହିତ କିରଣ
ଚମକାଇ ଆସେ ପ୍ରଭାତ ଅରୁଣ
ଆଉ କାହାପାଇଁ ବିଶୁଛ କରୁଣ
ଉଠି ଆସ ଚିନ୍ତା ଫିଙ୍ଗିଦେଇ। ।୩।

ଆଲୋକ ରାଇଜ ରହିଛି ପ୍ରସ୍ତୁତ
ଆମେ ସବୁ ପରା ସରଗର ଦୂତ
ନିର୍ଭୟ ହୋଇ ଗ୍ଭଲିବା ସତତ
ମା'ଙ୍କ ସୁରକ୍ଷା ତଳେ ଥାଇ। ।୪।

Digitized by srujanika@gmail.com

ମା' ସଦା ଆମ ପାଇ

ମା'............ମା'............ମା'
ମା' ସଦା ଆମ ପାଇଁ ଖୁସି ହେବେ
ଯଦି ଆମ ମନୋଭାବ ଯଥାର୍ଥ ରହିଥିବ। ।୦।

'ତୁମ ଇଚ୍ଛା ପୂର୍ଣ୍ଣହେଉ' ଅଭ୍ୟାସରେ କହୁଥାଉ
କହୁ କହୁ ଉଚିତ ମନୋଭାବ ଆଣିଥାଉ।
ପ୍ରବୃତିରେ ପ୍ରଭାବ ସବୁ ଭଲ କରିଦେବ
ଅତୀତରେ ଯାହାସବୁ ଅସମ୍ଭବ ଲାଗୁଥିବ। ।୧।

ମା' ଆମ ପାଶେ ପାଶେ ଅଛନ୍ତି ବୋଲି ସତେ
ଅନୁଭବ କରୁ ଆମେ ସାଧନାର ନୋଭାବେ।
ଥିଲେ ବି ମା ପାଶେ ପାଶେ ଲାଗୁ ଥିବେ ବହୁ ଦୂରେ
ରହିଥିବା ଯଦି ଆମେ ସାଧାରଣ ମନୋଭାବେ। ।୨।

Digitized by srujanika@gmail.com

ସଙ୍ଗଠକ ଯଦି ହେବା

ସଙ୍ଗଠକ ଯଦି ହେବା
ସଙ୍ଗଠନରେ ମାତିବା
ମନୋଭାବଟି ହେବ କିପରି
ଭଲକରି ଜାଣିବା । ।୦।

ନିରପେକ୍ଷ ସଦା ଆମେ ରହୁଥିବା
କାହାରି କଳହରେ ପଶୁ ନଥିବା
ଦିବ୍ୟ·ସତ୍ୟ ଶାନ୍ତି ଆନନ୍ଦ ସଙ୍ଗତି
ସାଥେ ରଖିଥିବା, ହୃଦୟେ ଥାପିବା ।୧।

ସଙ୍ଗଠନ ଉର୍ଦ୍ଧ୍ୱେ ଆମେ ଯାଉଥିବା
ଉଚ୍ଚତର ଚେତନାରେ ସଦା ରହୁଥିବା
ଭୁଲି ଅହଂ ସ୍ୱାର୍ଥ ହେବା ଶୁଦ୍ଧ ଯନ୍ତ୍ର
ଭବିଷ୍ୟର ସତ୍ୟ ପ୍ରତିଷ୍ଠା କରିବା । ।୨।

Digitized by srujanika@gmail.com

ଆମର ମନୋଭାବ

ଆମର ମନୋଭାବ
ଦିନେ ନିଶ୍ଚେ ଭଲ ହେବ
ଯଥାର୍ଥ ଚେତନାରେ
ଯଦି ରହି ହେଉ ଥିବ । ।୦।

ଯୋଗ୍ୟତା ନୁହେଁ ଜିଣିବାରେ
ବ୍ୟର୍ଥତା ନୁହେଁ ହାରିବାରେ
ଯୋଗ୍ୟତା ନୁହେଁ ସାଜିବାରେ
ବ୍ୟର୍ଥତା ନୁହେଁ ମଜ୍ଜିରେ
ଏଇ ଅଭ୍ୟାସଟି କରୁ କରୁ ଆମେ
ଭଲ ମନୋଭାବ ଆସିବ । ।୧।

ଯୋଗ୍ୟତା ହୁଏ ପ୍ରୟାସରେ
ବ୍ୟର୍ଥତା ହୁଏ ଆଳସ୍ୟରେ
ଯୋଗ୍ୟତା ହୁଏ ବିଶ୍ୱାସରେ
ବ୍ୟର୍ଥତା ହୁଏ ସଂଶୟରେ
ଏଇ ଅଭ୍ୟାସଟି କରୁ କରୁ ଆମେ
ଭଲ ମନୋଭାବ ଆସିବ । ।୨।

Digitized by srujanika@gmail.com

ନିରାଶାକୁ ଟିକେ ଦେଖ

ନିରାଶାକୁ ଟିକେ ଦେଖ-ଟିକେ ଚିହ୍ନ-ଟିକେ ଜାଣ
ମନ୍ଦ ମନୋଭାବ ପାଇଁ ଏହା ବଡ କାରଣ । ।୦।

ଅଦିବ୍ୟ ଶକ୍ତିର ଯନ୍ତ୍ର
ନିରାଶାଟି ମୂଳ ମନ୍ତ୍ର
ସବୁ ସମସ୍ୟାର ମୂଳ
କରେ ସେ ସଭିଙ୍କୁ ବ୍ୟସ୍ତ
ଭଗବାନଙ୍କର କାମ ବିରୁଦ୍ଧରେ
ନିରାଶାଟି ଦୃଢ଼ ଅସ୍ତ୍ର । ।୧।

ସତର୍କ ରହିଲେ ଆମେ
ନିରାଶାକୁ ଯିବା ଚିହ୍ନି
ଜଳିବାନି କେବେ ହେଲେ
ଜାଲୁ ସିଏ ଯେତେ ବହ୍ନି
ନିରାଶାହିଁ ନିଜେ ନିରାଶ ହୋଇବ
ଏକଥା ନିଶ୍ଚୟ ସତ୍ୟ । ।୨।

Digitized by srujanika@gmail.com

ଶିଶୁର ସରଳତାରେ

ଶିଶୁର ସରଳତାରେ
ଦିବ୍ୟ ଭାବ ରହିଥାଏ
ସେ ଭାବେ ରହିଥିଲେ
ସବୁ କିଛି ସହଜ ହୁଏ । ।୦।

କୋକିଳର ମଧୁରତାରେ
ସିଂହର ଗର୍ଜନରେ
ଝରଣାର ନିର୍ଝରଣରେ
ସାଗରର ବିଶାଳତାରେ
ଦିବ୍ୟ ଭାବଟି ନିଜସ୍ୱ ଧାରାରେ
ଫୁଲ ପରି ପରା ଫୁଟି ଥାଏ । ।୧।

ରାତ୍ରୀର ଅନ୍ଧକାରେ
ଦିବସର ଆଲୋକରେ
ଜ୍ଞାନୀର ଗାରିମାରେ
ଭକ୍ତର ମହିମାରେ
ଦିବ୍ୟଭାବଟି ନିଜସ୍ୱ ଧାରାରେ
ଫୁଲ ପରି ପରା ଫୁଟି ଥାଏ । ।୨।

Digitized by srujanika@gmail.com

ଅତୀତ ସହ ବାନ୍ଧି ନହୋଇ

ଅତୀତ ସହ ବାନ୍ଧି ନହୋଇ
ଯିବାକୁ ହେବ
ନୂତନ ପାଇଁ ବ୍ୟାକୁଳ ହୋଇ
ଯିବାକୁ ହେବ । ।୦।

ଭାରତ -ଆଧ୍ୟାତ୍ମ୍ -ଗାଥା
ପୁନରାବୃତିର ବନ୍ଦ ପୁସ୍ତକ
କେବେ ନୁହଁଇ
ନୂତନ ଫର୍ଦ୍ଦ ଅଛି ତହିଁ
ତାକୁ ପରା ଖୋଲିବାକୁ ହେବ । ।୧।

ଚେତନାର ନୂତନ ଫର୍ଦ୍ଦ
ଖୋଲି ଦେଲେ ପ୍ରଭୁ ଶ୍ରୀଅରବିନ୍ଦ
ଆମରି ପାଇଁ
ସେଇ ଅମର ଜଗତକୁ
ଆମକୁ ପରା ଯିବାକୁ ହେବ । ।୨।

Digitized by srujanika@gmail.com

ଆନନ୍ଦ

ସବୁରି ମୂଳରେ ରହିଛି ଆନନ୍ଦ

ସବୁରି ମୂଳରେ ରହିଛି ଆନନ୍ଦ
ଆନନ୍ଦ ହିଁ ଆମ ଜୀବନର ଛନ୍ଦ । ।୦।

ଆନନ୍ଦ ପାଇଁକି ହୋଇଅଛୁ ଜନ୍ମ
ଆନନ୍ଦ ପାଇଁକି ବଞ୍ଚୁଛୁ ଜୀବନ
ଆନନ୍ଦରେ ଥାଇ କରୁଅଛୁ କର୍ମ
ଆନନ୍ଦ ହିଁ ଆମ ଜୀବନର ମମ । ।୧।

ସବୁ ରହସ୍ୟର ମୂଳରେ ଆନନ୍ଦ
ଚାଖିବାକୁ ହେବ ଆନନ୍ଦର ସ୍ୱାଦ
ଖୋଜିଚାଲ ସଦା ବିଶୁଦ୍ଧ ଆନନ୍ଦ
ସେହି ନିଜେ ପରା ସଚ୍ଚିଦାନନ୍ଦ । ।୨।

Digitized by srujanika@gmail.com

ଯଦି ଆମେ ସବୁ ମା'ଙ୍କ ସନ୍ତାନ

ଯଦି ଆମେ ସବୁ ମା'ଙ୍କ ସନ୍ତାନ
ତୁମେ ଆମେ ପୁଣି କିଏ
ତାଙ୍କ ସନ୍ତାନର ଗଉରବ ପାଇଛୁ
ଜଗତରେ, ଥିବା ଯାଏ । ।୦।

ତୁମେ ସବୁ ଯିଏ ଆମେ ବି ତ ସିଏ
ଜଗତରେ ଆଉ ଯେତେ ସବୁ ସିଏ,
ସେଥିରେ ପୁଣିକି ଅଛି ଅହଂକାର
ସଦାବେଳେ ଆମେ ତୁମେ କରେ କିଏ । ।୧।

ସତରେ ସରବେ ମାଆଙ୍କ ସନ୍ତାନ
ଆମେ ସବୁ ଦିଶୁ ବାହାରକୁ ଯାହ,
ଥରେ ଯଦି ତାହା କରୁ ଅନୁଭବ
ସତରେ ସେ ହେବେ ଆମ ପାଇଁ ସାହା । ।୨।

Digitized by srujanika@gmail.com

ଭାବିବାନି କେବେ ଆମେ ଏକୁଟିଆ ବୋଲି

ଭାବିବାନି କେବେ ଆମେ ଏକୁଟିଆ ବୋଲି
ନଥାନ୍ତୁ ସାଙ୍ଗରେ କେହି ଯିବା ପାଇଁ ଚାଲି।
କହିବାକୁ, ପଦେ ଆହା ହେବା ପାଇଁ ଆମ ସାହା
ଖୋଜିବାନି ଅଛି କାହିଁ ଦେବ କିଏ ରାହା। ।୦।

ଭୁଲିବାନି କେବେ ଥରେ ରହିଛନ୍ତି ପରା
ଆମ ପ୍ରଭୁ ଆମ ସାଥେ ରାତି ଦିନ ସାରା।
କେବଳ ନାହାନ୍ତି ରହି ସାହାଯ୍ୟ କରନ୍ତି
ବିପଦ ଆପଦ ବେଳେ ଭରସା ଦିଅନ୍ତି। ।୧।

ପଥ ହୁଡ଼ି ଗଲେ ବାରେ ଦିଅନ୍ତି ବତାଇ
ସଙ୍ଗେରହି ଆମ ବାଟ ନିଅନ୍ତି କଢ଼ାଇ।
ସେହି ପରା ସବୁକିଛି ତାଙ୍କରି ଚରଣ
ଧନ୍ୟ ହେବ ଏ ଜୀବନ ପଶିଲେ ଶରଣ। ।୨।

Digitized by srujanika@gmail.com

ଆମ ମନରେ ଶକ୍ତି ଦିଅ ମା'

ଆମ ମନରେ ଶକ୍ତି ଦିଅ ମା'
ବିଶ୍ୱାସ ଭରି ରହିଥାଉ
ଆମ ପଥ ଶୁଦ୍ଧ କରିଦିଅ
ଭୁଲରେ ବି ଭୁଲ ନ ହେଉ । ।୦।

ଅଜ୍ଞାନ ଦୂରେ ରହିଥାଉ
ଜ୍ଞାନର ରୋଷଣୀ ଜଳାଅ
ଅନ୍ଧାର ସହ ଯୁଦ୍ଧ କରି
ନୂତନ ଆଲୋକ ଦେଖାଅ ।
ଶତ୍ରୁ ହେବେ ନାହିଁ ପରସ୍ପର
ସଙ୍ଗତିରେ ଦିନ ବିତିଯାଉ । ।୧।

ଭାବିବାନି କଅଣ ପାଇଛୁ
ଭାବୁଥିବା ଦେଇଛୁ କଅଣ
ଫୁଲ ବାଣ୍ଟେ ଖୁସୀ ସଭିଙ୍କୁ
ମଧୁମୟ ହୁଅଇ ଜୀବନ
ତୁମ କରୁଣାର ଜଳ ସିଞ୍ଚ ମା'
ସବୁ ଜୀବନ ପବିତ୍ର ହେଉ । ।୨।

Digitized by srujanika@gmail.com

ଅରୁଣ ଧାରା ଝରିଲାରେ

ଅରୁଣ ଧାରା ଝରିଲାରେ
ଚେତନା ରବି ଉଇଁଲା ଉଇଁଲା ଉଇଁଲା । ।୦।

ମନ ଖୋଜେ ଦିବ୍ୟଜ୍ଞାନ
ଦିବ୍ୟ ଶକ୍ତି ଖୋଜେ ପ୍ରାଣ
ସୌନ୍ଦର୍ଯ୍ୟ ଜଡେ ଭରିଲା ଭରିଲା ଭରିଲା । ।୧।

ଚଉଦିଗ ଆଲୋକିତ
ଅନ୍ତରରେ ସମର୍ପିତ
ହୃଦୟେ କିଏ ରହିଲା ରହିଲା ରହିଲା । ।୨।

ଝରେ ତାଙ୍କ କୃପାବାରି
ଧୀରେ ଚଳେ ଆମ ତରୀ
ଅନ୍ତର ତାଙ୍କୁ ଖୋଜିଲା ଚିହ୍ନିଲା ପାଇଲା । ।୩।

Digitized by srujanika@gmail.com

ସାଗର ତଳର ଗଭୀରତା କେତେ

ସାଗର ତଳର ଗଭୀରତା କେତେ
ମାପି କି ପାରଇ କେହି
ଗଗନ କେତେ ଯେ ବ୍ୟାପକ କିଏ ବା
ପାରିବ ସେ କଥା କହି । ।୦।

ଅସୀମତା ଯାର ଚିର ସହଚର
ସସୀମ କାହିଁ ସେ ହେବ
ସବୁ ମଧ୍ୟେ ଥାଇ ଅସୀମ ହେବାକୁ
ମନ ତା'ର ବଳୁ ଥିବ । ।୧।
ଅଳପରେ ଆମେ ରହୁଥିବା ଯଦି
ସ୍ୱଚ୍ଛ ହେବ ଆମ ଚିନ୍ତା
ଅଳ୍ପରୁ ବାହାରି ବିଶାଳକୁ ଗ୍ୱହଁ
ସେଇ ଆମ ଶେଷ କଥା । ।୨।

ଯାହା ଦେଖୁ ତାହା ନୁହେଁ ସବୁ କିଛି
ଆହୁରି ଅନେକ ଅଛି
ଅଧିକ ପାଇଁକି ଗ୍ୱହୁଁଥାଅ ଯଦି
ଯିବା ଗ୍ୱଲ ତାକୁ ଖୋଜି । ।୩।

Digitized by srujanika@gmail.com

ତୁମେ ଯଦି ଅଛ ସବୁ ଅଛି ମୋର

ତୁମେ ଯଦି ଅଛ ସବୁ ଅଛି ମୋର
ତୁମେ ନାହିଁ କିଛି ନାହିଁ
ଯୁଆଡେ ଚାହୁଁଛି ଦେଖୁଛି ତୁମକୁ
ତୁମ ଆଖି ଅଛି ଚାହିଁ । ।୦।

ନିର୍ମଳ ଆକାଶେ ଭରା ବାଦଲରେ
ମେଘ ଛାଇ ସଙ୍ଗେ ମିଶି
ତୁମ ପ୍ରତିରୂପ ଲାଗେ ସବୁ କିଛି
ଚାରିଦିଗେ ଦିବାନିଶି ।
ତୁମରି ଶବଦ ଗୁଞ୍ଜରିତ ହୁଏ
କାନେ କାନେ ଯାଏ କହି । ।୧।

ଥରେ ଥରେ କେବେ ଭୁଲିଯାଇ ନିଜେ
ଯାଏ କାହିଁ ଦୂରେ ହଜି
ଭାବିଲା ବେଳକୁ ତୁମକୁ ମୋ ପାଶେ
ପାଏ ନାହିଁ ଆଉ ଖୋଜି ।
ତୁମେ କିନ୍ତୁ ସଦା ଥାଅ ପାଶେ ପଶେ
ମୋ ଅନ୍ତରେ ଅଛ ରହି । ।୨।

Digitized by srujanika@gmail.com

ଚାଲ ଯିବା ଆମେ ଆଜି ସେ ଆକାଶ ତଳେ

ଚାଲ ଯିବା ଆମେ ଆଜି ସେହି ଆକାଶ ତଳେ
ଯହିଁ କେବଳ ପ୍ରେମର ଦୀପାଳି ଜଳେ
ଯହିଁ ଦୁଃଖ ନାହିଁ ଅବା ଶୋକ ନାହିଁ
ସରଳତା ଯହିଁ ନିଜ ଆଲୋକ ଢ଼ାଳେ । ।୦।

ଯହିଁ ସୂରୁଜର ପ୍ରଥମ କିରଣ
ଆଶାର ସନ୍ଦେଶ ବୁଣି ଦିଏ
ଚନ୍ଦ୍ରର କିରଣ ଧୀରେ ଧୀରେ
ଯହିଁ ଘନ ଅନ୍ଧାର ତଡି ଦିଏ ।
କେବେ ଖରା କେବେ ପୁଣି ଛାଇ
ଖେଳିଯାଏ ଯହିଁ ଆମରି ମେଳେ ।
ଚାଲ ଯିବା ଆମେ ଆଜି ସେହି ଆକାଶ ତଳେ
ଯହିଁ କେବଳ ପ୍ରେମର ଦୀପାଳି ଜଳେ । ।୧।

ଯହିଁ ଦୂରକୁ ଦୃଷ୍ଟି ଦେଲେ
ଗଗନ ନିଜର ବିସ୍ତାର ଦିଏ
ରଙ୍ଗ ବେରଙ୍ଗର ପକ୍ଷୀ ଯହିଁ
ନିଜ କାକଳୀରେ ଆଶା ଜଗାଏ ।
ଯହିଁ ସଞ୍ଜ ଆସେ ଦିନ ଯାଏ
ଯହିଁ ବିଶ୍ୱାସ ଭରସା ହୃଦୟେ ମିଳେ ।
ଚାଲ ଯିବା ଆମେ ଆଜି ସେହି ଆକାଶ ତଳେ
ଯହିଁ କେବଳ ପ୍ରେମର ଦୀପାଳି ଜଳେ । ।୨।

Digitized by srujanika@gmail.com

ଦିବ୍ୟସ୍ୱରୂପ

ବନ ଉପବନ

ବନ ଉପବନ ସାଗର ସରିତ
ପର୍ବତ କନ୍ଦରରେ ହୁଅଇ ଝଙ୍କୃତ । ।୦।

ଝରି ପଡେ କେତେ ଯେ ଆଲୋକ
ଅନୁଭବ କରୁ ପୁଲକ
ଉଚ୍ଛୁଳି ଉଠଇ ସଂସାର
ପୁଲକେ ସଭିଏଁ ବିଭୋର ।
ତୁମରି ପାଇଁକି ଫୁଟୁଅଛି ଫୁଲ
ତୁମରି ପାଇଁହିଁ ଦିଶଇ କଲ୍ଲୋଳ
ତୁମରି ପାଇଁକି ଝରଣାର ନୀର
ତୁମରି ପାଇଁହିଁ ବହେ କଳକଳ । ।୧।

ଯଦି ଆମେ କରୁ ପ୍ରାର୍ଥନା
କେବଳ ତୁମରି କରୁଣା
ଯଦି ଆମେ ଅଛୁ ଜୀବନେ
ତୁମରି ସେବାହିଁ କାମନା ।
ତୁମରି ପାଇଁକି ଜୀବନ ଆମର
ତୁମରି ପାଇଁହିଁ ଅଛି ତା'ର ମୂଲ୍ୟ
ତୁମରି ପାଇଁକି କରୁଛୁ କରମ
ତୁମରି ପାଇଁହିଁ ସାଧନା ଚରମ । ।୨।

Digitized by srujanika@gmail.com

ନୀଳ ସାଗରର

ନୀଳ ସାଗରର ଛାତିଠୁ ଗଭୀର,
ମହାକାଶଠାରୁ ଅଧିକ ବିଶାଳ। ।୦।

ଲୋଡା ନାହିଁ ସ୍ଥାନ ରହିବାକୁ ତାରେ
ରହିଥାଏ ସିଏ ଆମରି ଅନ୍ତରେ। ।୧।

ଆମରି ମନରେ, ଆମରି ପ୍ରାଣରେ
ପ୍ରତିକୋଷ ଆଉ ପ୍ରତି କୋଷାଣୁରେ। ।୨।

ସବୁଠାରେ ଥାଇ, ସବୁରି ଭିତରେ,
ପ୍ରକାଶଇ ପୁଣି କେତେ ପ୍ରକାରରେ। ।୩।

Digitized by srujanika@gmail.com

ଶୁଭ୍ର ସକାଳ

ଶୁଭ୍ର ସକାଳ ଶୁଭ୍ରତା ଦିଏ
ଶୁଭ୍ରକରେ ମାନସ
ଶୁଭ୍ର ସଙ୍କଳ୍ପ ଶୁଭ୍ର କରଇ
ଶୁଭ୍ର ହୁଏ ପ୍ରକାଶ । ।୦।

ଦିବ୍ୟ ପ୍ରେରଣା ଦିବ୍ୟ କଳ୍ପନା
ଦିବ୍ୟଭାବେ ପ୍ରଶାନ୍ତ
ଦିବ୍ୟ ଆନନ୍ଦ ଦିବ୍ୟ ମୁହୂର୍ତ୍ତ
ଦିବ୍ୟ ପ୍ରେମେ ସଂଯୁକ୍ତ ।
ସତ୍ୟ ପଥରେ ସତ୍ୟ ଆଶ୍ରୟୀ
ସତ୍ୟାଗ୍ରହୀ ପଥିକ
ସତ୍ୟ ଆକାଂକ୍ଷା ସତ୍ୟ ପ୍ରତୀକ୍ଷା
ସତ୍ୟାଧାରୀ ସାଧକ । ।୧।

ସ୍ୱଚ୍ଛ ସ୍ୱଭାବ ସ୍ୱଚ୍ଛ ପ୍ରଭାବ
ସ୍ୱଚ୍ଛ ଚିନ୍ତା ଧାରଣା
ସ୍ୱଚ୍ଛ ଶରୀର ସ୍ୱଚ୍ଛ ଜୀବନ
ସ୍ୱଚ୍ଛ ରହୁ ପ୍ରାର୍ଥନା ।
ଧନ୍ୟ ସମାଜ ଧନ୍ୟ ଜଗତ
ଧନ୍ୟ ବିଶ୍ୱ ମଣ୍ଡଳ
ଧନ୍ୟ ହୋଇବୁ ଧନ୍ୟ ହୋଇବୁ
ଧନ୍ୟ ଆମ ସଂସାର । ।୨ ।

Digitized by srujanika@gmail.com

ଦିବ୍ୟ ଜନନୀ କୃପା ଦାୟିନୀ

ଦିବ୍ୟ ଜନନୀ କୃପା ଦାୟିନୀ
ଦିବ୍ୟ ଜୀବନର ଫଳ ଦାୟିନୀ
ଆନନ୍ଦର ନିର୍ଝରିଣୀ ଶାନ୍ତି ପ୍ରଦାୟିନୀ ମା'.......
ଦିବ୍ୟ ଜନନୀ। ।୦।

ସଂସାର ତୁମ ପଦେ ହୋଇଛି ନତ
ତୁମରି ଇଙ୍ଗିତରେ ଆତ ଯାତ
ଝରଝର ସ୍ୱର ହୁଏ ଝଂକୃତ
ସତେ ଅବା ତୁମର ମଧୁ ସଙ୍ଗୀତ
ଦିବ୍ୟ ଜନନୀ। ।୧।

ମା' ତୁମର ଚରଣ ଅତି କୋମଳ
ସୁଶୋଭିତ ମଧୁର
ମା' ତୁମର ବେନି କର ପ୍ରସାରି
ମା' କୋଳରେ ନେଇଛ ଏଇ ସଂସାର
ଦିବ୍ୟ ଜନନୀ। ।୨।

Digitized by srujanika@gmail.com

ଘରଘର ଘୋଷେ ବିଜୟ ରଥ
ଚାଲିଛି ଆଗେଇ ଆଗକୁ
ଭେଟିବା ପାଇଁ ନୂତନ ସୂର୍ଯ୍ୟ
ଆହ୍ୱାନ ଦିଏ ଆମକୁ
ଅପରୂପ ନବ ରସମୟ ଜୀବନ
ତୁମ ଚରଣେ
ତୁମରି ପ୍ରେରଣା ଆଣେ ଉନ୍ମାଦନା
ଆମ ହୃଦୟେ ।
ନିଅ, କୋଳେ ନିଅ ମା' ଜନନୀ
ପ୍ରେମ ଦାୟିନୀ, ଜନନୀ ମା' ଜନନୀ
ଧୀରେ ଧୀରେ ହସିଉଠୁ ଏ ଧରଣୀ
ମା' ତୁମ ଚରଣେ,
ଚରଣେ ମା' ତୁମ ଚରଣେ ।

Digitized by srujanika@gmail.com

ଦିବ୍ୟ ସ୍ୱରୂପ ଛାଡି

ଦିବ୍ୟ ସ୍ୱରୂପ ଛାଡି କରୁଣା ବଶ ହୋଇ
ଆସିଛ ପରା ତୁମେ ଧରାରେ ଅବତରି
ଆମରି ଶରୀରରେ ଅଜ୍ଞାନତାକୁ ବରି
ଜନ୍ମ ଆଉ ମୃତ୍ୟୁର ରହସ୍ୟ ଭେଦ କରି ।   ।୦।

କର୍ଦ୍ଦମ କଳୁଷର ଗଭୀରତା ଦେଇ
ଖୋଳି ଚାଲୁଅଛ ତୁମେ କେତେ କାଳ ନେଇ
ଆମ ସାଥେ ସାଥେ ରହି ନେଉଛ ଆମକୁ
କେତେଯେ ବେଦନା ସହି ଗଢୁଛ ଧରାକୁ ।   ।୧।

ଶାଶ୍ୱତ ବହ୍ନିର ନିବାସ ଭୂମିକୁ
ସୁବର୍ଣ୍ଣ ନଦୀର ସଙ୍ଗୀତ ଧାରାକୁ
ଅବତାରି ଆଣୁଅଛ ଏଇ ଜଗତରେ
ଅମର ଆନନ୍ଦ ପୁଣି ଆମରି ଭିତରେ ।   ।୨।

Digitized by srujanika@gmail.com

ତୁମରି ପ୍ରେମରୁ

ତୁମରି ପ୍ରେମରୁ ତୁମରି କୃପାରୁ
ତୁମରି ଆଶିଷରୁ ତୁମରି କରୁଣାରୁ।
ବଞ୍ଚିତ ହେବିନି କେବେବି ହେବିନି
ମା' ତୁମରି କର୍ମରୁ। ।୦।

ଏଭଳି ସଉଭାଗ୍ୟ କିପରି ହେଲା ସତେ
ଆଖି ଖୋଲିଲି ଯେବେ ତୁମେ ଦିଶିଲ ମୋତେ
ଚାଲିଲି ଯେତେବେଳେ ପଡିଗଲିତ ତଳେ
ଉଠାଇ ନେଲ ମୋତେ ତୁମରି ଦିବ୍ୟ ହାତେ। ।୧।

ଯାହା ମୋ ଆବଶ୍ୟକ ଜାଣିଲ ବା କିପରି
ମାଗିବା ଆଗରୁ ତ ଦେଉଅଛଟି ଢାଳି
ଜନମ ଜନମରେ ରହିବି ମୁଁ କୃତଜ୍ଞ
ଜନମିବି ପୁଣି ମୁଁ ହୋଇ ଶିଶୁ ତୁମରି। ।୨।

Digitized by srujanika@gmail.com

କରୁଣା କରି ଆଣିଅଛ

କରୁଣା କରି ଆଣିଅଛ
ଆମକୁ ଏଇ ସଂସାରେ
ଜୀବନ ସାରା ଲାଗିଅଛୁ
ମା' ତୁମରି କର୍ମରେ । ।୦।

ପଦେ ପଦେ ବିପଦକେତେ ପୁଣି ସଙ୍କଟ
କରୁଅଛୁ ସାକ୍ଷାତ ଦେଖୁଅଛୁ ଜଗତ
ଅଜ୍ଞାନର ସଂଗ୍ରାମ ଶେଷଯାଏ ଲଢ଼ିବୁ
ବିଜୟ ତ ନିଶ୍ଚୟ ଏଜୀବନେ ସାଧିବୁ
ଭାବିଥିଲୁ ଯାହା ହେବନ
ଦେଖାଇଦେବୁ ଏ ଜଗତକୁ
ସଦା ତୁମରି କର୍ମରେ । ।୧।

ନୂଆ ଏକ ଦୁନିଆ କରୁଣାର ଦରିଆ
ରଖିଅଛ ତୁମେ ତ ଆମ ପାଇଁ ସାଇତି
ଅନ୍ଧକାର ଭେଟିବୁ ତୁମ ପାଇଁ ଲଢ଼ିବୁ
ନୂଆ ଏକ ଆଲୋକନିଶ୍ଚେ ହେବ ପ୍ରକାଶ
ଅଜ୍ଞାନତାର ଯନ୍ତ୍ରଣା
ଅହଂକାରର ଛଳନା
ବଦଳାଇବୁ ମହକାଇବୁ ସଦା ତୁମରି କର୍ମରେ । ।୨।

Digitized by srujanika@gmail.com

ଶତ ଦଳ କମଳେ

ଶତ ଦଳ କମଳେ ହୋଇ ଆସୀନ
ରଖିଅଛ ଦୃଷ୍ଟି ଉର୍ଦ୍ଧ୍ୱେ ନୟନ
ବାହୁଦୁଇ ପ୍ରସାରି କର ଆଲିଙ୍ଗନ, ବିଶ୍ୱାଙ୍ଗନ
ଓଁ ଆନନ୍ଦମୟୀ, ଚୈତନ୍ୟମୟୀ
ସତ୍ୟମୟୀ, ପରମେ
ମା'........। ।୦।

ମାହେଶ୍ୱରୀ ମହାକାଳୀ
ମହାଲକ୍ଷ୍ମୀ ମହାସରସ୍ୱତୀ
ଦିବ୍ୟ ଜନନୀ ପରମେ
ଉର୍ଦ୍ଧ୍ୱେ ଆସିନ ବିଶ୍ୱାତୀତା
ସର୍ବବ୍ୟାପି ବିଶ୍ୱଗତା
ହୃଦ ମନ୍ଦିରେ ବ୍ୟଷ୍ଟିରୂପା
ଦିବ୍ୟ ଜନନୀ ପରମେ। ।୧।

ମାହେଶ୍ୱରୀ ମହାକାଳୀ
ମହାଲକ୍ଷ୍ମୀ ମହାସରସ୍ୱତୀ
ଜ୍ଞାନମୟୀ ଶକ୍ତିମୟୀ
ଛନ୍ଦମୟୀ କର୍ମମୟୀ
ପ୍ରେମମୟୀ ଆନନ୍ଦମୟୀ
ଦିବ୍ୟ ଜନନୀ ପରମେ। ।୨।

Digitized by srujanika@gmail.com

ଆଶିଷ

ଗଗନ ପବନ ଆଜି

ଗଗନ ପବନ ଆଜି ଆଶିଷରେ ଭରା
ସବୁରି ମୁଖରେ ଦେଖ ଆନନ୍ଦ ପସରା
ତୁମ କୃପା ପାଇ ଆମେ ହେଉ ଆତ୍ମହରା । ।୦।

ପୁରାତନ ଯେତେ ସବୁ ଲାଗଇ ନୂତନ
ନବଚେତନାରେ ଆଜି ପୁଲକିତ ମନ
ହତାଶା ବିଷାଦ ଦେଖ ଯାଏ ଚାଲି ଦୂରେ
ବିଶ୍ୱାସ ଭରସା କେତେ ଭରଇ ଅନ୍ତରେ
ଯେଉଁ ଦିଗେ ଚାହେଁ ଝରେ ଆଲୋକର ଧାରା
ବିଲବଣ ସବୁଜିମା ଏ ସଂସାର ସାରା । ।୧।

ଚୈତ୍ୟପୁରୁଷର ଦେଖ ହୁଅଇ ପ୍ରକାଶ
କେତେ ଯୁଗୁଁ ଥିଲା ଯାହା ପାଇଁ ଅବଶୋଷ
ତାହାରି ପରଶେ ସବୁ ଯାଉଛି ବଦଳି
ନମ୍ରଲାଗେ ଯାହା ଥିଲା ପ୍ରସ୍ତର ପରି
ଦିବ୍ୟ ଚେତନାରେ ସତେ ଭରିଯାଏ ଧରା
କେତେ ପୁଣ୍ୟ ଫଳେ ପାଉ ଅନୁଭବ ପରା । ।୨।

Digitized by srujanika@gmail.com

ଚାଲିବା ପାଇଁକି

ଚାଲିବା ପାଇଁକି ବାହାରି ଆସିଛି
ପଥ ଜଣାନାହିଁ ତଥାପି ଚାଲିଛି
କିଏ ଦେଖାଇବ ପଥ ସତେ ମୋତେ
କିଏ ହେବ ମୋର ସାହା
ସେତ ସ୍ନେହମୟୀ ଆମ ମାଆ । ।୦।

ହେଉ ପଛେ ପଥ ଯେତେ ଦୁରୁଗମ
ସମୟ ହେଉ ବା ଦୁରୂହ ବିଷମ
କାହା ମଧୁବାଣୀ କର୍ଣ୍ଣେ ମୋର ଶୁଣି
କିଏ ହୁଏ ପାଖେ ଠିଆ
ସେତ ପ୍ରେମମୟୀ ଆମ ମାଆ । ।୧।

ହାତ ଯା'ର କେବେ ହୁଏନି ଅବଶ
ଦେବାପାଇଁ ସାରା ସଂସାରେ ଆଶିଷ
ଯା' ହୃଦୟେ ବିଶ୍ୱ ପାଇଛି ଆଶ୍ରୟ
କେ କହିବ ମୋତେ ଆହା
ସେତ ଆନନ୍ଦମୟୀ ଆମ ମାଆ । ।୨।

Digitized by srujanika@gmail.com

ଝରା ବାଦଲେ ଭିଜୁନ୍ତୁ

ଝରା ବାଦଲେ ଭିଜୁନ୍ତୁ
ଧୀର ସମିରେ ଭାସୁନ୍ତୁ
ତୁମ ପଣତେ ହସୁନ୍ତୁ । ।୦।

ଯେବେ ଗଗନେ ତପନ ଉଏଁ
ଆମ ଜୀବନେ ପୁଲକ ଛୁଏଁ
ତୁମ ବାଣୀକୁ ହୃଦୟେ ଧରି
ତୁମ ଆଶିଷ ପାଥେୟ କରି
ଚାଲୁ ଅଛୁ ଆମେ ଚାଲୁ ଅଛୁ । ।୧।

ଯିବୁ ଆଗକୁ ସମ୍ମୁଖ ଦିଗେ
ସବୁ ଅତୀତ ରହିବେ ପଛେ
ଦିଶେ ଭବିଷ୍ୟ ଉଜ୍ଜ୍ୱଳ କେତେ
ଶୁଭେ ଅନ୍ତରୁ ଉତ୍ତର ସତେ
ଶୁଣୁଅଛୁ ଆମେ ଶୁଣୁ ଅଛୁ । ।୨।

Digitized by srujanika@gmail.com

ଜନନୀ, ତୁମ ଛବି ଯିଏ

ଜନନୀ... ଜନନୀ...
ତୁମ ଛବି ଯିଏ ଦେଖୁଅଛି
ତୁମ ବାଣୀ ଯିଏ ଶୁଣୁ ଅଛି
ତୁମ ନାମ ଯିଏ ଜପୁଅଛି
ତୁମ ପ୍ରେମେ ସିଏ ପଡି ଯାଇଛି
ଜନନୀ... ଜନନୀ... ।୦।

ଜୀବନର ଯିଏ ଦିଏ ମୂଲ୍ୟ
ସମୟର ଜାଣେ ବ୍ୟବହାର
ତୁମ କାମ ଯେତେ ପ୍ରକାରର
କରୁଥାଏ ସିଏ ବାରମ୍ବାର
ଜନନୀ... ଜନନୀ...। ।୧।

ସଂସାରକୁ ଯିଏ ଭଲପାଏ
ଅତୀତକୁ ଯିଏ ଭୁଲିଯାଏ
ଭବିଷ୍ୟକୁ ଯିଏ ଗଢ଼ିଁଥାଏ
ତୁମରି ପାଇଁ ସେ ବଞ୍ଚିଥାଏ
ଜନନୀ... ଜନନୀ...।୨।

Digitized by srujanika@gmail.com

ତୁମରି କୃପା କେତେ ବିଶାଳ

ତୁମରି କୃପା କେତେ ବିଶାଳ
ଭରିଛି ପରା ସାରା ସଂସାର । ।୦।

ବନ ପର୍ବତେ ପକ୍ଷୀ କାକଳୀ
ଶୁଣାଏ ତୁମ ବାଣୀ
ଧନ୍ୟ ହୋଇଛି ଆମ ଜୀବନ
କର୍ଣ୍ଣେ ତାହାକୁ ଶୁଣି । ।୧।

ନିଜ ସାଧନାରେ କେତେ ସହଜରେ
ତୁମକୁ ପାରି ଜାଣୁ
ସରଳତାରେ ଭରା ଅନ୍ତରେ
ଆମକୁ ନିଅ ଜିଣି । ।୨।

Digitized by srujanika@gmail.com

ପ୍ରଭୁଙ୍କୁ ପାଇଛୁ

ପ୍ରଭୁଙ୍କୁ ପାଇଛୁ ମା'ଙ୍କୁ ଜାଣିଛୁ
ଆଉ ପୁଣି କ'ଣ ଖୋଜୁଅଛୁ ତୁଯେ
ମନ କିବା ଉଣା କରୁଅଛୁ। ।୦।

ଏଇ ସଂସାରରେ ସବୁଠାରୁ ବେଶୀ
ମୂଲ୍ୟବାନ ପରା ଯଦି କିଛି ଅଛି
ତାଙ୍କ କୃପା ବଳେ ଏଇ ଜୀବନରେ
ସେ ସବୁ ତୁ ପାଇ ସାରି ଅଛୁ ତୁଯେ
ମନ କିବା ଉଣା କରୁଅଛୁ। ।୧।

ଜାଣୁ ବା ନ ଜାଣୁ ନେଇଛନ୍ତି କୋଳେ
କେତେ ଆନନ୍ଦରେ ଅଛୁ ଅବହେଳେ
ସେ ଆଶିଷ ତୋର ମଥାପରେ ଥାଇ
କାହାକୁ ତୁ ଆଉ ଡରୁଅଛୁ ତୁଯେ
ମନ କିବା ଉଣା କରୁଅଛୁ। ।୨।

Digitized by srujanika@gmail.com

ଯଦି ତୁମେ ମୋର ଅନ୍ତରରେ ଅଛ

ଯଦି ତୁମେ ମୋର ଅନ୍ତରରେ ଅଛ
ପାରୁନାହିଁ ମୁହିଁ ଦେଖି
ଦେଖେ ବା ନଦେଖେ ଅଛ ବୋଲି ଖାଲି
ସେଇଥିରେ ମୁହିଁ ସୁଖୀ । ।୦।

କିଏ କେବେ ସତେ ଦେଖିଥିଲେ ବୋଲି
ମୋତେ ଦେଖିବାକୁ ହେବ
ସେମାନେ କେଉଁଠି ମୁଁ ବା କେଉଁଠି
ସମାନ କିଏ କରିବ
ଅନୁଭବ କରେ ତୁମ ହସ୍ତ ମୋର
ମଥାପରେ ଅଛ ରଖି । ।୧।

ଶରୀର ଦେଇଛ ଶକତି ଦେଇଛ
ଦେଇଛ ମଥାରେ ଜ୍ଞାନ
ମୋ ବକ୍ଷରେ ସଦା ସ୍ଥାନ ପାଉଅଛି
ତୁମର ଦୁଇ ଚରଣ ।
ମୋ ଯାତ୍ରା ପଥରେ ସାଥୀ ହୋଇଅଛ
ସବୁ କଥାରେ ମୋ ସାକ୍ଷୀ । ।୨।

Digitized by srujanika@gmail.com

ସଞ୍ଜ ଆସିଲେ

ସଞ୍ଜ ଆସିଲେ ଗୋଧୂଳିରେ ତୁମେ
ଧୀରେ ଆସ ଘରେ ମୋର
ପ୍ରଦୀପ ହୋଇ ମୋ ତୁଳସୀ ମୂଳରେ
ଘର ଆଲୋକିତ କର ମା... । ।୦।

ଗଭୀର ରାତ୍ରୀର ଅନ୍ଧକାର ମଧ୍ୟେ
ଅଚେତନା ରୂପେ ଥାଇ
ତାହାରି ଭିତରୁ ଉଠିବା ପାଇଁକି
ଉପାୟ ଦିଅ ବତାଇ । ।୧।

ପ୍ରତ୍ୟୁଷେ ଶାନ୍ତିର ଅବତରଣରେ
ହୁଅ ତୁମେ ପରିବ୍ୟାପ୍ତ
ଦିବସରେ ତୁମେ ରୌଦ୍ର ହୋଇ ପୁଣି
ଚେତନାକୁ କର ଦିପ୍ତ । ।୨।

Digitized by srujanika@gmail.com

ସବୁଜ ଧରଣୀ

ସବୁଜ ଧରଣୀ ସୁନିଳ ସାଗର

ସବୁଜ ଧରଣୀ ସୁନିଳ ସାଗର
ସବୁଜିମା ଭରା କେତେ ଯେ ସୁନ୍ଦର
ଆହୁରି ସୁନ୍ଦର ଜଳେ ନିଜ କଇଁ
ମା' ତୁମେ ମୋର ସବୁଠୁ ସୁନ୍ଦର । ।୦।

ନରମ ଗୋଲାପ ନମ୍ର ଦୂବ ଘାସ
ନମ୍ରତା ଆମର ଅଭ୍ୟାସେ ପ୍ରକାଶ
ତୋଫା ମଲ୍ଲିଫୁଲ କହେ ପବିତ୍ରତା
ମହକାଇଦିଏ ସୁବାସ ତାହାର । ।୧।

ବରଗଛ ଦମ୍ଭ ପଥରର ଖୁମ୍ବ
ପାଚି ସୁଆଦିଆ ମିଠା ମିଠା ଆମ୍ବ
ବେଲଗଛ କଣ୍ଟା ଫଳତା'ର ଅଠା
ଔଷଧରେ ଭରା ଫଳ କି ପତର । ।୨।

ଝଙ୍କାଳିଆଗଛ ଦିଅଇ ଆଶ୍ରୟ
ଆରତ ପ୍ରାଣୀର ଅଟେ ବରାଭୟ
ଆମରି ପାଇଁକି ଆଶୀର୍ବାଦ ଥାଇ
ରହିଛି ଆଶ୍ରୟ ପଣତ ତୁମର । ।୩।

Digitized by srujanika@gmail.com

ବରଗଛ ଛାଇ

ବରଗଛ ଛାଇ ଆମେ ସବୁ ଭାଇ
ଖେଳୁଁ ଖେଳ ପଢୁଁ ପାଠ କଳିଗୋଳ ନାହିଁ।
କାକିଗାଇ କ୍ଷୀର ଧଳା ବଗ ପର
ଇସ୍କୁଲରେ ସବୁ ସାଙ୍ଗ କେହି ନୁହେଁ ବଡ। ।୦।

ଗୋଲାପଟି କଣ୍ଟା ଯୁଇଯାଇ ଲତା
ସାନ ଭାବି କାହାରିକୁ କର ନାହିଁ ଥଟ୍ଟା।
କାଉ ରଙ୍ଗ କଳା ଘର କାନ୍ଥ ଧଳା
ପରିଷ୍କାର ରଖ ଘର, ଅଗଣା ଓ ନଳା। ।୧।

ଆମ୍ବ ଫଳ ମିଠା ପଣସର ଅଠା
କାନ୍ଦ ନାହିଁ କେବେହେଲେ ହସୁ ଥାଅ ଠୋଠା।
ପାରି ଦିଅ ସପ ବସି ଶୁଣ ଗପ
ସବୁ ସାଙ୍ଗେ କରୁଥାଅ ମା' ନାମ ଜପ। ।୨।

Digitized by srujanika@gmail.com

ତୁମେ ଶିଖାଇଛ

ତୁମେ ଶିଖାଇଛ ହେବା ପାଇଁ ମତେ
ବଜ୍ର ଠାରୁ ବଳି ସାହସୀ ବୀର
ତୁମେ ଶିଖାଇଛ ଧଇର୍ଯ୍ୟ ଧରିବି
ପର୍ବତ ଟଳିବ ମୋ ଆଗର । ।୦।

ଆକାଶ ହାରିବ ବିସ୍ତାର ପଣରେ
ସାଗର ଡରିବ ଗଭୀରତାରେ
ଭଲପାଇବାରେ ଫୁଲୁଁ ଆଗେ ଥିବି
ନମ୍ରତାରେ ଥିବି ଘାସ ଆଗରେ । ।୧।

ଲୋଭ, କ୍ରୋଧ, ଘୃଣା, କାମନା, ବାସନା
ଏସବୁ ଫେରିବେ ଅଧାବାଟରୁ
ଅଟଳ ରହିବି ସତ୍ୟପଥେ ସଦା
ଆଉସବୁ ଆପେ ହୋଇବ ଦୂର । ।୨।

ପରଶରେ ମୋର ଦେଲ ଯେଉଁ ଶକ୍ତି
ଚନ୍ଦନଠୁ ବଳି ବଡ ଶୀତଳ
ମୁଖେ ଯେଉଁ ଭାଷା ଭରିଅଛ ମୋର
ମହୁ ଠାରୁ ବଳି ଅତି ମଧୁର । ।୩।

ଯାହା ମୁଁ ହୋଇଛି ଆଉ ଯାହା ହେବି
ସେ ସବୁ କେବଳ ତୁମ କୃପାରୁ
ତୁମ ଇଚ୍ଛା ମତେ ଗଢ଼ିଅଛ ମୋତେ
ଧନ୍ୟ ହୋଇଛି ଜୀବନ ମୋର । ।୪।

Digitized by srujanika@gmail.com

କେତେ ବେଳେ କୁହ ବଡ

କେତେ ବେଳେ କୁହ ବଡ
କେତେ ବେଳେ ପୁଣି ସାନ
କହି ଦେଉଛ ଆମକୁ ତୁମେ
ଯେତେ ବେଳେ ଯାହା ମନ। ।୦।

ଶୋଇ ପଡ଼ିଲେ ଉଠାଇ ଦେଇ କହୁଛ ପଢ଼ ପାଠ
କହୁଛ ପୁଣି ବଡ଼ ପିଲାଏ କରନ୍ତି ନାହିଁ ମଠ
ଟି. ଭି. ଦେଖିଲେ ବିଗିଡ଼ି ଯାଇ କହୁଛ ହାତ ଧରି
ସାନ ପିଲାଟା ଦେଖୁଛୁ ଟି.ଭି. ଚଗଲା ହେଉ ଭାରି। ।୧।

ଚକୋଲେଟଟେ ଖାଇବା ପାଇଁ କହିଲି ଯଦି କେବେ
କହୁଛ ତୁମେ ହେଲୁଣି ବଡ଼ ଛାଡ଼ ଏ ସବୁ ଏବେ
ସାଇକେଲଟେ କିଣିବା ପାଇଁ କହିଲି ଯିଦି ଧରି
ବୁଝାଇ ଦେଲ ସାନ ମୁଁ କହି ବସିଲି ମନ ମାରି। ।୨।

ରାତି ଅନ୍ଧାରେ ଏକେଲା ଥିଲେ ଲାଗିଲା ଯେବେ ଡର
କହିଲ ତୁମେ ଡରୁଛୁ କିଆଁ ହେଲୁଣି ପରା ବଡ଼
ଜନମ ଦିନେ କହିଲି ଯେବେ ବଜାର ଯିବି ମୁହିଁ
କହିଲ ତୁମେ ସାନ ପିଲାଏ ଏକା ଯାନ୍ତି ନାହିଁ। ।୩।

ଆଚ୍ଛା ଏ କଥା ପାରୁନି ବୁଝି
ବୁଝିଛ ଯଦି କେହି
ବୁଝାଇଦିଅ କଅଣ ଠିକ୍
ବଡ଼ କି ସାନ ମୁହିଁ। ।୪।

ଗୋଲାପ ଫୁଲଟି

ଗୋଲାପ ଫୁଲଟି ଦିଶଇ ସୁନ୍ଦର
କଣ୍ଟା ଦେହଯାକ ତା'ର
ପଦ୍ମଫୁଲ ଦେଖି ଦିଶେ କେତେ ତୋରା
କାଦୁଅରେ ତା'ର ଘର । ।୦।

କାଳିଗାଇ ସିଙ୍ଘ କେତେ ଯେ ମୁନିଆଁ
କ୍ଷୀର ତା'ର କେତେ ମିଠା
ସେଇ ଔଷଧଟି କରେ ବେଶୀ କାମ
ସୁଆଦ ଯାହାର ପିତା ।
ସାଗୁଆନ ଗଛ ହୁଏ କେତେ ଡେଙ୍ଗା
କାଠଟି ତାହାର ଶକ୍ତ
ମନ୍ଦିରରେ ବସି ଗୁଣୁ ଗୁଣୁ ହେଲେ
ବୋଲାଏନି କେହି ଭକ୍ତ । ।୧।

ବାପା ମାଆ ଯଦି ଆକଟନ୍ତି କେବେ
ମନକୁ ତା ଦିଏ କଷ୍ଟ
ବଡହେଲେ ଯାଇ ବୁଝିହୁଏ ତାହା
କାଟି ଅଛି ତୁମ ରିଷ୍ଟ ।
କୂଳରେ ସାଗର କେତେ ଯେ ଅଶାନ୍ତ
ଭିତରକୁ ଗଲେ ସ୍ଥିର
ଧଡିଆ ପତଳା ଲୋକଟିଏ ବି ତ
ହୋଇପାରେ କେତେ ବୀର । ।୪।

ବାହାରକୁ ଯାହା ଦିଶଇ ଆମକୁ
ସବୁନୁହେଁ କେବେ ସତ୍ୟ
ଅସଲ ସତ୍ୟତ ରହିଛି ଅନ୍ତରେ
ଜଗାଏ ଆମକୁ ନିତ୍ୟ । ।୫।

Digitized by srujanika@gmail.com

ରାଗ ନାହିଁ ରାଗ ନାହିଁ

ରାଗ ନାହିଁ ରାଗ ନାହିଁ ରାଗ ନାହିଁ ଭାଇ
 ରାଗ ଭଳି ଏତେ ମନ୍ଦ ଆଉ କିଛି ନାହିଁ। ।୦।

ରାଗିଗଲେ ଭଲ ଲୋକ ବୁଦ୍ଧି ଯାଏ ହଜି
 ସୁନ୍ଦର ମଣିଷ ଗୋଟା ଦିଶେ ଖାଲି ପାଜି।
ଆଖିଦିଶେ ରଡ ନିଆଁ ଦାନ୍ତ କଡମଡ
 ଛୋଟିଆ ମୁହଁଟା ଫୁଲି ହୋଇ ଯାଏ ବଡ। ।୧।

ଭଲ ଭାଷା ପାଟି ଆଉ କହି ପାରେ ନାହିଁ
 ଭୁଲି ଯାଏ କିଏ ବନ୍ଧୁ କିଏ ପୁଣି ଭାଇ।
ଆଉ ବେଶୀ ଗଲେ ରାଗି ହାତ ଯାଏ ଉଠି
 ବାଜି ଯାଏ କେବେ ଗାଲେ କେବେ ପୁଣି ପିଠି। ।୨।

ଥରେ ଯଦି ରାଗି ଭୁଲ କରିଦିଅ କେବେ
 ସମାଧାନ ପାଇଁ ଲାଗେ ବହୁଦିନ ତେବେ।
ସବୁଠାରୁ ଭଲ କଥା ଟିକେ ଦିଅ ହସି
 ରାଗ ରୋଷ ଯାହା ଯେତେ ସବୁ ଯାଉ ଭାସି। ।୩।

Digitized by srujanika@gmail.com

ହୋଇଥାନ୍ତି ଯେବେ ମୁହ

ହୋଇଥାନ୍ତି ଯେବେ ମୁହିଁ ଆକାଶର ପକ୍ଷୀ
ବିଲବଣ ତରୁଲତା ପାରୁଥାନ୍ତି ଦେଖି । ।୦।

ଝରୁଥା'ନ୍ତି ହୋଇ ଯେବେ ଝରଣା ନୀର
ପାହାଡ ପର୍ବତ ପରେ ହୋଇ କଳକଳ ।
ସୁରୁଜ କିରଣ ହୋଇ ଖରା ବାଣ୍ଟୁଥା'ନ୍ତି
କରୁଥା'ନ୍ତି ପୁଣି ଖରା ବର୍ଷା ଦିନ ରାତି । ।୧।

କେଉଁ ରାଇଜରେ ଯେବେ ହୋଇଥାନ୍ତି ରାଜା
ସୁଖ, . ଶାନ୍ତି, ଆନନ୍ଦରେ ପାଳୁଥା'ନ୍ତି ପ୍ରଜା ।
ବଗିଚ୍ଛରେ ଫୁଲ ହୋଇ ମନ ମୋହୁଥା'ନ୍ତି
ଦେବତାର ଚରଣରେ ଥାନ ପାଉଥା'ନ୍ତି । ।୨।

ଝଙ୍କାଳିଆ ଗଛଟିଏ ହୋଇଥା'ନ୍ତି ଯଦି
ଫୁଲ, ଫଳ, ଛାଇଦେଇ ଖୁସୀ କରୁଥା'ନ୍ତି ।
ରଙ୍ଗ ବେରଙ୍ଗର ପ୍ରଜାପତି ହୋଇଥା'ନ୍ତି
ଏଫୁଲରୁ ସେ ଫୁଲକୁ ଉଡି ବୁଲୁ ଥା'ନ୍ତି । ।୩।

ଆଉ ଯଦି ଏସବୁ ମୁଁ ପାରି ନାହିଁ ହୋଇ
ସେଥିପାଇଁ ଦୁଃଖ ଅବା ଅବସାଦ କାହିଁ ?
ଯାହା ମୋ ହେବାର କଥା ଥାହା ମୁଁ ହୋଇଛି
ଆଉ ସବୁ ପାଇଁ କିଆଁ ମଥା ମୋ ଘୁରୁଛି । ।୪।

Digitized by srujanika@gmail.com

ବଗିଚ୍ଚର ଫୁଲ

ବଗିଚ୍ଚର ଫୁଲ କରି ଦିଅ ପ୍ରଭୁ
ବାସ ତୁମ ଦେବ ମହକାଇ
କରିଦିଅ ମୋତେ ଝରଣାର ନୀର
ତୃଷା ନିବାରିବି ଜଳଦେଇ । ।୦।

ଚନ୍ଦ୍ରର କିରଣ କରିଦିଅ ମୋତେ
ଶୀତଳତା ଦେବି ଧରଣୀରେ
ସୂର୍ଯ୍ୟର ଉତ୍ତାପ ହେବି ମୁଁ ପ୍ରଭୁହେ
ଜାଳିଦେବି ଦୈନ୍ୟ ଅନ୍ଧକାରେ ।
ଭ୍ରମରର ଗୀତ ଦିଅ ମୋତେ ପ୍ରଭୁ
ଭରିଦେବି ସବୁ ଅନ୍ତରରେ
ପବନର ସ୍ପର୍ଶ ହେବି ମୁଁ ପ୍ରଭୁହେ
ଆଶ୍ୱାସନା ଦେବି ଜଗତରେ । ।୧।

ବଜ୍ରର ଦୃଢ଼ତା ଥାଉ ମୋର ପାଶେ
ସାହସର ହେବି ବାର୍ତ୍ତାବହ
ସହନଶୀଳତା ମାଟିଠାରୁ ନେବି
ଶିଖାଇବି କରିବାକୁ ସହ୍ୟ ।

ନମ୍ରତାଗୁଣେ ଦୂବଘାସ ପରି
ରଖିବିନି ଭେଦଭାବ କାରେ
ସରଳତା ଗୁଣେ ଶିଶୁଟିଏ ପରି
ଚାଲୁଥିବି ତୁମ ଇଚ୍ଛାରେ । ।୨।

Digitized by srujanika@gmail.com

ଶାନ୍ତି

ସତ୍ୟ କଥା କହି କହି

ସତ୍ୟକଥା କହି କହି, ସତ୍ୟ ଆଚରଣ କରି
ସତ୍ୟ ପଥେ ଚାଲୁଥିବା, ଆମେ ସତ୍ୟର ପଥିକ
ମିଥ୍ୟାର ରାକ୍ଷୁତି ଏବେ ଯାଇଅଛି ଦୂରେ ଚାଲି
ଫିଙ୍ଗିଦେବା ଥିବ ଯଦି, ଆଉ ଯାହା ଯେତେକ। ।୦।

ସତ୍ୟ ଆମ ସହଯାତ୍ରୀ, ସତ୍ୟ ଆମ ଚିରସାଥୀ
ସତ୍ୟ ଆମ କର୍ମ ଆଉ, ସତ୍ୟ ଆମ ବିବେକ
ସତ୍ୟ ସୃଷ୍ଟି ନବୀନର, ସତ୍ୟ ପ୍ରେମ ପାରାବାର
ସତ୍ୟ ନବ ଜୀବନର, ସତ୍ୟ ମାର୍ଗଦର୍ଶକ। ।୧।

ସାହସ ମନରେ ବାନ୍ଧି, ଦିବ୍ୟପ୍ରେମ ହୃଦେ ଛନ୍ଦି
ଊର୍ଦ୍ଧ୍ୱକୁ ଚାହିଁବୁ ଆମେ ସତ୍ୟ ଚିନ୍ତା ପ୍ରେରକ
ହତାଶା ଯାଇଛି ଚାଲି, ବିଷାଦକୁ ଦୂରେ ଠେଲି
ଦେଖାଇ ଦେବାଟି ଚାଲ ହୋଇ ସତ୍ୟର ବାହକ।
ଜାଗିଛି ମନରେ ଆଶା   ପ୍ରଭୁ ଆମରି ଭରସା
ଆମ ସତ୍ୟାଶ୍ରୟୀ ନାବେ   ସିଏ ଏକା ନାବିକ । ।୨।

Digitized by srujanika@gmail.com

ବାଟ ଚ୍ଚାଲୁ ଚ୍ଚାଲୁ ସଂସାର ପଥରେ

ବାଟ ଚ୍ଚାଲୁ ଚ୍ଚାଲୁ ସଂସାର ପଥରେ
ଯଦି ଆମ ପ୍ରଭୁ ନଥାନ୍ତି ସଙ୍ଗରେ
ମାୟାର ବନ୍ଧନ ଭରା ଯନ୍ତ୍ରଣାରେ
ଭୋଗୁ ଆମେ ସଦା କେତେ ଯେ କାତରେ । ।୦।

ଦିଶେ ନାହିଁ ଦିଗ ବିଷାଦ ହତାଶ
ଅନ୍ଧାର ଆସଇ ମାଡ଼ି ଚଉପାଶ
ଦିଶେ ନାହିଁ କୂଳ ଲାଗଇ ବ୍ୟାକୁଳ
ପାଶେ ଭଗବାନ ନ ଥିଲେ ଆମର । ।୧।

ଆଉ ଯଦି ସିଏ ଅଛନ୍ତି ମୋ ପାଶେ
ଗଗନ ପବନ ଚଉଦିଗ ହସେ
ଫୁଲ ଫଳ ଶୋଭା ବନ ଉପବନ
ସତେ ଅବା କୃପା କରୁଣା କାନନ । ।୨।

ପ୍ରଭୁଙ୍କ ସହିତ ଚାଲୁଥିଲେ ବାଟ
ଲାଗେ ସବୁକିଛି ସହଜ ସରଳ
ଦିବ୍ୟ ଆନନ୍ଦର ସାଗରରେ ଥାଇ
ଦେଖୁ ଆମେ କେତେ ପଥ ନିରିମଳ । ।୩।

Digitized by srujanika@gmail.com

ଗଗନ ପବନ ସାଗର ତରଙ୍ଗ

ଗଗନ ପବନ ସାଗର ତରଙ୍ଗ,
ସବୁଠାରେ ପରା ତୁମେ ଅଛ ରହି,
କେଉଁ ଦୃଷ୍ଟି ଲୋଡା ଦେଖିବାକୁ ପରା,
ତୁମକୁ ହେ ମା' ଦିଅ ବାରେ କହି ।   ।୦।

ସାଥିରେ ରହିଛ ଭାଷାରେ କହୁଛ,
ଅନୁଭବେ ପରା ପ୍ରକାଶ ହେଉଛ,
କୁହ ତେବେ କିଆଁ ପାରୁନାହୁଁ ଜାଣି
ତୁମେ ଆମ ପାଶେ ଅଛ ବୋଲି ରହି । ।୧।

ଦୁଃସାହସେ ଭରା ଜୀବନ ଆମର,
ତୁମ କୋଳ ପରା ଅଟେ ଆମ ଘର,
ଧନ୍ୟ ହେବ ଆମ ପ୍ରତିଟି ମୁହୂର୍ତ୍ତ,
ବିତୁଥିବ ଯଦି ଖାଲି ତୁମ ପାଇଁ ।   ।୨।

Digitized by srujanika@gmail.com

ମାଆଗୋ ମାଗୁଛି ଦିଅ ବାରେ ମୋତେ ଶାନ୍ତି

ମାଆଗୋ ମାଗୁଛି ଦିଅ ବାରେ ମୋତେ ଶାନ୍ତି
ଜୀବନେ ଗ୍ୱହୁଁଛି କରିବାକୁ କର୍ମ,
ଗ୍ୱହୁଁନାହିଁ କେବେ ମୁକ୍ତି । ।୦।

ମନରେ ମୋ ଦିଅ ଶାନ୍ତି
ଅନୁଭବେ ଦିଅ ଶାନ୍ତି,
ଭାବାବେଗ ମୋର ଶାନ୍ତି ପାଉ ମାଆ
ପୂର୍ଣ୍ଣ ବିଶ୍ୱାସରେ ଶାନ୍ତି । ।୧।

ଅବତରୁ ତୁମ ଶାନ୍ତି
ଶରୀରେ ପ୍ରାଣରେ ଶାନ୍ତି
ବିରାଜିତ ହେଉ ଚେତନାରେ ଆମ
ଶାନ୍ତି, ଶାନ୍ତି ଆଉ ଶାନ୍ତି । ।୨।

Digitized by srujanika@gmail.com

ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର

ଦିନରେ ସୂର୍ଯ୍ୟ ରାତ୍ରୀରେ ଚନ୍ଦ୍ର
ହୁଅନ୍ତି ଯଦି ବନ୍ଧୁ,
ସହଜେ ଆମେ ହୋଇବା ପାରି
ଏଇ ଜୀବନ ସିନ୍ଧୁ ।
ରେ ବନ୍ଧୁ, ଏଇ ଜୀବନ ସିନ୍ଧୁ । ।୦।

ଶରୀର ଯଦି ଆଳସ୍ୟ ଭୁଲେ
ପ୍ରାଣ ଛାଡ଼େ କାମନା
ମନରୁ ଚିନ୍ତା ହୋଇଲେ ଦୂର
ପୁରିଲା ସମ୍ଭାବନା
ରେ ବନ୍ଧୁ ପୁରିଲା ସମ୍ଭାବନା । ।୧।

ନିଦାଘ ଯଦି ନ ଦେଲା କଷ୍ଟ
ଶୀତକୁ ହେଲା ସହି
ଘନ ବୃଷ୍ଟିକୁ ଭେଟିବୁ ଆମେ
ବତାସେ ଶାନ୍ତ ରହି
ରେ ବନ୍ଧୁ, ବତାସେ ଶାନ୍ତ ରହି । ।୨।

ଅନ୍ତର ଆମ ହେଲେ ବିକାଶ
ଦିଶେ ଉଜ୍ଜ୍ୱଳ ମୁଖ
ଆନନ୍ଦ ଭରେ ସାରା ସଂସାରେ
ଥିଲା ଦିନେ ଯା' ରୁକ୍ଷ
ରେ ବନ୍ଧୁ, ଥିଲା ଦିନେ ଯା' ରୁକ୍ଷ । ।୩।

Digitized by srujanika@gmail.com

ତୁମରି କୃପାରୁ ସୁଯୋଗ ପାଇଛୁ

ତୁମରି କୃପାରୁ ସୁଯୋଗ ପାଇଛି
ତୁମରି ସେବାରେ ଜୀବନ ବିତୁଛ। ।୦।
ମା।...............

ନିଜ ପାଇଁ ଆଉ ଅନ୍ୟ ପାଇଁ
କେତେ ଜୀବନ ବଞ୍ଚୁଛି ମୁହିଁ
ସେ ସବୁରେ କିଛି ମୂଲ୍ୟ ନାହିଁ
ଯଦି ସେଇଥିରେ ତୁମ ଇଚ୍ଛା ନାହିଁ।
ତୁମ ଇଚ୍ଛା ରହି ଥାଏ ଯହିଁ
ନରକ ସରଗ ହୁଅଇ। ।୧।

ତୁମ ରାଜ୍ୟ ଏବେ ସାରା ବିଶ୍ୱେ
ପ୍ରତିଷ୍ଠିତ ହୁଏ ତୁମ କୃପା ବଶେ
ନିୟତିର ଲୌହ ଶୃଙ୍ଖଳ
ରହିବନି ପରା ସେ ତ ଚିର କାଳ।
ଆନନ୍ଦର ଧାରା ଯିବ ଝରି
ପୁଲକିତ ହେବ ମର୍ତ୍ତ୍ୟପୁରୀ। ।୨।

Digitized by srujanika@gmail.com

ହେ ବିଶ୍ୱ ବିଧାତା ଚିର ବନ୍ଦନୀୟ

ହେ ବିଶ୍ୱ ବିଧାତା ଚିର ବନ୍ଦନୀୟ
ସଂସାର ସର୍ଜନା ତବ
କୀଟରୁ ଜଙ୍ଗମ ପ୍ରଭାତରୁ ସଞ୍ଜ
କିପରି ହୁଏ ସମ୍ଭବ । ।୦।

ତୁମେ ତ ଗଢ଼ିଛ ମନୁଷ୍ୟ ଦାନବ
ଆଲୋକ ଅବା ଅନ୍ଧାର
ଲାଭ କି ପାଉଛ ଦେଉଛ ଲଢ଼ାଇ
ସବୁଥିରେ ଧୁରନ୍ଧର । ।୧।

ଜାଣିନାହଁ ବୋଧେ କରୁଛ ଖିଲାକି
ରହିଛ ଉହାଡେ ଲୁଚି
ତୁମରି କୃପାକୁ କରୁ ଅନୁଭବ
ଆନନ୍ଦେ ନେଉ ସାଉଁଟ । ।୨।

Digitized by srujanika@gmail.com

ଜ୍ୟୋସ୍ନା ଭରା ଗଗନ

ଜ୍ୟୋସ୍ନା ଭରା ଗଗନ
ତେଜୋଦିପ୍ତ ତପନ
ଗଢ଼ିଅଛ ତୁମେ ତ
ହୋଇଅଛ ମଗନ । ।୦।

ତୁମ ପରଶ ପାଇ ହରଷ
ବରଷା ରାଣୀ ଢ଼ାଳଇ ପାଣି
ସଞ୍ଜ ସକାଳ ତୁମରି ଖେଳ
ତୁମ ମହିମା ପାରେ କେ ଜାଣି । ।୧।

ନୂଆ ଜଗତ ହୁଏ ପ୍ରସ୍ତୁତ
ହୋଇବ ପରା ତୁମ ପ୍ରକାଶ
ଆମ ଜୀବନ ହୋଇବ ଧନ୍ୟ
ବିତରି ଯିବ ତୁମ ସୁବାସ । ।୨।

Digitized by srujanika@gmail.com

ଉତ୍କଳ ଏକ ଭବିଷ୍ୟତ ଆମ

ସତ୍ୟର ଆବାହନିରେ

ସତ୍ୟର ଆବାହନିରେ
ଉର୍ଦ୍ଧ୍ୱକୁ ଶୀର ତୋଳିରେ
ସମ୍ମାନ ଜଣାଅ ତାରେ
କୃତଜ୍ଞ ହୃଦୟରେ । ।୦।

ଚଉଦିଗ ଆଜି ଆଲୋକେ ମଣ୍ଡିତ
ସାରା ସଂସାରରେ ଆଭା ବିଚ୍ଛୁରିତ
ହୃଦୟ କନ୍ଦରେ ବିଶ୍ୱାସର ବୀଣା
ବାଜିଉଠେ ଉଲ୍ଲାସରେ । ।୧।

ସତ୍ୟର ସେବା କରିବାର ପାଇଁ
ଜନ୍ମପରେ ଜନ୍ମ ଆସୁଅଛୁ ରହି ।
ଏଇଜନ୍ମ ଆମ ହୋଇଅଛି ଧନ୍ୟ
ବିଜୟ ମୁହୂର୍ତ୍ତରେ । ।୨।

ଆଶାର ଆକାଶେ ବିଜୟର ତାନ
ପୁରିଉଠେ ସାରା ଗଗନ ପବନ
ରୋମାଞ୍ଚିତ ମୁଖ ପରଶେ ହରଷ
ବୁକୁ ଫଟା ଆନନ୍ଦରେ । ।୩।

ରହି ରହି ଶୁଭେ ବିଜୟ ଦୁନ୍ଦୁଭି
ଦିଶୁ ଅଛି ଦୂରେ ଶୁଭ ନବରବି
ଦିବ୍ୟ କରୁଣାର ଅବାରିତ ଧାରା
ଝରେ ଆମ ଶିର ପରେ । ।୪।

Digitized by srujanika@gmail.com

ସୁପ୍ତ ସଂସାର ହେବ ଜାଗ୍ରତ

ସୁପ୍ତ ସଂସାର ହେବ ଜାଗ୍ରତ
ଦୀପ୍ତ ଚେତନା କରେ ବିବ୍ରତ
ଭେଟିବାକୁ ହେବ ନବ ଜଗତ,
ଅନ୍ଧ ରାତ୍ରୀର ମଧ୍ୟ ପ୍ରହର
ଘନ ନିଦ୍ରାର ଚିର ଆସର
ଭାଙ୍ଗିବାକୁ ଆମେ ସଦା ପ୍ରସ୍ତୁତ । ।୦।

ପୂର୍ବ ଦିଗର ଲୋହିତ କିରଣ
ସୂଚାଇ ଦେଉଛି ନବ ଜାଗରଣ
ଶୁଷ୍କ ବୃକ୍ଷରେ ନବ ପଲ୍ଲବ,
ବିଶ୍ୱାସ ଭରେ ହୃଦେ ନିତି ଦିନ ।
ନବୀନ ଉଷାର ନବଜାଗରଣ
ତଡିଦିଏ ଦୂରେ ଅତୀତ
ଦେଖ, ତଡିଦିଏ ଦୂରେ ଅତୀତ । ।୧।

ଚିର ସୁନ୍ଦର ହୃଦେ ଆମର
ବନ୍ଦୀ ପରାୟେ ହୋଇ ତତ୍ପର
ସାରା ବିଶ୍ୱର ସତ୍ତା ନଶ୍ୱର

Digitized by srujanika@gmail.com

ପ୍ରକାଶୁ ଅଛନ୍ତି କେତେ ସତ୍ୱର,
ପାଏ ଅନନ୍ତ ଦିବ୍ୟସ୍ପର୍ଶର
ଭେଟିବାକୁ ହେବ ଆମ ଇଶ୍ୱର । ।୨।

ଅସୀମ ଆଶାର ତୁମେ ପାରାବାର,
ତୁମରି କୃପାରେ ଧରଣୀ ଚଞ୍ଚଳ
ତୁମରି ଇଚ୍ଛାରେ ଧରା ହେବ ସ୍ୱର୍ଗ
ତୁମ ଭରସାରେ ଚଳଇ ସଂସାର ।
କରୁଛୁ ସ୍ୱାଗତ ଦିବ୍ୟ ଭବିଷ୍ୟତ
ଆନନ୍ଦରେ ଭରା କୁଆ,
କେତେ, ଆନନ୍ଦରେ ଭରା କୁଆର । ।୩।

Digitized by srujanika@gmail.com

ହେ ମଣିଷମାନେ ହେ ଦେଶ ସକଳ

ହେ ମଣିଷମାନେ, ହେ ଦେଶ ସକ,
ଆଉ ମହାଦେଶ ସକଳ,
ଆଜି ସମୟ ଆସିଛି ବାଛିବାକୁ ହେବ
ସତ୍ୟ ଅଥବା ରସାତଳ। ।୦।

ଅନ୍ଧାର ରାତକ ଯାଉଛି ଚାଲି
ପ୍ରଭାତ ଅରୁଣ ଦିଶୁଛି ନାଲି
କୋକିଳ ଗାଉଛି ମଧୁର ସ୍ୱରେ
ଆଶାର କିରଣ ପଡୁଛି ଶିରେ।
ଚଳିବନି ଆମ ଦୁର୍ବଳତା ପଣ
ଦିଶୁଛି ସତ୍ୟର ମୁଖ କମଳ,
ଆଜି ସମୟ ଆସିଛି ବାଛିବାକୁ ହେବ
ସତ୍ୟ ଅଥବା ରସାତଳ। ।୧।

ଅରଣ୍ୟର ଘନ ଅନ୍ଧକାର
ସାରା ଦୁନିଆର ହାହାକାର
ନିମିଷକେ ପରା ଯିବ ଉଭାଇ
ଆଲୋକକୁ ଥରେ ଦେଲେଟି ଚାହିଁ,
ଭୁଲିଯିବା ଆମେ ଅତୀତକୁ ଆମ
ଭବିଷ୍ୟତ ମାଡି ଆସେ ସହ,

Digitized by srujanika@gmail.com

ଆଜି ସମୟ ଆସିଛି ବାଛିବାକୁ ହେବ
ସତ୍ୟ ଅଥବା ରସାତଳ। ।୨।

ଅନେକ ଦିନରୁ ପ୍ରତୀକ୍ଷା ଅଛି
ଆସିବ ବୋଲି ସେ ଚାହିଁ ବସିଛି
ତାର ଆଗମନୀ ପାଇଁକି ଏବେ
ଏ ସାରା ଦୁନିଆଁ ଉଜ୍ଜ୍ୱଳ ଦିଶେ
ବିଶ୍ୱାସ ଭରସା ବିଞ୍ଛ ହୋଇଯାଏ
ସୁରୁଜକୁ ଚାହିଁ ହସେ କମଳ,
ଆଜି ସମୟ ଆସିଛି ବାଛିବାକୁ ହେବ
ସତ୍ୟ ଅଥବା ରସାତଳ। ।୩।

ମାନସ ରାଇଜ କରି ଉଜ୍ଜ୍ୱଳ
ପ୍ରାଣରେ ଆମର ଶକ୍ତି ସଞ୍ଚାର
ଶରୀରର ଶୋଭା କରି ସୁନ୍ଦର
ହୃଦୟରେ ଆମେ ପ୍ରେମେ ବିଭୋର।
ଅଭୟର ହସ୍ତ ଦିଅନ୍ତି ବଢ଼ାଇ
କେତେ ନିରାପଦ ତାଙ୍କରି କୋଳ,
ଆଜି ସମୟ ଆସିଛି ବାଛିନେବା ଆସ
ରସାତଳ ନୁହେଁ ସତ୍ୟ କେବଳ। ।୪।

Digitized by srujanika@gmail.com

ନୂଆ ଜଗତର ଅଧିବାସୀ ଆମେ

ନୂଆ ଜଗତର ଅଧିବାସୀ ଆମେ
ନୂଆ ନୂଆ ଆମ ଚିନ୍ତା
ନୂଆ ସୁରୁଜର ନୂଆ କିରଣରେ
ଉଜ୍ଜ୍ୱଳ ଆମ ମଥା । ।୦।

ନୂତନ ଆମର ମାର୍ଗ ଜାଣିଛୁ
ଜାଣିଛୁ ତାହାର ଦିଗ
ପ୍ରବଳ ପ୍ରତାପୀ ପ୍ରଭଞ୍ଜନ ସମ
କରି ଅଛୁ ଆମ ବେଗ ।
ଭଗ୍ନ ପ୍ରାୟ ଯେତେ ରହିଛି ଅତୀତ
ଫିଙ୍ଗି ଦେବୁ ସବୁ କରି ପରାହତ
ନୂଆ ଭବିଷ୍ୟତ ମାଡ଼ି ଆସେ ଧୀରେ
ନୂଆତାର ସବୁ କଥା । ।୧।

ସତ୍ୟ ଆମର ପଥ ପ୍ରଦର୍ଶକ
ସତ୍ୟ ଆମର ଦ୍ୱାର
ସତ୍ୟ ଆମର ପରାମର୍ଶ ଦାତା
ସତ୍ୟ ଆମର ଘର ।
ସତ୍ୟ ପରା ଆମ ଭରସା ସାହସ

Digitized by srujanika@gmail.com

ସତ୍ୟ ପୁଣି ଦିଏ ଆମ ମୁଖେ ହସ,
ସତ୍ୟ ଆମ ସାଥି ସତ୍ୟ ହିଁ ସାରଥୀ
ସତ୍ୟ ପ୍ରେମ ପାରାବାର। ।୨।

ଆଲୋକିତ ଆମ ଅନ୍ତର ଗହ୍ୱର
ଆଲୋକିତ ଆମ ମୁଖ
ଆଲୋକକୁ ରହିଁ ହୃଦେ ଥାଉ ଧାୟୀ
ପ୍ରଶସ୍ତ ଆଲୋକ ବକ୍ଷ।
ହତାଶା ପ୍ରାଣରେ ଦିଅଇ ଉତ୍ସାହ
ଆଲୋକ ଆଣଇ ଜୟ ପରାଜୟ,
ଆଲୋକରେ ଉଡ଼ି ବାଣ୍ଟୁଛୁ ଆଲୋକ। ।୩।

Digitized by srujanika@gmail.com

ଦେଖ ଆସିଛି ନବ ଜଗତ

ଦେଖ ଆସିଛି ନବ ଜଗତ, ଏବେ ଆସିଛି ନବ ଜଗତ
ବହୁଦିନ ଧରି ପ୍ରତିକ୍ଷା ଥିଲା
ଦେଖିବୁ ବୋଲି ଏହି ଜଗତ।
ଏବେ ଆସିଛି ନବ ଜଗତ
ଦେଖ ଆସିଛି ନବ ଜଗତ। ।୧।

ପ୍ରତିଶ୍ରୁତି ଥିଲା ଧରାବୁ ଓହ୍ଲାଇ ଆସିବ ଏହି ନୂଆ ଆଲୋକ
ନବୀନ ଧାରାରେ ନୂଆ ଚେତନାରେ
ହସିବ ଏଇ ସାରା ମୂଲକ।
ମୁଦିଥିବା ଚକ୍ଷୁ ଖୋଲିଯିବା ଆମ,
ଦେଖିବୁ ସଂସାର ପୁଲକ
ଆମେ, ଦେଖିବୁ ସଂସାର ପୁଲକ। ।୧।

ନୂତନ ସୂରୁଜ ଉଇଁ ଆସେ ଦେଖ କାଟି କାଟି ଅମା ଅନ୍ଧାର
ସମ୍ଭାବନା ଥିଲା କାଲିଯାଏ ଯାହା
ଏବେ ଦିଶେ କେତେ ଉଜ୍ଜ୍ୱଳ
ସାରା ସଂସାରର ସବୁ ଜନପ୍ରାଣୀ
ଦେଖିବେ ତାର ଏକ ଝଲକ
ଏବେ, ଦେଖିବେ ତାର ଏକ ଝଲକ। ।୨।

Digitized by srujanika@gmail.com

ଶାସନ କରିବେ ରାଇଜକୁ ଆମ   ଦିବ୍ୟ ପ୍ରେମ,ସତ୍ୟ,ଆନନ୍ଦ
ମହା ଆନନ୍ଦରେ ଅତି ଉଲ୍ଲାସରେ
ତଡିଦେବୁ ଯେତେ ବିପଦ ।
ଅନ୍ତରରେ ସତ୍ୟ ହେବ ପ୍ରକାଶିତ
ବିତରିବ ତାର ମହକ,
ସଦ. ବିତରିବ ତାର ମହକ । ।୩।

ଏତେ ଦିନ ଯାଏ ଚାହିଁ ବସିଥିଲୁ   ରଖିଥିଲୁ ମନେ ବିଶ୍ୱାସ
ତୁମରି କରୁଣା ବରଷି ଆସିଲା
ଭରିଦେଲା ପ୍ରାଣେ ସାହସ ।
ଅପେକ୍ଷା ଆମର ହୋଇଲା ସଫଳ
ତୁମ କୃପା ଦିଏ ମହକ,
ସାର, ତୁମ କୃପା ଦିଏ ମହକ । ।୪।

Digitized by srujanika@gmail.com

ଶୀର ତୋଳି ଉର୍ଦ୍ଧ୍ୱେ

ଶୀର ତୋଳି ଉର୍ଦ୍ଧ୍ୱେ ଚାହିଁ ଦେଖ ବାରେ
ନୂତନ ସୁରୁଜ କିରଣ ଢାଳେ
ନବ ଛବି କେତେ ହୋଇଅଛି ଅଙ୍କା
ଲୋହିତ ଗଗନ ବକ୍ଷର ଧାରେ। ।୦।

ଦେଖିପାରୁନ କି ଅଜ୍ଞାନ ଅନ୍ଧାର
ପଛଘୁଞ୍ଚା ଦେଇ ଯାଉଛି ଚାଲି
ଶାସନ କରିବ ପୃଥିବୀକୁ ସତ୍ୟ
ସମ୍ଭାବନା ଯାହା ଥିଲାଟି କାଲି।
ଆମ ଧମନୀରେ ବିଶ୍ୱାସ ଭରସା
ଆଶା ସାହସର ରୁଧିର ବହେ
ଅଚେତନା ମଧ୍ୟେ ରହିଥାଉ ପଛେ
ଚେତନା ଆମକୁ ପଥ ଦେଖାଏ। ।୧।

ବିଜୟ ପତାକା ଉଡିଲାଣି ଦେଖ
ଅନ୍ଧକାର କାହିଁ ଗଲାଣି ଚାଲି
ଆଲୋକ ଆନନ୍ଦ ଘରେ ଘରେ ଆଜି
ଜାଳୁଛନ୍ତି କେତେ କେତେ ଦୀପାଳି।
ହେବ ନାହିଁ ବୋଲି ଭାବୁଥିଲୁ ଯାହା
ସବୁକିଛି ଆଜି ହୁଏ ସମ୍ଭବ

Digitized by srujanika@gmail.com

ଚକ୍ଷୁହୀନ ମଧ୍ୟ ଅନୁଭବ କରି
ପାଇଲାଣି ଆଲୋକର ପ୍ରଭାବ । ।୨।

ମାନବ ଜଗତ ହୋଇ ରୂପାନ୍ତର
ନୂତନ ଜଗତ ହେଲାଣି ସୃଷ୍ଟି
ଅତିମାନବର ଆବିର୍ଭାବ ହୋଇ
ଖେଳୁ ଅଛି ସାରା ସତ୍ୟର ଦୃଷ୍ଟି ।
ଧନ୍ୟ ହେଲୁ ଆମେ ଧନ୍ୟ ହେଲା ଧରା
ଧନ୍ୟ ହେଲା ସାରା ଜଗତ କର୍ମ
ଧନ୍ୟ ହୋଇଗଲା ମନୁଷ୍ୟ ଜୀବନ
ଧନ୍ୟ ହୋଇଗଲା ଆମର ଜନ୍ମ । ।୩।

Digitized by srujanika@gmail.com

ଆଜି କାମ ଆଜି କର

ଆଜି କାମ ଆଜି କର
କାଲି ମନେ ପଡେନା
ଏବେ ଯଦି ଭୁଲି ଯାଅ
ପରେ ମନେ ପଡ଼େନା ।୦।

ଗତକାଲି କରି ନାହଁ
କା ପାଇଁ ଅପେକ୍ଷା କୁହ
ଆସିଗଲା ଦେଖ ଆଜି
ଅପେକ୍ଷାଟି ଥିଲା ନା ।
କାଲି ପାଇଁ ଦେଲେ ଛାଡି, ଉତ୍ସାହ ଯିବଟି ମରି
ନ କରିବା କଥା ଆଉ ମନେ ତୁମେ ଆଣନା
ବାକି କାମ ସାରି ଦିଅ
କାଲି ପାଇଁ ରଖନା ।୧।

ଆଜି ଯାହା କରିଥିଲ
ସବୁଠାରୁ ଉତ୍ତମ
କାଲି ପାଇଁ ଛାଡି ଦେଲେ
ହୋଇଯିବ ଭ୍ରମ,
ସବୁଠାରୁ ଭଲଦିନ, ମନେରଖ ଆଜି ଜାଣ
ତା'ଠାରୁ ଭଲ ସମୟ କେବେହେଲେ ପାଅନା

Digitized by srujanika@gmail.com

ବାକି କାମ ସାରିଦିଅ
କାଲିପାଇଁ ରଖନା ।୨।

ସବୁକାମ କରିନିଅ
ଅଳସୁଆ ହୁଅନା
କିଏ କଲା କିଏ ନାହିଁ
ସେଥିପାଇଁ ଭାବନା
ତୁମ ପାଇଁ ତୁମେ ଦାୟୀ, ଅନ୍ୟ ଚିନ୍ତା କାହିଁ ପାଇଁ
ତା' କାମ କରିବ ସିଏ କିଛି ଯାଏ ଆସେନା ।
ବାକି କାମ ସାରିଦିଅ
କାଲିପାଇଁ ରଖନା । ।୩।

Digitized by srujanika@gmail.com

ଉଜ୍ଜ୍ୱଳ ଏକ ଭବିଷ୍ୟତ ଆମ

ଉଜ୍ଜ୍ୱଳ ଏକ ଭବିଷ୍ୟତ ଆମ
ସମ୍ମୁଖରେ ଦେଖ ଅଛି ରହି
ଅତୀତର ଯେତେ ଦୁଃଖ ଅବସାଦ
ଚିରଦିନ ପାଇଁ ଯିବ ଧୋଇ । ।୦।

ନରହିବ ତିଳେ କାମନା ବାସନା
ରାଗରୋଷ ସବୁ ଯିବା ଭୁଲି
ନୂତନ ଜଗତ ଚାହିଁଅଛି ଦେଖ
ତାହାରି ସମୀପେ ଯିବା ଚାଲି ।
ହୃଦୟେ ଭରିବ ଦୟା କ୍ଷମା ପ୍ରେମ
ଜନନୀ ଆମର ମଧୁମୟୀ । ।୧।

କଥାନୁହେଁ ଖାଲି ସତରେ ଘଟିବ
ମାନବର ହେବ ରୂପାନ୍ତର
ଅତିମାନବର ହୋଇବ ପ୍ରକାଶ
ଅସମ୍ଭବ ସବୁ ହେବ ଦୂର
ଚିରସୁଖ ଚିରଶାନ୍ତି ବିରାଜିବ
ଜନନୀ ଆମର ପ୍ରେମମୟୀ । ।୨।

Digitized by srujanika@gmail.com

ସଂସାର ହସିବ ଧରଣୀ ହସିବ
ହସିବ ପରା ସାରା ଜଗତ
ଆଲୋକ ଝରିବ ଅନ୍ଧାର ହଟିବ
ଅନ୍ତର ହେବ ପୁଲକିତ
ସବୁମୁହେଁ ଖାଲି ଉକୁଟିବ ହସ
ଜନନୀ ଆମର ସ୍ନେହମୟୀ । ।୩।

ସାର୍ଥକ ହୋଇବ ଜୀବନ ଆମର
ନୂଆ ଭବିଷ୍ୟତେ ପାଦଥୋଇ
ପୁରାତନ ଛାଡି ଆଗେଇବା ଆମେ
ବିପଦ ଆପଦ ପଥ ଦେଇ
ସାହସ ମିଳିବ ଉତ୍ସାହ ଆସିବ
ଜନନୀ ଆମର କୃପାମୟୀ । ।୪।

ଲାଗୁଥିଲା ଯାହା ସ୍ୱପ୍ନ ବୋଲି ଦିନେ
ସତ୍ୟ ହେବ ତାହା ଧିରେ ଧିରେ
ହତାଶା ବିଷାଦ ହଜିଯିବେ କାହିଁ
ସତ୍ତା ରହିବନି ଜଗତରେ
ସ୍ୱର୍ଗରାଜ୍ୟ ସତେ ହେବ ପ୍ରତିଷ୍ଠିତ
ଜନନୀ ଆମର ଆନନ୍ଦମୟୀ । ।୫।

Digitized by srujanika@gmail.com

ସକାଳ ସୁରୁଜ

ସକାଳ ସୁରୁଜ କହୁଅଛି ଶୁଣ

ସକାଳ ସୁରୁଜ କହୁଅଛି ଶୁଣ
ଅନ୍ଧାର ଯାଇଛି ଚାଲି,
ପ୍ରଭାତ କାକଳୀ ମଧୁର ସ୍ୱରରେ
କହୁଅଛି ବୁଲି ବୁଲି । ।୦।

କୁସୁମ କଳିର ଫୁଟିଲା ପାଖୁଡା
ହସିକହେ ସେଇ କଥା,
ସୁଲୁ ସୁଲୁ ବାଆ ଛୁଇଁଯାଏ ପରା
କହିଦେଇ ସେ ବାରତା । ।୧।

ଚାହିଁଦେଖ ସତେ ପୁରୁବ ଦିଗକୁ
ଲୋହିତ କିରଣ ଛିଟ,
ଆସିବ ସାହାସ ବଢ଼ିବ ବିଶ୍ୱାସ
ଦୃଢ଼ ହେବ ମନ ପ୍ରାଣ । ।୨।

ରହିବା କୃତଜ୍ଞ ତାଙ୍କରି ଚରଣେ
ସମର୍ପିଲେ ତାଙ୍କ ପାଶେ,
ଆମ ଅନ୍ଧକାର ଆମ ଅଜ୍ଞାନତା
ଦୂର ହେବ ତାଙ୍କ ପରଶେ । ।୩।

Digitized by srujanika@gmail.com

ନିର୍ଭର କରି ଈଶ୍ୱରଙ୍କଠାରେ

ନିର୍ଭର କରି ଈଶ୍ୱରଙ୍କ ଠାରେ
ନିତ୍ୟେ କରୁଥାଅ କର୍ମ
କର୍ମ ନୁହଁଇ ସେ ସାଧନା ଆମର
କରୁ ଜନ୍ମ ପରେ ଜନ୍ମ । ।୦।

ଫଳ ମିଳେ ନାହିଁ ସାଧନାକୁ ଚାହିଁ
ଲୋଡ଼ା ଆନ୍ତରିକ ହେବା
ଉଚ୍ଚତର ଜନ୍ମ ପାଇଁ ରଖ ନିଷ୍ଠା
ଆଉ ଆସ୍ପୃହା କରିବା । ।୧।

ବାକି ସବୁ କଥା ଘଟି ଚାଲିଥିବ
ଏଇ କଥା ହେଲେ ସ୍ଥିର
ଭଗବାନଙ୍କର ହେବା ପାଇଁ ପ୍ରିୟ
ଏହାକୁ ଅଭ୍ୟାସ କର । ।୨।

Digitized by srujanika@gmail.com

ନୂତନ ସୃଷ୍ଟିର

ନୂତନ ସୃଷ୍ଟିର ନବ ଉଦ୍ଦିପନା
ଜାଗିଅଛି ଏବେ ଆମ ମନେ
ନବିନ ସାହାସ ନବିନ ଉତ୍ସାହ
ହୃଦୟରେ ଆମ ଗୁଞ୍ଜରଣେ । ।୦।

ସାରା ଦୁନିଆର ଅମା ଅନ୍ଧକାର
ଧୋଇଦେବା ପାଇଁ ଆମେ ଆଗୁସାର
ହତାସ, ନିରାସା, ଆପଦ, ବିପଦ
ରାହା ପାଇବେନି ଜୀବନରେ କେବେ
ଧନ୍ୟ ଆମେ ହୋଇ ଅଛୁ ଏ ଜୀବନେ । ।୧।

ଆମେ ଜନନୀଙ୍କ ଦିବ୍ୟ ସନ୍ତାନ
ଡରଭୟ ସବୁ ତୁଚ୍ଛା ଅକାରଣ
ହୋଇବା ଆତ୍ମହରା ମନେ ପ୍ରାଣେ ଆଜି
ଜନନୀଙ୍କର ଚୀର ଜୟ ଗାନେ
ଧନ୍ୟ ଆମେ ହୋଇଅଛୁ ଏ ଜୀବନେ । ।୨।

Digitized by srujanika@gmail.com

ଜଳର ଧର୍ମ ନିମ୍ନଗତି

ଜଳର ଧର୍ମ ନିମ୍ନଗତି
ବାୟୁର ଧର୍ମ ବ୍ୟାପ୍ତି,
ଆଲୋକ ଧର୍ମ ଉଜ୍ଜ୍ୱଳତା

ସମୟ ଅଗ୍ରଗତି । ।୦।

ନୟନ ଧର୍ମ ଦୃଷ୍ଟି ପୁଣି
କର୍ଣ୍ଣ ଶୁଣଇ ଶବ୍ଦ,
ହସ୍ତର ଧର୍ମ କର୍ମ ଆଉ
ପଥ ଚ୍ଚଲଇ ପାଦ । ।୧।

ଜଡର ଧର୍ମ ସ୍ଥିରତା
ପ୍ରାଣର ଧର୍ମ ଶକ୍ତି,
ମନର ଧର୍ମ ଦିବ୍ୟଜ୍ଞାନ
ହୃଦୟେ ଆସେ ଭକ୍ତି । ।୨।

ପୃଥିବୀ ଧର୍ମ ସହିଯିବା
ଆତ୍ମାର ଧର୍ମ ପ୍ରେମ,
ଚେତନା ଧର୍ମ ରୂପାନ୍ତର
ଆନନ୍ଦ ଅବିରାମ । ।୩।

Digitized by srujanika@gmail.com

ତାଙ୍କ ବିନା ମୋର ଅସ୍ତିତ୍ୱ ନାହିଁ

ତାଙ୍କ ବିନା ମୋର
ଅସ୍ତିତ୍ୱ ନାହିଁ
ମୋ ବିନା ତାଙ୍କର
ପ୍ରକାଶ ନାହ । ।୦।

ସିଏ ଯିଏ ମୁଁ ସିଏ
ସିଏ ଯିଏ ମୁଁ ସିଏ
ଦୁଇ ଶରୀରେ ଏକ
ଚେତନା ଥାଇ
ମୋ ବିନା ତାଙ୍କର ପ୍ରକାଶ ନାହିଁ । ।୧।

Digitized by srujanika@gmail.com

ଏତେ ବିକଳ କିଆଁ

ଏତେ ବିକଳ କିଆଁ
ପାଇବାକୁ ପରଶଂସା
କିଏ ଟିକେ ଅବା କହିଦେବ ଭଲ
ତହିଁକୁ ଉଡୁଛି ହଂସା । ।୦।

ଏବେ ପରଶଂସା ଟିକେ ପରେ ନିନ୍ଦା
ଲୋକଙ୍କର ଏହା ଭାଷା
ସେଥିପାଇଁ ପୁଣି କେତେ ଡରଭୟ
ହେବେ ଖାଲି ଲୋକହସା । ।୧।

ଲୋଡ଼ାନାହିଁ ଯାହା ତାହାକୁ ଖୋଜୁଛୁ
କିସ ପାଇଁ ଆଉ ଆଶା
ଆକାଶ କଇଁଆ ଚିଲିକା ମାଛ
ଆଣିଦେବ ସେ ହତାଶା । ।୨।

ଫିଙ୍ଗିଦିଅ ଯେତେ ନିନ୍ଦା ପରଶଂସା
ଯିଏ ଖୋଜୁଅଛି ନେଉ
ପୂର୍ଣ୍ଣତା କେବଳ ଗ୍ରହୁଁ ଆମେ ରଖୁ
ପ୍ରଭୁଙ୍କଠାରେ ଭରସା । ।୩।

Digitized by srujanika@gmail.com

ଭଲ କରି ଥରେ ଚେଷ୍ଟାକରି ଦେଖ

ଭଲ କରି ଥରେ ଚେଷ୍ଟାକରି ଦେଖ
ଅସମ୍ଭବ ନୁହେଁ କିଛି,
କାଲିକୁ ସହଜ ହେବ ଯାହା ସବୁ
ଆଜି କଷ୍ଟ ଲାଗୁଅଛି। ।୦।

କିଏ ଜାଣିଥିଲା ଏତେ ଟିକେ ଘରା
ହୋଇବ ଏତିକି ଦ୍ରୁମ,
ଧୀରେ ଧୀରେ ପରା ସବୁକିଛି ହେବ
ଧୈର୍ଯ୍ୟ ଧରି କଲେ ଶ୍ରମ। ।୧।

ସକାଳ ସୁରୁଜ କେତେ କଅଁଳିଆ
ଦିନକୁ କି ଟାଣ ଖରା,
ସକାଳୁ ଯଦି ସେ ହୋଇଥାନ୍ତା ତେଜ
ଭଲ କି ଦିଶନ୍ତା ଧରା ? ।୨।

Digitized by srujanika@gmail.com

ବଗିଚ୍ଛର ଫୁଲ ମୟୂରର ଚୂଳ

ବଗିଚ୍ଛର ଫୁଲ ମୟୂରର ଚୂଳ
କହୁଅଛି ତା'ର କଥା,
ଫୁଲର ମହକ କୋକିଳର ଡାକ
ଦେଉଛି ତାର ବାରତା। ।୦।

ସାହାସ ବିଶ୍ୱାସ ଭରସା ଉତ୍ସାହ
ପୁରିଅଛି ତା'ର ଘରେ,
ଆହୁରି ପୁରିଛି ଆଶା ଉଦ୍ଦୀପନା
ମନ ପ୍ରାଣ ଶରୀରରେ।
ଏ ଜୀବନ କେବେ ନୁହେଁ ବିତିବାକୁ
ଜଡତା ଆଳସ୍ୟେ ଥାଇ।୧।

ସାଧନା ଆମର ବିତିବ ଶ୍ରମରେ
ଯେଉଁ ଶ୍ରମ ତାଙ୍କ ପାଇଁ।
ଆମରି ସାଥୀରେ ଛାଇପରି ହୋଇ
ଅଛନ୍ତି ସେ ପାଶେପାଶେ,
ଆମରି ସାଧନା ଆମ ପରିଚୟ
ଆମରି ମାଆ ପରା ସେ। ।୨।

Digitized by srujanika@gmail.com

ସାଥୀ

କିଏ ହେବ ମୋର ସାଥୀ

କିଏ ହେବ ମୋର ସାଥୀ
ଯା' ସହିତେ ମୋର ସବୁତକ କାଳ ସହଜରେ ଯିବ ବିତି । ।୦।

ମୋର ହସ ସଙ୍ଗେ ହସକୁ ମିଳାଇ ହସି ପାରୁଥିବ ଯିଏ
କାନ୍ଦିଲା ବେଳରେ ଟିକିଏ ହେଲେ ବି କାନ୍ଦିବ ନାହିଁ ସିଏ
ମୋ ରଥେ ହେବ ସାରଥୀ
ଯା' ସହିତେ ମୋର ସବୁତକ କାଳ ସହଜରେ ଯିବ ବିତି । ।୧।

ମୋ ଚଲା ପଥର କଣ୍ଟା ଝଣ୍ଟା ସବୁ ସଫା ସେ କରିବ ନାହିଁ
ସେଇ ପଥପରେ ଚାଲିବା ପାଇଁକି ଉପାୟ ଦେବ ବତାଇ
ସାହସ ଦେବ ସେ ନିତି
ଯା' ସହିତେ ମୋର ସବୁତକ କାଳ ସହଜରେ ଯିବ ବିତି । ।୨।

ସବୁଠାରୁ ବେଶୀ ଆଶା ଭରସାର ବିଶ୍ୱାସ ଦେବ ମନେ
ବିଫଳତା କେବେ ନୁହେଁ ପରାଜୟ ଶିଖାଇବ କାନେ କାନେ
ହେଉ ଦିବା ଅବା ରାତ୍ରୀ
ଯା' ସହିତେ ମୋର ସବୁତକ କାଳ ସହଜରେ ଯିବ ବିତି । ।୩।

Digitized by srujanika@gmail.com

ସଂସାର ପଥରେ ଚାଲୁଥିବା ବେଳେ ପଢ଼ିବାର ପ୍ରୟୋଜନ
ଲୋଡ଼ା ଅଛି ବୋଲି ଅତି ସହଜରେ ଦେବ ସିଏ ଏହି ଜ୍ଞାନ
ପୁଣି ଦେବ ଅନୁଭୂତି
ଯା' ସହିତେ ମୋର ସବୁତକ କାଳ ସହଜରେ ଯିବ ବିତି । ।୪।

ଅନ୍ଧକାର ଯେତେ ଗାଢ଼ ହେଲେ ବି ସବୁ ବେଳେ ଥିବ ନାହିଁ
ଆଲୋକ ଆସିବ ଅବଶ୍ୟ ଆସିବ କହୁଥିବ ରହି ରହି
ଧୈର୍ଯ୍ୟ ଦେଉଥିବ ନିତି
ଯା' ସହିତେ ସବୁତକ କାଳ ସହଜରେ ଯିବ ବିତି । ।୫।

ସିଏ ହେବ ମୋର ସାଥୀ ।
ଡା' ସହିତେ ମୋର ସବୁତକ କାଳ ଆନନ୍ଦରେ ଯିବ ବିତି ।

Digitized by srujanika@gmail.com

ମୋର ଏ ଜୀବନ

ମୋର ଏ ଜୀବନ ହେଉ ନିବେଦନ
ତୁମରି ସ୍ମରଣ ଜଣାଉ ସ୍ପନ୍ଦନ
ଚାଲୁଥାଏ ସଦା ଆଗକୁ ଆଗକୁ
ଜାଗୁ ମୋ ମନରେ ନିଶା
କେବଳ ତୁମର ଇଚ୍ଛା ପୂର୍ଣ୍ଣ ହେଉ
ଏତିକି ହିଁ ମୋର ଆଶା । ।୦।

ହୃଦୟ ତୁମର ଆକାଶଠୁ ବଡ଼
ସାଗରଠୁ ବଡ଼ ପରା ତୁମ କୋଳ
ତୁମ ସ୍ନେହ ଯଦି ଅଛି ମୋର ପାଶେ
ଡର କିଆଁ ଅମା ନିଶା । ।୧।

ତୁମେ ଯଦି ଅଛ ଆଉ ସବୁ ଅଛି
ତୁମକୁ ଚାହିଁଲେ ସବୁ ଦିଶୁଅଛି
ଭାବି ତୁମ କଥା କରେ ତୁମ କାମ
ତୁମେ ମୋ ଅନ୍ତର ଭାଷା । ।୨।

Digitized by srujanika@gmail.com

ପ୍ରଭାତ ଅରୁଣ

ପ୍ରଭାତ ଅରୁଣ ଢ଼ାଳିଦିଏ ତା'ର
ଶୁଭ୍ର କରୁଣା ଧାରା
ଆମେ ବି ତା'ପାଇଁ କରିଛୁ ପ୍ରତୀକ୍ଷା
ପାଇ ତାହାର ଇସାରା । ।୦।

ସୁଲୁସୁଲୁ ବାଆ ବହିଆଣେ ପରା
ବାର୍ତ୍ତା ଦୃଢ଼ ବିଶ୍ୱାସର
ମୁକ୍ତ ଗଗନ ଢ଼ାଳିଦିଏ କେତେ
ଆଶ୍ୱାସନାର ନୀର । ।୧।

ପକ୍ଷୀର କାକଳି କର୍ଣ୍ଣରେ ଦିଏ
ଶୁଭ ଦିବସ ବାରତା
ହୃଦୟରେ ସଦା ରହିଥାଅ ତୁମେ
ହୋଇ ସୁବୁରି କରତା । ।୨।

ତୁମରି ପାଇଁକି ଆସିଛୁ ସଂସାରେ
ତୁମରି ଆଶିଷ ଧରି
ପାଳୁଥିବୁ ସଦା ତୁମରି ଆଦେଶ
ତୁମରି ନାମକୁ ସ୍ମରି । ।୩।

Digitized by srujanika@gmail.com

ରାତିଗଲା ପାହି

ରାତିଗଲା ପାହି ସକାଳ ହୋଇଲା
କବାଟ ଫିଟାଇ ଦେଖେ
କିଏ ଜଣେ କାଲି କବାଟରେ ମୋର
ଡାକୁଥିଲା ସେଇ ଫାଙ୍କେ ।
ଯେତେ ମୁଁ ଖୋଜିଲି ଯାହାକୁ ଭେଟିଲି
ସଭିଏଁ କହିଲେ ନାହିଁ
ବୁଲିବୁଲି ଯାଇ ମନ ଦୁଃଖେ ମୋର
ବିଛଣାରେ ଗଲି ଶୋଇ । ।୦।

ସପନରେ ଆସି କହିଗଲ ମୋତେ ମନଦୁଃଖ କରୁ କିଆଁ
ଚାଲିଗଲି ଥରେ ପୁଣି ଆସିବି ହେବି ମୁଁ ତୋ ପାଶେ ଠିଆ ।
ଭାଙ୍ଗିଗଲା ନିଦ ଛିଡାହେଲି ଉଠି ଅନୁଭବ କଲି ନିଜେ
ଦେଇଅଛ ମୋତେ ସାହସ ଶକତି ଲାଗିଥିବି ତୁମ କାର୍ଯ୍ୟେ । ।୧।

ଜୀବନରେ ଯେବେ ସାଥୀ ଖୋଜୁଥିଲି ନିଃସଙ୍ଗତା ଥିଲା ସାଥୀ
ତୁମପରି ଜଣେ ସାଥୀ ମିଳିଗଲେ ପାହିଯାଏ ଦିନରାତି ।
ବୁଜିଦେଲେ ଆଖି ଦେଖିଲି ତୁମକୁ କଳପନା ସ୍ୱପନରେ
ଚେଇଁଥିଲେ ସବୁ ଭିତରେ ଦେଖିଲି ଦୃଷ୍ଟି ଗଲା ଯେଉଁଠାରେ । ।୨।

ତୁମେ ଯହିଁ ଅଛ ସେଠାରେ ମୁଁ ଅଛି ଯହିଁ ନାହଁ ମୁହିଁ ନାହିଁ
ତୁମେ ମୋର ସଙ୍ଗେ ଛାଇପରି ଅଛ ତରୀ ମୋ ନେଉଛ ବାହି ।
ଏବେ ମୁଁ ଭାବୁଛି କାହିଁକି କେଜାଣି ମଣିଷ ଖୋଜଇ ସାଥୀ
ପାଇଗଲେ ଥରେ ତୁମ ପରି ବନ୍ଧୁ ମିଳିଯାଏ ସବୁକିଛି । ।୩।

Digitized by srujanika@gmail.com

ତୁମକୁ ଚିହ୍ନିବା

ତୁମକୁ ଚିହ୍ନିବା କେତେ ଯେ କଷ୍ଟ
ଚିହ୍ନିଛି ଯିଏ ସେ ଜାଣେ
ତୁମକୁ ପାଇବା ଆହୁରି ଅସାଧ
କୋଟିକରେ ପାଏ ଜଣେ । ।୦।

କାହିଁକି ନା ଆମେ ଖୋଜୁଛୁ ତୁମକୁ
ବାହାରେ ବାହାରେ ଯାଇ
ତୁମେ କିନ୍ତୁ ଆମ ଅନ୍ତରରେ ପରା
ଅଛ ଜାଗ୍ରତରେ ରହି । ।୧।

ତୁମକୁ ଖୋଜିବା ଆମ ପାଇଁ ଯଦି
ସାଧାରଣ କାମ ହୁଏ ।
ସାଧାରଣ କାମ ଅନୁରୂପ ପୁଣି
ଫଳ ତା'ର ମିଳିଥାଏ । ।୨।

ଜୀବନଟା ଆମ ହୁଏ ଯଦି ବୃଥା
ତୁମକୁ ନ ଖୋଜିବାରେ
ତେବେ ଏ ଜୀବନ ହୁଅଇ ଯଥାର୍ଥ
ତୁମ ଚରଣ ସେବାରେ । ।୩।

Digitized by srujanika@gmail.com

ଯଦି କେବେ ତୁମେ

ଯଦି କେବେ ତୁମେ ହେବ ପ୍ରକାଶିତ
ଏଇ ଧରାମାଟି ପରେ
ଯଦି କେବେ ତୁମେ ହେବ ବିକଶିତ
ଫୁଟିଲା ଫୁଲ ଭିତରେ । ।୦।

ମନର କଳ୍ପନା ପ୍ରାଣର ବାସନା
ଶରୀର ଜଡ଼ ଚେତନା
ଚିହ୍ନିକି ପାରିବ ତୁମକୁ 'ମା' ହେ
ଅଜ୍ଞାନ ଅଚେତନାରେ ?
ସତରେ କି ତୁମେ ନୁହଁ ପ୍ରକାଶିତ
ଆମେ ଯା ପାରୁନୁ ଦେଖି
କରୁଣା ତୁମର ବରଷୁ ନାହିଁକି
ଆମରି ଅଜାଣତରେ ? ।୧।

ଆମ ମନକଥା କହିବା ପାଇଁକି
ଆମେ ଯା' ଖୋଜୁଛୁ ସାଥୀ
ଶୁଣିବା ପାଇଁକି କାନ ଡେରିଥାଅ
ତୁମେ ପରା ଦିନରାତି
ତୁମକୁ ନଖୋଜି ଆନରେ ଖୋଜୁଛୁ
ଆନରେ କରି ଭରସା
ଆଉ ଯଦି କେହି ଦେଉଥାନ୍ତା ଆଶା
କଷ୍ଟ କିଆଁ ଏ ସଂସାରେ ? ।୨।

Digitized by srujanika@gmail.com

ଆମର ଶକତି କାହିଁ

ଆମର ଶକତି କାହିଁ ତୁମକୁ ଚିହ୍ନିବା ପାଇଁ
ତୁମ ପରି ତୁମେ ଏକା ଜଗତେ ଆଉ କେ ନାହିଁ । ।୦।

ତୁମେ ପରା ଶକ୍ତି ମୁକ୍ତି ତୁମେହିଁ ତ ଦିବ୍ୟଜ୍ୟୋତି
ତୁମେ ତ ଆନନ୍ଦ ଶାନ୍ତି ଅପରୂପ ଦିବ୍ୟକାନ୍ତି ।
ତୁମେ ଜଳ ତୁମେ ସ୍ଥଳ କିଏବା ମାପି ପାରଇ
ତୁମପରି ତୁମେ ଏକା ଜଗତେ ଆଉକେ ନାହିଁ । ।୧।

ତୁମେ ମୋ ପ୍ରାଣର ପ୍ରିୟ ତୁମେ ମୋ ଆତ୍ମାର ସାଥୀ
ଆଶା ଭରସା ମୋହର ସବୁରହିଁ ତୁମେ ସ୍ଥିତି ।
ତୁମେ ଶୂନ୍ୟ ତୁମେ ପୂର୍ଣ୍ଣ କିଏବା ମାପି ପାରଇ
ତୁମପରି ତୁମେ ଏକା ଜଗତେ ଆଉକେ ନାହିଁ । ।୨।

Digitized by srujanika@gmail.com

ତୁମେ ପରା ମୋ ସାଥୀ

ତୁମେ ପରା ମୋ ସାଥୀ
 ମୋ ରଥର ସାରଥୀ
ତୁମରି ସହିତ ଦିବାରାତି
 ସହଜରେ ମୋର ଯାଏ ବିତି । ।୦।

ମୋ ପଥରେ ଯେତେ
 ବାଧା ଅସୁବିଧା
କେବେହେଲେ ଥରେ
 କରିନାହଁ ସଫା ।
ବତାଇ ଦେଇଛ ବାଟ
 ଚାଲିବାକୁ ତା'ସହ ନିତି ନିତି । ।୧।

ମୁଁ ହସିଲେ ପରା
 ହସୁଥାଅ ତୁମେ
କାନ୍ଦିଲେ କିମ୍ବାଇ
 କାନ୍ଦ ନାହଁ କେବେ
ସାହସ ଦେଇଛ ସଦା
 ଦେଇଅଛ ତ ଅନୁଭୂତି । ।୨।

Digitized by srujanika@gmail.com

ଯାତ୍ରା ଆମର କାହିଁ କେତେ ଦୂର
ଦିଗ୍‌ବଳୟ ପାଶେ ତୀକ୍ଷ୍ଣ ପାହାଡ଼
କେତେ ମରୁ କେତେ ସବୁଜ ପ୍ରାନ୍ତର
କାହିଁ ବା ଆଲୋକ କାହିଁ ଅନ୍ଧକାର
ପଡ଼ିବାନି ଆମେ ଥକି
ଆମେରେ ଦୁର୍ଜୟ ପଥର ଯାତ୍ରୀ ।

Digitized by srujanika@gmail.com